

ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଷଷ୍ଠ ବର୍ଷ, ଦ୍ୱିତୀୟ ସଂଖ୍ୟା, ରଥଯାତ୍ରା ବିଶେଷାଙ୍କ, ଜୁଲାଇ ୨୦୧୧

# ଆହ୍ୱାନ

## The Aahwaan

ପ୍ରତିଷ୍ଠାତା ଓ ସଂପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

(ଏମ୍ ବି ବି ଏସ୍, ପି ଜି ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍ )

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପ୍ରଚ୍ଛଦ ପଟର କଳାକାର

ଚଳିତ ସଂସ୍କରଣର ପ୍ରଚ୍ଛଦ ଛବିଆଙ୍କିବାରେ ଆମକୁ ସାହାଯ୍ୟ କରିଛନ୍ତି ବନ୍ଧୁ ଶ୍ରୀ ନିରଞ୍ଜନ ଦାଶ । ବିଭିନ୍ନ ପ୍ରକାର ଚିତ୍ରକଳାରେ ନୈପୁଣ୍ୟତା ହାସଲ କରିଥିବା ନିରଞ୍ଜନ ଚିତ୍ର କଳାର ସେବାରେ ସର୍ବଦା ନୂତନତ୍ୱର ଆବିଷ୍କାର ପାଇଁ ଉଦ୍ୟମରତ । ସଂପ୍ରତି ସେ ଝାଡଖଣ୍ଡର ସେରାଇକେଲା ଜିଲ୍ଲା ଅନ୍ତର୍ଗତ ଖରସାୱାନ ଗଡରେ ରହୁଛନ୍ତି । ଏବଂ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ଚିତ୍ରକଳାର ଶିକ୍ଷା ଦେଉଛନ୍ତି ।

ଉତ୍କଳର ଦେବତା ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ପ୍ରକାଶିତ ହେବାକୁ ଥିବା ଆହ୍ୱାନର ନୂତନ ସଂସ୍କରଣ ନିମନ୍ତେ ଚିତ୍ରଟିଏ ଆଙ୍କିଦେବାପାଇଁ ଅନୁରୋଧ କରିବାପରେ ସସ୍ନେହେ ସେ ଏହାକୁ ଗ୍ରହଣ କରି ଆମ ନିକଟକୁ ପଠାଇଥିଲେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚିତ୍ର ସମ୍ବଳିତ କେତୋଟି କୃତି, ସେ ସବୁ ମଧ୍ୟରୁ ଗୋଟିଏକୁ ନେଇ ଆମେ ପ୍ରକାଶ କରିଛୁ ଚଳିତ ମାସର ଆହ୍ୱାନ ପତ୍ରିକାର ପ୍ରଚ୍ଛଦପଟ ।



ପ୍ରଚ୍ଛଦ ପାଇଁ ଛବି ଦେଇଛନ୍ତି ନିରଞ୍ଜନ ଦାସ ଏବଂ ଆହ୍ୱାନ ୱେବ୍ ଷ୍ଟୁଡିଓରେ ଏହାକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ପ୍ରକାଶ କରାଯାଇଛି । ନିରଞ୍ଜନଙ୍କ ପ୍ରଚେଷ୍ଟା ନିମନ୍ତେ ସମସ୍ତ ପାଠକ ପାଠିକା ମାନଙ୍କ ତରଫରୁ ମୁଁ ସାଧୁବାଦ ଓ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।



ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ
ଆହ୍ୱାନର ଏହି ସଂସ୍କରଣ ଅର୍ପଣ କରିଦେଉଛି

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସୂଚୀପତ୍ର


ପ୍ରଚ୍ଛଦ ପଟର କଳାକାର - ୩

ସୂଚୀପତ୍ର - ୫

ସଂପାଦକୀୟ (ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ) - ୬

ଭାବଭୋଳା ଭଗବାନ (ଡା ତୀର୍ଥାନନ୍ଦ ମିଶ୍ର) - ୧୧

ସର୍ପଜଣାଣ (କବିସୂର୍ଯ୍ୟ ବଳଦେବ ରଥ) - ୧୭

ପୁରୀ -ପ୍ରଭାତ - ଭାସମାନ ଦାରୁ (ମନୋଜ ଦାସ) - ୧୮

ପୁରୀ - ଅପରାହ୍ନ - ଆବିଷ୍କାର (ମନୋଜ ଦାସ) - ୧୯

ଅସଂପୂର୍ଣ୍ଣ (ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର) -୨୦

ମହାକାଳ (ରାଜୀବ କୁମାର ବିଶ୍ୱାଳ) -୨୧

ବିଚିତ୍ର ନାବ (ନିରୁପମା ମହାନ୍ତି) -୨୨

ଚିନ୍ତା ଓ ଚିତା (ନିରୁପମା ମହାନ୍ତି) - ୨୩

ପ୍ରତିଶୋଧ (କୁମାରୀ କଳ୍ପନା ମାର୍ଥା) -୨୪

ମାଆର ମମତା (ଚନ୍ଦ୍ର ଶେଖର ବିଶ୍ୱାଳ) -୨୭

ତିନୋଟି ଜଣାଣ (ଉଦୟନ ସୂପକାର) -୨୮

ସୁବାଷ ତୁମେ ସଦା ଅନନ୍ୟ(ପଣ୍ଡିତ ବିଜୟ କୁମାର ତ୍ରିପାଠୀ) - ୩୦

ବୋଉ ଓ ବୋହୂ (ଶ୍ରୀ ବିପିନ ବିହାରୀ ବିଶ୍ୱାଳ) - ୩୧

ସାହିତ୍ୟ ଓ ସମାଜ (ଡା ଗୌରୀ ପ୍ରସାଦ ମହାପାତ୍ର) - ୩୪

ଅପ୍ରତିଦ୍ୱନ୍ଦୀ (ଦୟାନିଧି ତ୍ରିପାଠୀ) - ୩୮

ବିରହ ବେଦନା (ସ୍ମୃତି ରଞ୍ଜନ ନାଥ) - ୪୪


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସାରିଆ ଅପା କଣ ଜେଲ ଯିବ ?(ଚନ୍ଦ୍ର ଶେଖର ବିଶ୍ୱାଳ) - ୫୦

ସେ ଲୋକଟା କିଏ ?(ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ) - ୫୨

ଏକା ଜଗନ୍ନାଥ ଭରସା (ଡଃ କୁଳାଙ୍ଗାର) - ୫୮

ହେଁସ କାହିଁପାଇଁ ଧୋଇବା(ଶ୍ରୀମାନ୍ ଉମାଶଙ୍କର ପୁରୋହିତ (ମଳକଣ୍ଟକ)) - ୬୧

ଯେସାକୁ ତେସା (ଚନ୍ଦ୍ର ଶେଖର ବିଶ୍ୱାଳ) - ୬୪

ଆମ ଗାଁ ହାଲଚାଲ (ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ) - ୬୭

ଏକକ ପରିବାର (ନ୍ୟୁକ୍ଲିଆର ଫ୍ୟାମିଲି) ଆମର ଭବିଷ୍ୟତ !!! - ୭୪

ପେଟ୍ରୋଲ ଲିଟର ୬୪ ଟଙ୍କା, କଣ କରିବ ଆମ ଆଦମୀ??? - ୭୬

ଜବତ ହେଉଥିବା ଅର୍ଥ ଯାଏ କେଉଁଆଡେ - ୭୮

ଆମ ଶିକ୍ଷା ବ୍ୟବସ୍ଥା ଦୁର୍ବଳ କାହିଁକି ? - ୮୦

ଶିଶୁ ଶ୍ରମିକ ପ୍ରଥା ଓ ଆମେମାନେ - ୮୨

ସୁରଥଯାତ୍ରା ଓ ଗଞ୍ଜାମର ଅର୍ଥନୀତି - ୮୪

ଜଗନ୍ନାଥ ଭଜନ ସଂଗ୍ରହ - ୮୭-୯୫

ତୁଳସୀ ମହାତ୍ମ୍ୟ (ତୁଳସୀଙ୍କ ପୂର୍ବ ଇତିହାସ) - ୯୭

ପବିତ୍ର ଶାମ୍ବ ଦଶମୀର ଇତିହାସ - ୧୦୦

ବିଶେଷ ସୂଚନା - ୧୦୨

ଲେଖା ପଠାଇବେ କେମିତି - ୧୦୩

ଶେଷ ପୃଷ୍ଠା (ବିଜ୍ଞାପନ ସୂଚନା) - ୧୦୪


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।



# ସଂପାଦକୀୟ

ରଥଯାତ୍ରା, ଉତ୍କଳୀୟ ସଂସ୍କୃତିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟ ଏବଂ ଅଦ୍‌ଭୁତ ଯାତ୍ରା, ଭକ୍ତ ପାଇଁ ଭଗବାନଙ୍କ ମନ୍ଦିର ବାହାରକୁ ଆସି ଲୀଳା କରିବାର ଯାତ୍ରା, ନିଜର ଦର୍ଶନ ଦ୍ୱାରା ଜନମାନସରୁ ସକଳ ପାପ ତାପ ହରଣ କରିବାର ଯାତ୍ରା, ଘୋଷଯାତ୍ରା, ଶ୍ରୀ ଜଗନ୍ନାଥଙ୍କର ସର୍ବଶ୍ରେଷ୍ଠ ଯାତ୍ରା ସଂପ୍ରତି ଅବତୀର୍ଣ୍ଣ । ବିଶ୍ୱ ଦରବାରରେ ଓଡିଆ ହେବାର ନିଦର୍ଶନ ଏହି ଯାତ୍ରା ସମକକ୍ଷ କୌଣସି ପାରଂପରିକ, କିମ୍ବା ସାମାଜିକ ଉତ୍ସବ ଜଗତରେ ନାହିଁ । କୋଟି କୋଟି ଜନତାଙ୍କ ହୃଦୟରେ ବିରାଜିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥାରୂଢ ବେଶକୁ ଦର୍ଶନ କରିବାର ଅଭିଳାଷାକୁ ପୂରଣ କରୁଥିବା ଏହି ଯାତ୍ରାର ମହାତ୍ମ୍ୟ ଅବର୍ଣ୍ଣନୀୟ ।

ରଥେ ତୁ ବାମନଂ ଦୃଷ୍ଟ୍ୱା,
ପୁନର୍ଜନ୍ମଂ ନ ଲଭତେ ॥

ମନ୍ତ୍ରକୁ ସଫଳ କରାଇବାର ଦୁର୍ବାର ଅଭିଳାଷା ମଣିଷକୁ ଟାଣି ନେଇଥାଏ ଶ୍ରୀକ୍ଷେତ୍ରକୁ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥରେ ଦର୍ଶନ କରିବା, ରଥର ଦଉଡିକୁ ଅଷ୍ଟରେ ଭିଡି ରଥ ଟାଣିବା, ରଥ ଚକାତଳେ ଜୀବନ ହାରିଦେବା

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଭଳି ଅଦ୍ୱିତୀୟ ଭକ୍ତି ନୈବେଦ୍ୟ ଅନ୍ୟ କୌଣସି ଠାରେ ଦେଖିବାକୁ ମିଳେନାହିଁ । ବିଗତ କେଇ ଶତାବ୍ଦୀ ପୂର୍ବେ ଇଂରେଜ ସାହେବ ମାନେ ଜଗନ୍ନାଥଙ୍କୁ ଇଂରେଜୀରେ ଜଗର୍ନାଟ ବା ଏପରି ଏକ ଅନ୍ଧବିଶ୍ୱାସ ବୋଲି କହିଥିଲେ, ଯାହାଦ୍ୱାରା ଜଣେ ନିଜେ ସ୍ୱଇଚ୍ଛାରେ ରଥ ଚକତଳେ ଜୀବନ ହାରିଦେବାପାଇଁ ଆଗଭର ହୋଇଯାଏ । ଏଠି ଜୀବନ ହାରିଦେବାଠାରୁ ଅଧିକ ଥାଏ ଭକ୍ତି, ଭଗବାନଙ୍କ ତତ୍ୱରେ ଲୀନ ହେବାର ଦୁର୍ବାର ଅଭିଳାଷା ।

ସେ ଯା ହେଉ, ଭକ୍ତପାଇଁ ଭଗବାନ ରାଜଦାଣ୍ଡରେ ଲୀଳାଖେଳା କରନ୍ତି, କେବଳ ଶ୍ରୀକ୍ଷେତ୍ରରେ । ଜଗତର ନାଥ ସାଧାରଣ ମନୁଷ୍ୟ ସଦୃଶ ରଥାରୂଢ ହୋଇ ନିଜ ମାଉସୀ ମା ଘରକୁ ଗମନ କରନ୍ତି । ଭଗବାନଙ୍କ ଏହି ଲୀଳା ଦର୍ଶନ କରିଥିବା ପ୍ରତ୍ୟେକ ପ୍ରାଣୀ ଜନ୍ମଜନ୍ମାନ୍ତରକୁ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ ।  ସେହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଭେଟି ଦେଉଛି ରଥଯାତ୍ରା ଉପଲକ୍ଷେ ପ୍ରକାଶିତ ଆହ୍ୱାନ ପତ୍ରିକାର ଏହି ବିଶେଷ ସଂକଳନ । ବିଗତ ବର୍ଷ ରଥଯାତ୍ରାରେ ମଧ୍ୟ ଅନୁରୂପ ସଂକଳନ ପ୍ରକାଶିତ ହୋଇଥିଲା, ଚଳିତ ବର୍ଷ ଏହା ଆହୁରି ରୁଦ୍ଧିମନ୍ତ ଏବଂ ଉନ୍ନତ ହୋଇପାରିଛି ବୋଲି ମୁଁ ଭାବୁଛି ।

ଚଳିତ ସଂସ୍କରଣରେ ଓଡିଶାର କେଇଜଣ ଲବ୍ଧ ପ୍ରତିଷ୍ଠିତ ଲେଖକ ମାନଙ୍କ କୃତିକୁ ସ୍ଥାନ ଦିଆଯାଇଛି । ଏହା ସହିତ କିଛି ନବାଗତ ମାନଙ୍କ ଲେଖାକୁ ମଧ୍ୟ ପ୍ରକାଶ କରାଯାଇଛି । ଚଳିତ ସଂସ୍କରଣର ପରିପ୍ରକାଶନରେ ସହାୟତା ଦେଇଥିବା ହେତୁ ମୁଁ ଫେସ୍‌ବୁକ୍‌ରେ ଥିବା ମୋର ସମସ୍ତ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଉଛି । ବିଶେଷ କରି ଶ୍ରୀ ଚନ୍ଦ୍ର ଶେଖର ବିଶ୍ୱାଳଙ୍କ ବିଷୟରେ କହିବାକୁ ଉଚିତ ମନେ କରୁଛି, ବାଣୀବିହାର ବିଶ୍ୱବିଦ୍ୟାଳୟର କଂପ୍ୟୁଟର ବିଭାଗରେ ଅଧ୍ୟୟନରତ ଶ୍ରୀ ବିଶ୍ୱାଳ ଆହ୍ୱାନ ଚଳିତ ସଂସ୍କରଣ ପାଇଁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବହୁତ ଚେଷ୍ଟା କରିଛନ୍ତି । ଭୁବନେଶ୍ୱରରେ ବୁଲି ବୁଲି ସେ ବିଭିନ୍ନ ଲେଖକ ମାନଙ୍କ ନିକଟରୁ ଲେଖା ସଂଗ୍ରହ କରିବା ସହିତ କେନ୍ଦ୍ରାପଡାରୁ ମଧ୍ୟ ଲେଖା ସଂଗ୍ରହ କରି ପଠାଇଛନ୍ତି ।

ସୁଦୂର ପଣ୍ଡିଚେରୀରୁ ବନ୍ଧୁ ଶ୍ରୀ ସମୀର ରଞ୍ଜନ ଦାସ ମଧ୍ୟ ଏହି ପତ୍ରିକା ପାଇଁ ଅନେକ ସାହାଯ୍ୟ କରିଛନ୍ତି । ଓଡିଶାର ବିଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ କବିତା ଏହି ପତ୍ରିକାରେ ପୃଷ୍ଠ ମଣ୍ଡନ କରିବା ପଛରେ ସମୀରଙ୍କ ପ୍ରଚ୍ଛନ୍ନ ସାହାଯ୍ୟ ରହିଛି । ନିଜର ଦୁଇଟି କବିତାକୁ ଆମ ପତ୍ରିକାରେ ପ୍ରକାଶିତ କରିବାପାଇଁ ଅନୁମତି ଦେଇଥିବା ହେତୁ ଆମେ ଓଡ଼ିଶାର ବିଖ୍ୟାତ ସାହିତ୍ୟିକ ଶ୍ରୀ ମନୋଜ ଦାସଙ୍କ ପାଖରେ ଚିର କୃତଜ୍ଞ ହୋଇ ରହିବୁ ।

ଓଡିଆ ଭାଷାରେ ଏକ ପତ୍ରିକା ପ୍ରକାଶ କରିବାର ଧୃଷ୍ଟତା କରିଛି । ନିଶ୍ଚୟ ଏହାର ସ୍ଥଳ ବିଶେଷରେ ଭୁଲ ଭଟକା ରହିବା ସ୍ୱାଭାବିକ, ତେଣୁ ଆବଶ୍ୟକ ସ୍ଥଳେ ନିଜେ ଏହାର ବନାନ ଓ ଭୁଲକୁ ଅଣଦେଖା କରି ପତ୍ରିକାର ଉନ୍ନତି ସକାଶେ ନିଜର ମନ୍ତବ୍ୟ ଆମ ନିକଟକୁ ପଠାଇବେ । ଶେଷରେ ଏହି ଆଶା କରୁଛି ଯେ ବିଗତ ସମସ୍ତ ସଂସ୍କରଣ ପରି ଚଳିତ ସଂସ୍କରଣ ମଧ୍ୟ ପାଠକ ପାଠିକା ମାନଙ୍କ ମଧ୍ୟରେ ଆଦୃତ ହେବ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଉପସ୍ଥାପନ କରୁଛି ଜୁଲାଇ ୨୦୧୧ ର ଏହି ବିଶେଷ ରଥଯାତ୍ରା ସଂସ୍କରଣ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ସଂପାଦକ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠ ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିଶେଷ କଥନ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଭାବଭୋଳା ଭଗବାନ

ଡ ତୀର୍ଥାନନ୍ଦ ମିଶ୍ର

ଭଗବାନ ଭାବର ଅଧିନ । ମନ୍ତ୍ର, ଯନ୍ତ୍ର, ଉପାସନା, ଜପ, ନିୟମରେ ଯଦି ଭାବ ନଥିବ ତେବେ ଭଗବାନଂକ କୃପାଲାଭ କରିବା ଅସମ୍ଭବ । ଧନ ସଂପତ୍ତି ତଥା ଲୋକବଳ ତାଙ୍କୁ ପ୍ରଭାବିତ କରିପାରେ ନାହିଁ । ବୈଭବ ପ୍ରଦର୍ଶନ ତାଙ୍କ ପାଖରେ ନିରର୍ଥକ ହୋଇଯାଏ । ଶକ୍ତି ତଥା ସାମର୍ଥ୍ୟ ପ୍ରୟୋଗ କରି ତାଙ୍କୁ କେହି କେବେବେଳେ ଆପଣାର କରି ପାରିନାହାନ୍ତି । ରାବଣ, କଂସ, ଦୁର୍ଯ୍ୟୋଧନ ଆଦିଙ୍କ ବିନାଶ ଏହାର ଉଦାହରଣ । ପରମ ପ୍ରେମ ସହିତ ଭାବମୟତାର ହୃଦୟ ନେଇ ତାଙ୍କୁ ଆରାଧନା କଲେ ତାଙ୍କ କୃପା ଅଜାଡି ହୋଇପଡେ । ସେଇଥିପାଇଁ ଷୋଡ଼ଶ ଶତାବ୍ଦୀର ସୁପ୍ରସିଦ୍ଧ ହିନ୍ଦୀ ଭକ୍ତକବି ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ଯଥାର୍ଥରେ କହିଛନ୍ତି, -ରାମ ହି କେବଲ ପ୍ରେମ ପିଆରା । ଭଗବାନ କିଛି ଦେଖନ୍ତି ନାହିଁ । କୁଳ, ଗୋତ୍ର, ବିଦ୍ୟା, ଧନ, ରୂପ ଆଦି ପ୍ରତି ତାଙ୍କର କେବେବେଳେ ହେଲେବି ମୋହ ନଥାଏ । ଭକ୍ତିହୀନ ଶୁଦ୍ଧ ତଥା ମାର୍ଜିତ ଆଚରଣରେ ସେ ବାନ୍ଧି ହେବାର ଦେବତା ନୁହନ୍ତି । ଉଦାହରଣ ଭାବେ ଜାରା ଶବରର ଚରିତ୍ରକୁ ଗ୍ରହଣ କରାଯାଇପାରେ । ଜାତିରେ ଥିଲା, ଅନ୍ତ୍ୟଜ ଶବର । ପ୍ରୀତି ପୂର୍ଣ୍ଣ ଉଚ୍ଚାରଣ ତଥା ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଣାଳୀ ତା ପାଇଁ ଥିଲା ସ୍ୱପ୍ନ । ଭଗବାନ ଶ୍ରୀକୃଷ୍ଣଙ୍କ କୁସୁମ କୋମଳ ପଦଦେଶରେ ବଜ୍ରକଠୋର ତୀର ବିଦ୍ଧ କରିଥିଲା ସେ । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଭଗବାନଙ୍କ ପ୍ରତି ତାର ଭାବମୟ ଆତ୍ମନିବେଦନ ହିଁ ତାଙ୍କୁ ପ୍ରଭୁଙ୍କର କୃପା ପାତ୍ର କରିପାରିଥିଲା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଠିକ ସେହିପରି ବିଦ୍ୟାକୁ ବିଚାରକୁ ନିଆଯାଉ । ବିଦ୍ୟାବାନ ବ୍ୟକ୍ତି ଯଦି ଭାବହୀନ ହୋଇଯାଏ, ତେବେ ଭଗବାନଙ୍କ କୃପା ହୋଇଯାଏ ତାପାଇଁ ଆକାଶ କୁସୁମ ପରି । ଅନର୍ଥକ ବିଦ୍ୟାର ଅହଂକାରରେ ସେ ଆପଣାର ହୃଦୟକୁ ନିବୁଜ କରି ରଖିଥାଏ । ବିଭୁକୃପାର ମଳୟ ପବନ ତା ଭିତରର ଅବରୁଦ୍ଧ କୋଠରୀ ମଧ୍ୟରେ ପ୍ରବେଶ କରିପାରେ ନାହିଁ । ଅପର ପକ୍ଷରେ ବିଦ୍ୟାହୀନ ସରଳ ତଥା ନିରୀହ ଜୀବଟିର ବିନମ୍ର ଆତ୍ମସମର୍ପଣ ତାକୁ ତାର ଅଭିଳଷିତ ସୁଖଦାନ କରେ । ବିଭୁ କୃପାର ଅନୁପମ ମଧୁଝର, କାହିଁ କେଉଁ କୋଣରୁ କ୍ଷରିତ ହୋଇଯାଏ । ହିମାଳୟର ହିମ ଶିତଳ ଗୁହା ତଳୁ ଝରି ଆସେ ଅଳକାନନ୍ଦାର ଅନୁପମ ଅମୃତକ୍ଷରା ଅମ୍ବୁଧାରା । ଉଦାହରଣ ଭାବେ ପୁରାଣର ଗ୍ରାହ କବଳିତ ଗଜର ଚରିତ୍ରକୁ ନିଆ ଯାଇପାରେ । ପରିବାର ସହିତ ଆନନ୍ଦରେ ବରୁଣ ହ୍ରଦରେ ଜଳକ୍ରୀଡା କରୁଥିବା ଗଜକୁ ଯେତେବେଳେ କୁମ୍ଭୀର ଧରିପକାଇଲା, ସେତେବେଳେ ସେ ଆପଣାର ତଥା ପରିବାରର ସକଳ ଶକ୍ତି ବିନିଯୋଗ କରି ଉଦ୍ଧାର ପାଇ ପାରିଲା ନାହିଁ । ଶେଷରେ ଆତ୍ମସମର୍ପଣ ମୁଦ୍ରାରେ ଶୁଣ୍ଢରେ ପଦ୍ମଫୁଲଟିଏ ଟେକିଧରି ଆକୁଳ କଣ୍ଠରେ ଭଗବାନଙ୍କୁ ଯେତେବେଳେ ପ୍ରାର୍ଥନା କଲା, ସେତେବେଳେ ତା ପାଖକୁ ପହଁରି ଆସିଲା କରୁଣା ସାଗରଙ୍କ ଅସୁମାରୀ କରୁଣାଧାରା । ନାଥିଲା ଗଜର ବିଦ୍ୟା ଅଭିମାନ ଅଥବା ଜ୍ଞାନାଭିମାନ । ଅଜ୍ଞ ତଥା ଅଶିକ୍ଷିତ ଭକ୍ତ ପ୍ରତି ଭଗବାନଙ୍କ ଅହେତୁକ କୃପାର ଏହା ଏକ ସାର୍ଥକ ଉଦାହରଣ ।

ବିଭୁକୃପା କେତେବେଳେ ବି ଉଚ୍ଚ କୁଳ ତଥା ବଂଶ ଉପରେ ନିର୍ଭରଶୀଳ ନୁହେଁ । ଭକ୍ତି ବିରହିତ ସଦବଂଶଜ ଅଭିଯାତ ବ୍ୟକ୍ତି କେତେବେଳେ ବି ଭଗବତ୍ କରୁଣା ଲାଭ କରିପାରେ ନାହିଁ । ସେଦିନ ଦୁର୍ଯ୍ୟୋଧନଙ୍କ ଦରବାରରେ ଦୂତ ରୂପରେ ଆସିଥିବା ଶ୍ରୀକୃଷ୍ଣଙ୍କୁ ଖାଦ୍ୟପେୟର ପ୍ରଲୋଭନ ମାମୁ ଶକୁନିଙ୍କ ପରାମର୍ଶରେ ଦେଖାଇଥିଲେ ଦୁର୍ଯ୍ୟୋଧନ । ଲକ୍ଷ୍ୟଥିଲା ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କୁ ତାଙ୍କ ପକ୍ଷ ସମର୍ଥନ କରିବାପାଇଁ ଅନୁରୋଧ କରିବା । କୁଶଳୀ ସୁପକାରଙ୍କ ହସ୍ତରେ ଅନେକ ଅନ୍ନବ୍ୟଞ୍ଜନାଦିର ବ୍ୟବସ୍ଥା କରିଥାନ୍ତି ଦୁର୍ଯ୍ୟୋଧନ । ମାତ୍ର ଚତୁର ଚିନ୍ତାମଣି ଶ୍ରୀକୃଷ୍ଣ ଭକ୍ତିବିରହିତ ବଂଶ ତଥା କୁଳର ଅଭିମାନରେ ଭଳି ଯିବାଭଳି ଚରିତ୍ର ନୁହନ୍ତି । ଦୁର୍ଯ୍ୟୋଧନଙ୍କ ରାଜକୀୟ ମାତ୍ର ହୃଦୟହୀନ ନିମନ୍ତ୍ରଣକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କଲେ ଶ୍ରୀକୃଷ୍ଣ ନିବେଦିଲେ ତାଙ୍କ ମଧ୍ୟାହ୍ନଭୋଜନ ପୂର୍ବରୁ ସ୍ଥିରୀକୃତ ହୋଇସାରିଛି ଧର୍ମାତ୍ମା ବିଦୁରଙ୍କ ଗୃହରେ । ସମସ୍ତଙ୍କୁ ବିସ୍ମୟ ଚକିତ କରି ଭଗବାନ ଚାଲିଲେ ଦାସୀପୁତ୍ରଙ୍କ ଭକ୍ତିପୂତ କୁଟୀରକୁ । ଶ୍ରଦ୍ଧା ତଥା ଭକ୍ତି ନିବେଦିତ ଶାଗପଖାଳକୁ ସେହିଠାରେ ଗ୍ରହଣ କଲେ ଭାବଗ୍ରାହୀ ଭଗବାନ । ବଂଶ ଏବଂ ଜାତିର ଅଳିକ ଅଭିମାନ କାହିଁ କେଉଁଠି ଲୁଚିଲା । ଭାବ ଓ ଭକ୍ତିର ଧନରେ କିଣା ହୋଇଥିବା କାଳିଆ ଠାକୁର ଅଭିମାନ ବିଜଡ଼ିତ କୁଳ ଆଉ ବଂଶ ମର୍ଯ୍ୟାଦା କୁ ଅସ୍ୱୀକାର କରି ଭକ୍ତର କଲ୍ୟାଣକାରୀ ହେଲେ ।

ଉଦ୍ଧତ ଅହମିକା ଉଦ୍‌ଭାସିତ ଅନୁଗମ ରୂପସଂପଦ କେତେବେଳେ ହେଲେ ବି ଆକର୍ଷଣ କରିପାରେ,

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନାହିଁ ଭଗବାନଙ୍କ ହୃଦୟକୁ । କାରଣ ସକଳ ସୌନ୍ଦର୍ଯ୍ୟ ତଥା ରୂପସମ୍ଭାରର ସେ ତ ଆଧାର । ସେ ରୂପ ଭିତରେ ଖୋଜୁଥାନ୍ତି ଭାବ, ଭ୍ରମର ଫୁଲ ଭିତରୁ ମଧୁ ଖୋଜିଲା ପରି । ଯେଉଁଠାରେ ତାହା ପାଇଯାଆନ୍ତି ସେଠାରେ ଲାଖିଯାଆନ୍ତି । ବ୍ରଜର ଗୁଆଳିମାନଂକ ନିକଟରେ ଥିଲା ନିରୀହ ଭାବରସ ଜୁଡୁବୁଡୁ ସରଳ ତଥା ସଦ୍‌ଭାବ ସୁନ୍ଦର ରୂପସଂପଦ । ଭାବବିନୋଦିଆଙ୍କ ତେଣୁ ଅତିଶ୍ରୟ ପ୍ରୀତିଭାଜନ ହୋଇଥିଲେ ସେମାନେ, ସେଇଥିପାଇଁ ଭକ୍ତି ସୂତ୍ରକାରଗଣ ଯଥାର୍ଥରେ କହିଛନ୍ତି । ଯଥା ବ୍ରଜ ଗୋପିକାନମ୍ । ମାତ୍ର ରୂପହୀନ ମାନଙ୍କ ପ୍ରତି ଭଗବାନଙ୍କ ଯେ କୃପା ନାହିଁ ସେ କଥା କହିହେବ ନାହିଁ । ସେଦିନ ମଧୁପୁରରେ ଧନୁଯାତ୍ରା ଦେଖିବାପାଇଁ ଗୋପପୁରରୁ ଧନୁଯାତ୍ରାରେ ପହଞ୍ଚିଥାନ୍ତି ବଡ଼ଭାଇ ବଳରାମଙ୍କ ସହ ଭଗବାନ ଶ୍ରୀକୃଷ୍ଣ । ମଥୁରା ଦାଣ୍ଡ ସତେ ଯେପରି ଆନନ୍ଦର ପରିପୂର୍ଣ୍ଣତାରେ ଉବୁଟୁବୁ ହେଉଥାଏ । ସେତେବେଳେ କେଉଁଠିଥିଲା କେଜାଣି ଦୁଇ ଭାଇଙ୍କ ଆଗରେ ମିଳିଗଲା ଏକ କୁରୂପ କାମିନୀ । ପିଠିରେ ଥିବା ଏକ ବୃହଦାକାର କୁଜ ତା ସୌନ୍ଦର୍ଯ୍ୟକୁ ସତେ ଯେପରି ନିରୁତ୍ସାହିତ କରୁଥିଲା । ସର୍ବସାଧାରଣରେ ତାର ବିଦିତ ନାମଟି ଥିଲା କୁବୁଜା । ବୃତ୍ତିରେ କଂସରାଜାଙ୍କ ଗନ୍ଧଘଷଣକାରିଣୀ । କାଖରେ ଚନ୍ଦନପେଢ଼ି, ଭାବବିନୋଦିଆଙ୍କୁ ମିଳିଗଲା ଲୀଳା ରଚନା ପାଇଁ ଅପୂର୍ବ ସୁଯୋଗଟିଏ । ସଙ୍ଗେ ସଙ୍ଗେ ପଚାରିଦେଲେ ତାକୁ କହ କହ କୁବୁଜାତୁ କାହା ଭାରିଜା । ଅଳପ ଲାଜେଇଗଲା କୁରୂପା ରମଣୀଟି । ନିବେଦିଲା, କୁବୁଜ କଳଙ୍କରୁ ଘେନି ହେଲି ଅଶୋଭା । କେହି ଏହି ଘେନି ମୋତେ ନୋହିଲେ ବିଭା । ଭାବଗ୍ରାହୀ ନିକଟରେ ନିଷ୍କପଟ ଉତ୍ତର ପ୍ରଦର୍ଶନର ପ୍ରବଣତା ନାହିଁ, ଅଥବା ଆବରଣର ଆବଶ୍ୟକତା ନାହିଁ । ଆନ୍ତରିକତାର ସହ ଆପଣା ଦୁଃଖ ନିବେଦନ କରିବାର ଅନୁପମ ଉଦ୍ୟମ । ପରେ ପରେ ଶ୍ରୀକୃଷ୍ଣଙ୍କ ଅନୁରୋଧରେ କୃଷ୍ଣ ପ୍ରଥମେ ବଡ଼ଭାଇ ବଳରାମଙ୍କୁ ପରେ ଶ୍ରୀକୃଷ୍ଣଙ୍କୁ ଚନ୍ଦନ ବେଶରେ ସଜାଇଦେଲା ସେ । ଭଗବାନଙ୍କ ଚନ୍ଦ୍ରଉଦିଆ ପରି ରୂପ ଚନ୍ଦନ ଚିତାରେ ଦାଉ ଦାଉ ହୋଇ ଝଟକି ଉଠିଲା । ରଙ୍ଗାଧରରେ ଖେଳିଗଲା କରୁଣା ବିଗଳିତ ଧାରେ ହସ । ଏହାପରେ ଆଶିଷର ବର୍ଷା । ଅଙ୍ଗସ୍ପର୍ଶରେ କୁବୁଜା ହେଲା ଅନୁପମା ସୁନ୍ଦରୀ, ନୟନ ଇନ୍ଦିବର ମୁଖମନ୍ଦାର । କେବଳ ସମର୍ପିତ ଭାବବିଭବ ହେତୁ କୁରୂପା କାମିନୀ କୁବୁଜା ମୁହୂର୍ତ୍ତକରେ ପାଲଟିଗଲା ଭୁବନ ବିମୋହିନୀ ଅପ୍‌ସରୀ । ଜନସମୁଦ୍ର ସମ୍ମୁଖରେ ପ୍ରୀତିପାଇଁ ପୀତାମ୍ବରଙ୍କ ପୀତାମ୍ବରଙ୍କୁ ହିଁ ଆକର୍ଷି ଧରିଲା ସେ । ସେ ସୁଖମଧ୍ୟ ଭଗବାନ ତାକୁ ପ୍ରଦାନ କଲେ । ଭାବଗ୍ରାହୀଙ୍କ ଭାବଦୃଷ୍ଟିରେ ଗୋଟାପଣେ ଭିଜିଗଲା କୁରୂପା କୁବୁଜା । ରୂପନୁହେଁ ଭାବ ହିଁ ସବୁବେଳେ ଆକର୍ଷଣ କରେ ଭାବଭୋଳା ଭଗବାନଙ୍କୁ ।

ଧନ ମାଧ୍ୟମରେ ଭଗବାନଙ୍କୁ କେହି କିଣିପାରନ୍ତି ନାହିଁ । ଧନୀଙ୍କ ବିଳାସ ବୈଭବପୂର୍ଣ୍ଣ ଆଭିଜାତ୍ୟ କେତେବେଳେ ହେଲେ ଭଗବାନଙ୍କୁ ଆକର୍ଷିତ କରିପାରେ ନାହିଁ । ବରଂ ଦରିଦ୍ର ପର୍ଣ୍ଣକୁଟୀରରେ ତାଙ୍କର କୃପାଦୃଷ୍ଟି ପ୍ରସରିଯାଏ । ସେଦିନ ପତ୍ନୀଙ୍କର ଏକାନ୍ତ ତାଡନାରେ ଦୀର୍ଘପଥ ଅତିକ୍ରମ କରି ଜନବସତି

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିରହିତ ଅରଣ୍ୟାଚ୍ଛାଦିତ ସୁଶୀତଳ ପ୍ରାନ୍ତରରେ ଏକାକୀ ରାତ୍ରିଯାପନ କରୁଥାନ୍ତି ଦରିଦ୍ର ବ୍ରାହ୍ମଣ ସୁଦାମା । ଲକ୍ଷ୍ୟ ଶ୍ରୀକୃଷ୍ଣଙ୍କ ସହ ଦ୍ୱାରକାରେ ସାକ୍ଷାତକାର କରି ତାଙ୍କ ନିକଟରେ ନିଜ ଦାରିଦ୍ର୍ୟ ନିବେଦନ କରିବା । ଅତୀତରେ ଗୁରୁକୂଳରେ ବିଦ୍ୟାଧ୍ୟୟନ କରିବା ଅବସରରେ ସନ୍ଦୀପନୀଙ୍କ ଆଶ୍ରମରେ ଶ୍ରୀକୃଷ୍ଣଙ୍କ ସହ ମିଳିତ ହୋଇଥିଲେ ସେ । ଉଭୟଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା ଅନୁପମ ସଖ୍ୟ ଏବଂ ଅନ୍ତରଙ୍ଗ ଆତ୍ମୀୟତା । ଅବସ୍ଥା ଚକ୍ରରେ ଶ୍ରୀକୃଷ୍ଣ ହେଲେ ଦ୍ୱାରକାର ରାଜା ଆଉ ସୁଦାମା ଭିକ୍ଷାଜୀବି ଦରିଦ୍ର ବ୍ରାହ୍ମଣ । ବାରମ୍ବାର ଅନାହାର ତଥା ଦାରିଦ୍ର୍ୟରେ ବିଚଳିତା ସୁଦାମା ପତ୍ନୀ ଥରେ ସ୍ୱାମୀଙ୍କୁ କହିଲେ ଏତେ ବନ୍ଧୁ ବନ୍ଧୁ ବୋଲି କହୁଛ, ଥରେ ଯାଇ ତାଙ୍କ ନିକଟରେ ଆମ ଦୁଃଖ ନିବେଦନ କରନ୍ତ ନାହିଁ । ମାତ୍ର ସ୍ତ୍ରୀଙ୍କର ଏହି କଥା ସୁଦାମାଙ୍କ କର୍ଣ୍ଣରେ ପ୍ରବେଶ କରୁନଥାଏ । ଶ୍ରୀକୃଷ୍ଣଙ୍କ ପ୍ରତି ଅପୂର୍ବ ଭାବରସରେ ନିମଜ୍ଜି ଯାଇଥାନ୍ତି ସେ । ଯେତେବେଳେ କଥା ଅଣଶୁଣା ହେଲା, ପତ୍ନୀ ଘର ଛାଡି ବାପଘର ଯିବାର ଦୁର୍ବାର ଶପଥ କଲେ, ସେତେବେଳେ ବାଧ୍ୟହୋଇ ଇଚ୍ଛା ବିରୁଦ୍ଧରେ ସଖାଙ୍କ ନିକଟକୁ ଯାଇ ଆପଣାର ଦୁଃଖ ନିବେଦନ କରିବାକୁ ପ୍ରସ୍ତୁତ ହେଲେ ସେ । ଶରଧାରେ ପତ୍ନୀ ଚିରା ଦରହାରେ ବାନ୍ଧିଦେଲେ ଖୁଦ ଭଜା ଗଣ୍ଡିଏ । ମଙ୍ଗଳରାତି ବୁଧପାହାନ୍ତିରୁ ଇଷ୍ଟ ସୁମରି ଦୀର୍ଘପଥ ଉଦ୍ଦେଶ୍ୟରେ ପାଦବଢାଇଲେ ସୁଦାମା । କ୍ରମେ କ୍ରମେ ମଥାର ଛାଇ ପାଦ ପାଖକୁ ଆସି ଦୂରକୁ ଘୁଞ୍ଚିଗଲା । ସନ୍ଧ୍ୟା ବେଳକୁ ଥକାମରା ହୋଇ ବରଗଛମୂଳେ ବସିଗଲେ ସେ । ପାଦରୁ ଛାଲି ଉଠିଯାଇଥିଲା । କ୍ଷୁଧାରେ ପେଟ ଜଳୁଥିଲା । ଦେହହାତ ଅବଶ ହୋଇ ଆସୁଥିଲା । ସଖା ଶ୍ରୀକୃଷ୍ଣଙ୍କୁ ଆକୁଳ ଅନ୍ତରରେ ନିଜ ଦୁଃଖ ଜଣାଇଲେ ସେ । କାହିଁ କେତେ ଯୋଜନ ଦୂରରେ ରହିଛ ତୁମେ । ସତେ କଣ ତୁମ ପାଖରେ ପହଞ୍ଚିପାରିବି ମୁଁ । କେତେ ଶ୍ରଦ୍ଧାରେ କଳିହୁଡ଼ି ପତ୍ନୀମୋର ତମର ପାଇଁ ପଠାଇଛନ୍ତି ଖୁଦଭଜା । ସତେ କଣ ତୁମକୁ ତା ଦେଇପାରିବିନି । ତୁମ ପାଖରେ ପହଞ୍ଚିପାରିବି ? ତମେ କଣ କୋଟିନିଧି ପରି ତାହାକୁ ଗ୍ରହଣ କରିପାରିବ । ଏଇମିତି ବାର ଆଡୁ ତେର କଥା ଚିନ୍ତା କରି କେତେବେଳେ ତାଙ୍କ ଆଖିକୁ ନିଦ ଚାଲି ଆସିଛି ଜାଣିପାରି ନାହାନ୍ତି ସେ । ରାତି ପାହିଲା ବେଳକୁ ସେ ଆଖିଖୋଲି ଆଶ୍ଚର୍ଯ୍ୟ ହୋଇଯାନ୍ତି । ଦ୍ୱାରକାର ଉପକଣ୍ଠରେ ଏକ ଛାୟାଛନ୍ନ ଆମ୍ର ବିଥିକାର ରମଣୀୟ ବେଦିକାରେ ବିଶ୍ରାମ ନେଇଥାଆନ୍ତି  ସେ । ପାଦର କ୍ଷତ ଦେହର ଦରଜ ଆଉ ନଥାଏ । ସଖାଙ୍କ ସହ ମିଶିବା ପାଇଁ ସିଂହଦ୍ୱାର ଆଡ଼କୁ ଧାଇଁ ଯାଆନ୍ତି ସୁଦାମା । ଦ୍ୱାରୀକୁ ନିଜର ପରିଚୟ ଦେଇ ଅପେକ୍ଷା କରନ୍ତି କିଛିକାଳ । ତାପରେ ଆରମ୍ଭ ହୁଏ  ତାଙ୍କ ଜୀବନର ମହାର୍ଘ ମୁହୂର୍ତ୍ତ । ସ୍ୱୟଂ ଦ୍ୱାରକାଧୀଶ ଶ୍ରୀକୃଷ୍ଣ ତାଙ୍କ ପାଖକୁ ଖାଲି ପାଦରେ ଦୌଡ଼ି ଆସନ୍ତି । ପାଦତଳେ ପଡ଼ିଯିବା ବେଳକୁ କୋଳେଇ ନିଅନ୍ତି । ନିଜର ଦାରିଦ୍ର୍ୟ ଆଉ ସଖାଙ୍କ ସ୍ନେହ ନିକଟରେ ବିଗଳିତ ହୋଇ ଉଠୁଥାନ୍ତି ସେ - ମଇତ୍ରାଣି କଣ ମୋ ପାଇଁ କିଛି ଦେଇ ନାହାନ୍ତି କହି ସାତସିଁଆ ଦରଭାରେ ବନ୍ଧା ଖୁଦ ଭଜାକୁ ଭିଡ଼ି ନିଅନ୍ତି ଭାବଗ୍ରାହୀ । ରୁକ୍ମିଣୀ, ସତ୍ୟଭାମା, ମିତ୍ରକଳା, ଜାମ୍ବବତୀ ଆଦି ଅଷ୍ଟପାଟମହିଷୀ ପ୍ରସାଦ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପରି ଖୁଦ ଭଜାକୁ ପାଇ ଆପଣାକୁ ସୌଭାଗ୍ୟବତୀ ମଣନ୍ତି । ଭଗବାନଙ୍କ ଭାବ ବିଭୂତିରେ ସୁଦାମାଙ୍କ ଦାରିଦ୍ର୍ୟ କାହିଁ କେଣେ ହଜିଯାଏ । ମୁହୂର୍ତ୍ତକର ଶତଯୋଜନ ଦୂରରେ ଥିବା ତାଙ୍କ ଜୀର୍ଣ୍ଣ କୁଟୀର ସୁବର୍ଣ୍ଣପୁରରେ ପରିଣତ ହୋଇଯାଏ । ଜୀର୍ଣ୍ଣବସ୍ତ୍ର ପିନ୍ଧି ଦାରିଦ୍ର୍ୟ ଭିତରେ ଉବୁଟୁବୁ ହେଉଥିବା ସୁଦାମା ଘରଣୀ ରାଜରାଣୀ ପରି ଝଟକି ଉଠନ୍ତି । ଧନ ନୁହେଁ ଭାବ ରତନକୁ ଆପଣେଇ ନିଅନ୍ତି ଭାବଭୋଳା ଭଗବାନ ।

ଭବଧନର ବିଭୋର ବଣିକ ସେ । ଭାବ ଜଳଧିରେ ଜୀବନର ସଂପର୍କ ପୋତ ସମର୍ପଣର ଅନୁକୂଳ ପବନରେ ଧୀରେ ଧୀରେ ଆଗକୁ ଆଗକୁ ବହିଯାଏ । ଦେଣ ନେଣର କାରବାର ଜାରି ରହିଥାଏ । ସମର୍ପଣର ମେଘମୁକ୍ତ ସୂର୍ଯ୍ୟାଲୋକ ଆଉ ଶରଣାଗତିର ଛାୟାଶୀତଳ ଚନ୍ଦ୍ରାଲୋକରେ ନୌକା ଆଗେଇ ଯାଉଥାଏ । ଘାଟରୁ ଘାଟ ଅତିକ୍ରମ କରି ସାରିବାପରେ ଶେଷରେ ଇପ୍‌ସିତତମ ଘାଟଟି ପାଖେଇ ଆସେ । ଆବାଗମନ ଚକ୍ରର ପରିସମାପ୍ତି ଘଟେ । ଯଜଗତ୍ୱାନ୍ ନିବର୍ତ୍ତନ୍ତେ ର ପରମଧାମ ଦୂରରୁ ଦିଶିଯାଏ । କାହାର ବରାଭୟ କରପଲ୍ଲବ କୋଳେଇ ନେବାର ମୁଦ୍ରାରେ ପାଖେଇ ଆସେ । ମଳୟ ପଗଳା ପବନ ସୋରାଏ ଦେହରେ ଖେଳିଯାଏ । ଦୟଣା ଆଉ ସଜତୁଳସୀର ବାସ୍ନାରେ ବିଭୋର ଇନ୍ଦ୍ରିୟ ସକଳ ଚେତନାର ଭୂମିରେ ଅବତରଣ କରି ଆସୁଥିବା ଶ୍ୟାମଳ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଉଠନ୍ତି । ଭାବଭୋଳା ଭାବଗ୍ରାହୀଙ୍କ ଭକ୍ତବତ୍ସଳ ଲୀଳା ଜାରି ରହିଥାଏ ।


ପ୍ରକାଶ ପାଇଛି ପ୍ରକାଶ ପାଇଛି ପ୍ରକାଶ ପାଇଛି

ସୁପରିଚିତ କବି, ପ୍ରାବନ୍ଧିକ ତଥା ସୁବକ୍ତା
ପ୍ରାଧ୍ୟାପକ ଡକ୍‌ଟର ତୀର୍ଥାନନ୍ଦ ମିଶ୍ରଙ୍କ
ଦୁଇଟି ମନୋଜ୍ଞ ଆଧ୍ୟାତ୍ମିକ ଆଲୋଚନା ଗ୍ରନ୍ଥ

**ଅମୃତଧାରା**
ପ୍ରକାଶକ - ଅପୂର୍ବା, ଭୁବନେଶ୍ୱର

**ଚେତନାରେ ଚକାଡୋଳା**
ପ୍ରକାଶକ - କଟକ ଷ୍ଟୁଡେଣ୍ଟ୍‌ସ ଷ୍ଟୋର, କଟକ


ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପଦ୍ୟ ବିଭାଗ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

## ସର୍ପ ଜଣାଣ

କବିସୂର୍ଯ୍ୟ ବଳଦେବ ରଥ

ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି
ତୁମକୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରି ଦେବି ଗାଳି ହେ କୃପାନିଧି ।
କରୁଣାସିନ୍ଧୁ ବୋଲିକରି, କହନ୍ତି ବୁଧେ ଡ଼ରିମରି,
କାଳସର୍ପ ଆପଣ କବଳକର ପ୍ରାଣ - ପବନ ମାନଙ୍କୁ ସବୁରି ହେ କୃପାନିଧି ।୧।

ଜଳଧିଅନ୍ତେ ନିଜ, ଘର ଦେବାଧିରାଜ ବୁଡ଼ାଇ ଦେଇଛ ଆପଣ,
ତୁମ୍ଭରି ସିନା ଘେନ, ଆଶ୍ଚର୍ଯ୍ୟ ନୁହେ ଆନ ଜନର ଘର ବୁଡ଼ାପଣ ହେ କୃପାନିଧି ।
ଭୁଜଙ୍ଗ ସାମ୍ୟ ଆମ୍ଭ ତୁଲେ, ବଢ଼ାଅ ବୋଲି ଆଜ୍ଞା ଦେଲେ,
ମୁଁ ନୁହେଁ ଘରବୁଡ଼ା ବତାଇବାକୁ ଛିଡା ହୋଇଛି ବତାଇବି ଭଲେ କୃପାନିଧି ।୨।

ତାହାକୁ ବୋଲେ ଚକ୍ରୀ ଚକ୍ରଥିବାରୁ ଚକ୍ରୀ ତୁମ୍ଭେତ ବୋଲାଅ ମଣ୍ଡଳେ !
ବୋଲାଇ କୁଣ୍ଡଳୀ ସେ ଆପଣ ତ ବିଶେଷେ ଭୂଷିତ ମକର-କୁଣ୍ଡଳେ ହେ କୃପାନିଧି ।
ଅଦୃଶ୍ୟ ହେବାରୁ ତା ପାଦ, ତାହାକୁ ବୋଲି ଗୂଢ଼ପଦ;
ଆପଣା ଚରଣତ ବିରଞ୍ଚିକୁ ଗୁପତ କାହିଁ ତାଠାରୁ, ତୁମ୍ଭଭେଦ ହେ କୃପାନିଧି ।୩।

କାନ ନଥାଇ ଆଖି, ଭୁଜଂଗଠାରେ ଦେଖି ନୟନଶ୍ରବା ବୋଲି ତାକୁ
କହ କମଳାନନ କାହିଁକି ତୁମ୍ଭ କାନ, ସର୍ପ ବୋଇଲେ ଚଳିବାକୁ ହେ କୃପାନିଧି ।
ଫଣି କାୟାକୁ ବୋଲି ଭୋଗ, ଥିବାରୁ ସେ ଦୁଇ ସଂଯୋଗ,
ତାହାକୁ ବୋଲି ଭୋଗୀ ତୁମ୍ଭେ କି ନୁହ ଭୋଗୀ, କରୁଥା ଅଛ ମହାଭୋଗ ହେ କୃପାନିଧି ।୪।

କହଇ କବିସୂର୍ଯ୍ୟ ନାଥ ନୁହ ଅଧୈର୍ଯ୍ୟ ଏଣିକି ମହତ ନ ଯାଉ;
ମୁଁ ତୁମ୍ଭ ପରିଚାର ଜାଣିଲେ କି ବିଚାର, ଇତର ନ ଜାଣନ୍ତୁ ଆଉ ହେ କୃପାନିଧି !
ଯେତେବେଳେ ମୋ ଅନ୍ତ ହେବ, ଏତିକି ମାତ୍ର ମତେ ଦେବ,
ପରେ ତରାଟ ଦ୍ୱାର ସୀମାରୁ ପରିହାର କରାଇ ଯହିଁ ତହିଁ ନବ ହେ କୃପାନିଧି ।୫।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପୁରୀ ଃ ପ୍ରଭାତ - ଭାସମାନ ଦାରୁ

ମନୋଜ ଦାସ

ଯେଉଁଠି ସମୁଦ୍ର ଏବଂ ଦିଗ୍‌ବଳୟ ବିଚିତ୍ର ବନ୍ଧନେ
ମନ୍ତ୍ରମୁଗ୍ଧ, ତନ୍ଦ୍ରାବିଷ୍ଟ, ଅସ୍ଫୁଟ ସ୍ପନ୍ଦନେ -
ଝଲସିତ ତହିଁ ମୃଦୁ ଆଲୋକେ, ହିଲ୍ଲୋଳେ -
କି ବସ୍ତୁ ବା ଭାସମାନ ଏ ସ୍ନିଗ୍ଧ ସକାଳେ ?

ହେ ସମୁଦ୍ର ! ତୁମର ତ କେତେ ନାମ, ଅନେକ ଉପାଧି
ସାଗର ଓ ମହୋଦଧି, ଜଳଧି ଇତ୍ୟାଦି -
ସ୍ପର୍ଦ୍ଧିତ ଆରେକ ନାମ ପରା ରତ୍ନାକର !

ଅଥଚ କି ବିଡମ୍ବନା, ଦେଲ ଉପହାର
ହୀରା ନୁହେଁ, ନୀଳା ନୁହେଁ, ତୁଛା ଏକ ଦାରୁ
ରହସ୍ୟର କେଉଁ ଗନ୍ତାଘରୁ !

ଆଜିର ଏ ଉଷାକାଳେ ତୁମରି ନିର୍ଘୋଷେ
ଶୁଣିଲି ମୁଁ ବ୍ୟାଖ୍ୟା ତାର ନିର୍ଜନେ ନିମେଷେ
ଯେଉଁ ଦ୍ରୁମ ଧରିତ୍ରୀରେ ଚେତନାର ଆଦିମ ବିଭୂତି,
ତହିଁ ମୂର୍ତ୍ତ, କିନ୍ତୁ ଗୁପ୍ତ, ଭବିଷ୍ୟର ଦିବ୍ୟ ପ୍ରତିଶ୍ରୁତି ।

ଓଡିଶାର ବରେଣ୍ୟ ସାହିତ୍ୟାକାର ଶ୍ରୀ ମନୋଜ ଦାସଙ୍କ
ସୌଜନ୍ୟ ଓ ଅନୁମତି ଦ୍ୱାରା ପରି ପ୍ରକାଶିତ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପୁରୀ ଃ ମଧ୍ୟାହ୍ନ - ଆବିଷ୍କାର

ମନୋଜ ଦାସ

ବଡ କ୍ଳାନ୍ତ ଅଶ୍ୱାରୋହୀ, ଏ ମଧ୍ୟାହ୍ନ ପ୍ରଖର ପ୍ରମତ୍ତ
ଏ ପ୍ରାନ୍ତର, ମନେହୁଏ ତା ସହିତ ଗୋପନେ ପ୍ରବୃତ୍ତ -
ଷଡଯନ୍ତ୍ରେ ଏକ -
ଯାହାର ଶରବ୍ୟ ଏଇ ହତାଶ ପଥିକ !

ସମୁଦ୍ରେ ଅତଳ ଜଳ, କଣ୍ଠେ କିନ୍ତୁ ସୁତୀବ୍ର ପିପାସା,
କେତେଦୂର ଜନପଦ, ସବୁଜ ଭରସା ?

ହଠାତ୍ ମୋ ଗତି କିଂପା ହେଲା ପ୍ରତିହତ,
ହଠାତ୍ ମୋ ଅଶ୍ୱ କିଂପା ବିମୂଢ ଚକିତ ?
ହଠାତ୍ ଦେଖୁଛି ଯେହ୍ନେ ମଧ୍ୟାହ୍ନର ସୂର୍ଯ୍ୟ
ବନିଯାଇ ଏକ ଚକ୍ର ଉଜ୍ୱଳ ବୈଡୂର୍ଯ୍ୟ
ଭୂଗର୍ଭରୁ ହେବାପାଇଁ ସଦ୍ୟ ପ୍ରକଟିତ
ଉନ୍ମୁଖ ଅତ୍ୟନ୍ତ ।

କ୍ଳାନ୍ତି ତଥା ତୃଷ୍ଣା ମୋର ନିମେଷେ ବିସ୍ମୃତ,
ଏ ଅପୂର୍ବ ଆବିଷ୍କାରେ ମୁଁ ଯେ ଆବିଷ୍କୃତ !
ପୂର୍ବାହ୍ନ ଓ ଅପରାହ୍ନ ମଧ୍ୟବିନ୍ଦୁ ମୁଁ ଗାଲମାଧବ
ବିଗତ ଆଗତ ମଧ୍ୟେ ସଂଯୋଜନା ମୋ କର୍ମ-ଗୌରବ ।

ଓଡିଶାର ବରେଣ୍ୟ ସାହିତ୍ୟାକାର ଶ୍ରୀ ମନୋଜ ଦାସଙ୍କ
ସୌଜନ୍ୟ ଓ ଅନୁମତି ଦ୍ୱାରା ପରି ପ୍ରକାଶିତ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଅସଂପୂର୍ଣ୍ଣ

ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସଂପୂର୍ଣ୍ଣ ହୋଇ ସୁଧା ଆଜି ମୁଁ ଅସଂପୂର୍ଣ୍ଣ
ଲୋଲୁପ ଗର୍ଭ ମୋହର
ହୋଇନାହିଁ ପରିପୂର୍ଣ୍ଣ
ଲୋଭ, ମୋହ, ମାୟା, ଦ୍ୱେଷ,
କାମ, କ୍ରୋଧର ଜ୍ୱାଳାରେ
ଉଦର ମୋର କ୍ଷୁଧାତୁର
ଗଭୀର, ଗହର ଉଦର କିନ୍ତୁ
ହୃଦକନ୍ଦର ମୋର ଅଗଭୀର
ଢାଳି ଦିଅ ଅମୃତଧାରା
ପ୍ରେମ, ମୈତ୍ରୀ ଓ ସୌହାର୍ଦ୍ଧ୍ୟର
ସେ ପୂର୍ଣ୍ଣାହୁତିରେ ହେଉ
ସମାପନ ଏହି ଅନଳର ।

ଅସଂପୂର୍ଣ୍ଣ ହେବାଲାଗି
ପୁଣି ଆତୁର ଏ ଜୀବ
ସର୍ତ୍ତ ରହୁ କ୍ଷୁଧା ହେଉ
ଜୀଜ୍ଞାସା ଜ୍ଞାନର ।।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମହାକାଳ

ରାଜୀବ କୁମାର ବିଶ୍ୱାଳ

ହିରୋସିମା, ନାଗାସାକି ଠାରୁ ବାଗଦାଦ ଯାଏଁ
ସୃଷ୍ଟି କରିପାରେ ମୁଁ ପ୍ରଳୟର ତାଣ୍ଡବଲୀଳା
ଧ୍ୱଂସ କରିପାରେ ମୂହୁର୍ତ୍ତକ ମଧ୍ୟରେ
ଆମେରିକାର ଟ୍ରେଡ୍ ଟାଓ୍ୱାର୍,
ଏଡ଼୍ସ ଠାରୁ ସାର୍ସ ପର୍ଯ୍ୟନ୍ତ
କେତେ ରୂପଧରି ମୁଁ
କରିପାରେ ମଣିଷକୁ ଆତଙ୍କିତ ।

ଆଲ୍ଲା ଏବଂ ଭଗବାନ ମଧ୍ୟରେ
ସୃଷ୍ଟି କରିପାରେ ଲଢେଇ
କାରଣ ମୋର ଦରକାର
ମଣିଷର ଗରମ ରକ୍ତ
ଯେହେତୁ ସୃଷ୍ଟିକୁ ଧ୍ୱଂସ କରିବା ପାଇଁ
ମୁଁ ପ୍ରତିଶ୍ରୁତିବଦ୍ଧ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିଚିତ୍ର ନାବ

ନିରୂପମା ମହାନ୍ତି

ଜୀବନ ନଉକା ସଂସାର ସାଗରେ ଯାଉଅଛି ଭାସି ଭାସି
ଏଇ ନଉକାଟି ସବୁଠୁ ଅଲଗା ଜଣେ ତ ଦେଇଛି ବାଛି ॥
ସଭିଙ୍କ ପାଇଁକି ଅଲଗା ଅଲଗା କାତ ନାହିଁ ତା ସାଥେ
ଇଶାରାରେ ସିଏ ଚାଲିଛି ପରା ବିଚିତ୍ର ଲାଗଇ ସତେ ॥
ହାଡ, ମାଂସ, ରକ୍ତ ତିଜରେ ଏ ଗଢା ଧଳା କଳା ରଙ୍ଗେ ରଙ୍ଗି
ନଉକା ଭିତରେ ବସିଛି ଯିଏ ସେଇ ଏକା ତା ର ସଙ୍ଗୀ ॥
ଦୁଇ ଜଣଙ୍କର ନିବିଡ ବନ୍ଧୁତା ଦେଖି ନଥିବ କୋଉଠି
ସବୁ କାମ ଦୁହେଁ ଏକାଠି କରନ୍ତି ଥାଆନ୍ତୁ ଦୁହେଁ ଯେଉଁଠି ॥
ଦୁଃଖେ ଦୁଃଖୀ ସୁଖେ ସୁଖୀ ଛାଇ ପରି ଚାଲିଥାନ୍ତି
ଥକି ନ ପଡନ୍ତି ବିପଦ ଆସିଲେ ମଥାପାତି ସହିଥାନ୍ତି ॥
କେବେ କେବେ ଯଦି କଲରା ଝାଡାରେ ନଉକା ହୁଏ ଦଦରା
ସଙ୍ଗୀର ଅବସ୍ଥା କହିଲେ ନ ସରେ ହୁଏ ସେ ତ ଦରମରା ॥
ଆରପାରିକୁ ତ ଯାଆନ୍ତି ସମସ୍ତେ ଆସିଲେ ଦିନେ ଡାକରା
ସଙ୍ଗୀ ଚାଲିଯାଏ ନାବ ପଡିଥାଏ ଏହି କଥାଟି ନିଆରା ॥

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଚିନ୍ତା ଓ ଚିତା

ନିରୂପମା ମହାନ୍ତି

ଚିନ୍ତା ଆଉ ଚିତାର
ବେଷ୍ଟନୀରେ ବନ୍ଧା ଏ ଜଗତ
ଚିନ୍ତାର ପୁତୁଳି ସଭିଙ୍କ ନିକଟେ
ଅନାୟାସେ ହୁଏ ଆତଯାତ ।

ଚିନ୍ତା ଜାଳିଦିଏ ତିଳ ତିଳ କରି
ଆମ ଜୀବନର ସୁଖ,
ବୋଝର ଉପରେ ନଳିତା ବିଡା ସେ
ଅସହ୍ୟ ହୁଅଇ ଦୁଃଖ ।

ନିରାଶା ପ୍ରାଚୀରେ ଛଟପଟ ହୁଏ
ଅଲୋଡା ଲାଗେ ଜୀବନ,
ଚିତାର ଶେଯରେ ଅଚିନ୍ତା ନିଦରେ
ଶରୀର କରେ ଶୟନ
ତେଣୁ

ଚିନ୍ତାଠାରୁ ଦୂରେଇ ରହନ୍ତୁ
ସହଜ ହେବ ଜୀବନ
ସକାରାତ୍ମକ ଭାବନା
ଏହାର ଅମୋଘ ଅସ୍ତ୍ରଟି ଜାଣ ॥

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପ୍ରତିଶୋଧ

 କୁମାରୀ କଳ୍ପନା ମାର୍ଥା

ସଂଧ୍ୟା ଆସିନି ଧରାର ବୁକେ, ସୂର୍ଯ୍ୟ ବୁଡ଼ିନି ପାଟେ,
କ୍ଲାନ୍ତ ପଥିକ ଚାଲିଯାଉଥିଲେ, ଛାୟା ସୁଶୀତଳ ବାଟେ ।

ପଦିଆ ନାଏବ ମାମଲା ଜିତିଛି, ମିଥ୍ୟା ସାକ୍ଷୀର ବଳେ
ଭାବି ଚାଲୁଥାଏ ସୁଦାମା ଚାଷୀକୁ, ତଡିବ ତାଘରୁ ହେଳେ ।

କାଲିକୁ ଆସିବେ ପିଆଦା ସିପାହୀ, ଉଛେଦ କରିବେ ତାକୁ,
ପୁଅଝିଅ ଘେନି ମୁଣ୍ଡ ଘୁରିଯିବ, ବୋପା ବୋଲି ଡାକୁ ଡାକୁ ।

ପଶ୍ଚିମ ଆକାଶେ ସୂର୍ଯ୍ୟ ଢଳିଲେଣି, ସୁଦାମା ବେଘର ଆଜି
ଘର ଗୋରୁହଳ ସକଳ ହରାଇ, ରାହା ନ ପାଏ ସେ ଖୋଜି ।

ଛିନ୍ନ ବସନା ପତ୍ନୀ କାନ୍ଦୁଛି, କ୍ଷୁଧାରେ କାନ୍ଦୁଛି ପୁଅ
କାଷ୍ଠ ମୂରତି ପରାଏ ସୁଦାମା, ଛୁଟାଏ ଲୋତକ ସୁଅ ।

ପରିବାର ନେଇ ନିରାଶ୍ରୟ ସିଏ, ବସିଲା ପୋଖରି ମୁଣ୍ଡେ,
ଖିଲି ଖିଲି ହସ ହସୁଛି ନାଏବ, ଠିଆ ହୋଇ ଗାଁ ଦାଣ୍ଡେ ।

ଉସୁକାଇ ଦେଇ ଡାକି ଆଣିଅଛି, ସେ ସାଇ ପିଲାଙ୍କ ଦଳ,
କିଏ ଢେଲାମାରେ ସୁଦାମା ଆଡକୁ, କେ ଫିଙ୍ଗେ କାଦୁଅ ଜଳ ।

କିଛି ନ କହିଲା ସୁଦାମା କାହାକୁ, ଚାହିଁ ଉର୍ଦ୍ଧ୍ୱେ ଡାକ ଦେଲା
ସବୁ ସହିବାକୁ ଶକତି ଦିଅ ହେ, ଦୀନବନ୍ଧୁ ଚକାଡୋଳା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସାତ ପୁରୁଷର ଭିଟାମାଟି ମୋର, ଯିଏ କାଢିନେଲା ଛଳେ,
ଶତ ଲାଞ୍ଛନା କରିଛି ଏଠାରେ, ଯିଏ ତା କ୍ଷମତା ବଳେ ।

ତାହାରି ଉପରେ ପ୍ରତିଶୋଧ ନେବି, ସୁଯୋଗ ଦିଅ ହେ ହରି,
ଅର୍ଦ୍ଧାଙ୍ଗିନୀ ମୋର କୁନାକୁନି ବୋଉ, ପଡିଛି ମୁଣ୍ଡ କଚାଡି ।

ଚମକି ପଡିଲା କି ହେଲା ସେଠାରେ ? ପାଣିରେ ପଡିଲା କିଏ ?
ପୋଖରୀ ହୁଡାରେ ଗୋଡକି ଖସିଲା ? କାହାର ଛୁଆଟି ସିଏ ?

ଢେଲାମାରିବାକୁ ନାଏବର ପୁଅ, ଧାଉଁଥିଲା କୁନି ପାଦେ,
ସନ୍ତୁଳନ ହାରି ଜଳେ ପଡିଗଲା, ଅଥୟେ ନାଏବ କାନ୍ଦେ ।

ଚମକି ସୁଦାମା ଶଂକିତ ଚିତ୍ତେ, ଚାହିଁଲା ଯେମିତି ତେଣେ,
ଦେଖିଲା ଛୁଆଟି ଛଟପଟ ହୁଏ, ତଳୁ ଯେହ୍ନେ କିଏ ଟାଣେ ।

ନାଏବ ଡାକୁଛି ବଂଚାଅ ବଂଚାଅ, ଛୋଟ ଛୁଆ ମୋ ସନ୍ତାନ,
ଶୁଣି ଅଟ୍ଟହାସ୍ୟେ କହିଲା ସୁଦାମା, ଅଛ ସତେ ଭଗବାନ !

ନାଏବ ଫୁଟାଣି ଫୁଟିକି ଗଲାଣି, କାନ୍ଦି କହେ ରକ୍ଷାକର,
ଗାଁ ବାଲା ସର୍ବେ ଅନାଇଁଛନ୍ତି ସାହାସ ନାହିଁ କାହାର ।

ବିକଟାଳ ହସେ ବିଦ୍ରୁପ କରିଣ, କହିଲା ସୁଦାମା ଚଷା,
ଭୀରୁ କାପୁରୁଷ ସଭିଏଁ ଏଠି, ଦେଖୁଛ ଖାଲି ତାମସା ।

ଦେଖୁଅଛ କିସ ପଳାଅ ପଳାଅ, ଘେନି ଜୀବନ ପସରା,
ଆଜି ଚଷା ପୁଅ ପାଇଛି ସୁଯୋଗ, ପ୍ରତିଶୋଧ ନେବ ପରା ।

ସର୍ବସ୍ୱତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କୁନା ପୁଅକୁ ତା ପୋଖରୀ ହୁଡାରେ, ଶୁଆଇ ଦେଇ ଚଂଚଳେ,
ସବୁ ଭୁଲି ଡେଇଁ ପଡିଲା ସେ, ଗଭୀର ପୋଖରୀ ଜଳେ ।

ନାଏବ ପିଲାକୁ କୋଳରେ ସାଁଉଟି କୂଳକୁ ଆସିଲା ଉଠି,
ବଂଚିଗଲା ପୁଅ ଗ୍ରାମବାସୀ ଗଣ, ଥାପୁଡିଲେ ତାର ପିଠି ।

ପୁଅକୁ କୋଳେଇ ପଦିଆ ନାଏବ, ଚାହିଁଲା ଅତି ଆକୁଳେ,
କୃତାଞ୍ଜଳି ପୁଟେ ଲୋଟି ପଡିଲା ସେ, ସୁଦାମାର ପାଦ ତଳେ ।

ସୁଦାମା ! ସୁଦାମା ! ଭାଇରେ ସୁଦାମା, ସ୍ୱବ୍ଧ ହେଲା ଓଠ ତା ର,
ଝର ଝର ହୋଇ ଗଡିଚାଲୁଥିଲା, ଅବିରତ ଅଶ୍ରୁଧାର ।

ସେ କି ବଡବାବୁ କହିଲା ସୁଦାମା, ଗଳାରେ କୁଣ୍ଢାଇ ଧରି,
ମୁଁ କଣ ତୁମର ଭାଇ ହୋଇପାରେ, ଗଲ କଣ ସବୁ ଭୁଲି ?

ନିଃସ୍ୱର୍ଦ୍ଧ ମୁହିଁ ମୂର୍ଖ ଚଷାଟିଏ, ତୁମେ ତ ଜ୍ଞାନୀ ପ୍ରବୃଦ୍ଧ,
ଭାବୁଥିଲି ଖାଲି ପୋଖରୀ ହୁଡାରେ, କେମନ୍ତେ ନେବି ପ୍ରତିଶୋଧ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ମାଆର ମମତା

ଚନ୍ଦ୍ର ଶେଖର ବିଶ୍ୱାଳ

ମାଆର ମମତା
ମାଆ ଛଡା ଆଉ କେ ବା ଦେବ !
ଏ ବିଶ୍ୱ ବ୍ରହ୍ମାଣ୍ଡେ ମା ପରି କେ ହେବ ?

ପାଳିଛି, ପୋଷିଛି, ମଣିଷ କରିଛି
ନିଜହାତେ କେତେ ମାଡ ବି ମାରିଛି,
ଖାଇ ନ ଥିଲେ ମୁଁ ଖୁଆଇ ଦେଇଛି
ନିଦରୁ ଉଠେଇ ପଢେଇ ଦେଇଛି,
ତାହାରି ପାଇଁ ଆଜି ମଣିଷ ହୋଇଛି ।

ମାଆଟି ମୋହର ସରଗଠୁ ବଡ
ତାଠୁ ବଡ କେହି ନାହିଁ ଏ ଜଗତେ
କେତେ ଅଳି ଅଝଟ ସହିଛି
ତାହାର ହିସାବ କିଏ ବା ରଖିଛି
ନିଜଠୁ ବି ବଳି ଭଲ ସେ ପାଇଛି
ତାର ମୂଲ୍ୟ କେହି କେବେ ବା ଦେଇଛି ..!!!

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ତିନୋଟି ଜଣାଣ

ଉଦୟନ ସୁପକାର (କୁନ୍ଦନ)

—୧—

ମନ ଯଦି ଡାକୁଅଛି ଡାକୁ ଜଗନ୍ନାଥ
କିଂପାଇ ବୋଲାଉ ତୁହି ନିଜକୁ ଅନାଥ ।

ଊଣାକର ନାହିଁ ମନ କିସ ନ ପାଇଛୁ
କେତେ ଦୁଃଖୀ ଜଗତରେ ଥରେ କି ଭାବିଛୁ ।

ଅଣ୍ଟିରେ ପୁରିଲା ଯାହା ପାଇଛୁ ତୁ ତାହା
କପାଳକୁ ତୁଛାଟାରେ ନିନ୍ଦିଲୁ ତୁ ଆହା ।

ସେ ଦୁଆରେ ଘେନିପିବ ତୋତେ ଧର୍ମ ପଥ
କିଂପାଇ ଭାବୁଛୁ କହ ନିଜକୁ ଅନାଥ ।

କିଏ କହେ ତୋ ଡାକକୁ ଶୁଣିଲେ ସେ ନାହିଁ
ହୃଦେ ତୋର ଭକ୍ତିଭାବ ଅଛି ଊଣା ହୋଇ ।

ଶୂନ୍ୟ ହସ୍ତେ ତାଙ୍କଠାରୁ କେହି ଫେରିନାହିଁ
ଚିତ୍ତରେ ଦୃଢ଼ ବିଶ୍ୱାସ ଦଗା ଦିଏ ନାହିଁ ।

ଲୋଟାଇ ଦେ ଶ୍ରୀଚରଣେ ମୂଢ଼ ତୋ ମାଥ
କିଂପାଇ ଭାବୁଛୁ କହ ନିଜକୁ ଅନାଥ ।

(ଆର ପୃଷ୍ଠାକୁ ଯାଆନ୍ତୁ )

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

-୨-

ରଥପରେ ତୋତେ ଦେଖିଲେ ଥରେ ପୁନର୍ଜନ୍ମ ହୁଏନି ବୋଲି
ଦେଖିବି ତୋତେରେ ବୋଲି କାଳିଆ ମୁଁ ଆସିଛି ଚାଲି -
ସ୍ନାନପୂର୍ଣ୍ଣମୀ ଦିନ ସ୍ନାନ ମଣ୍ଡପରେ ତୋତେ
ଅଣସରେ ତୁ ରହିଲୁ ଝୁରିଲି ତୋତେ ମୁଁ କେତେ -
ଯେବେ ଦେଖିଲି ତୋ ମୁଖ ସରଗ ମିଳିଲା ସତେ
ନେହୁରା ହେଉଛି ରେ ତୋତେ ଭୁଲିବୁନି ମୋତେ ବୋଲି —
ନବଯୌବନ ଦର୍ଶନେ ପାଇଲି ମୁହିଁ ଜୀବନ
ନେତ୍ରୋତ୍ସବ ଦିନ ଧନ୍ୟ ହେଲ ତୃଷିତ ନୟନ -
କେତେ ପୁଣ୍ୟବଳେ ମୁହିଁ ଲଭିଲି ଏଠି ଜନମ
ମରଣ ଇଛଇ ଏଠି ପାଇବି ମୁକତି ବୋଲି —

-୩-

ଯାଚକ ସାଜି ମୁଁ ଯାଇନି ମନ୍ଦିର ତେବେ ବି ଦେଇଛ ଆଶୀଷ
ମୁଁ ତ ନରାଧମ, ନାହିଁ ମୋ ସାହସ, ଗାଇବାକୁ ତବ ଯଶ ।
କେତେ ବିପତ୍ତିରୁ ତାରିଅଛ ମୋତେ, ଜାଣେ ସେ କଥା ମୋ ମନ
ହାତ ଧରି ମୋର କଢାଇଛ ପଥ, ଘୋଟିଲେ ନିରାଶା ଘନ ।
ଏ ସାରା ସଂସାରେ ଯିଏ ଯାହା କହୁ ହୋଇଛି ମୁଁ ତୁମ ବଶ
ତୁମର ମନ୍ଦିର ଦୁଆର ମାଡିନି, ତଥାପି କୃପା କରିଛ
ଦଗା ଦେଲେ ଯେବେ ସଭିଏଁ ନିଜର, ତୁମେ ହିଁ ସାହା ହୋଇଛ
ତୁମର ବରଜ ହସ୍ତେ ମାଥେ ଥିଲେ, ଲୋଡିବି ମୁଁ ଆଉ କିସ ।
ଏତିକି ତୁମକୁ କରୁଛି ମିନତି, ନାମ ସଦା ଜପୁଥିବି
ସଂପଦେ ବପଦେ ତୁମରି ନାମକୁ କେବେ ହେଁ ନ ପାଶୋରିବି
ଦୟାର ବାରିଧି ତୁମେ ମହାବାହୁ, ମୁହିଁ ଏକ କ୍ଷୁଦ୍ର ଝସ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସୁବାଷ ତୁମେ ସଦା ଅନନ୍ୟ

ପଣ୍ଡିତ ବିଜୟ କୁମାର ତ୍ରିପାଠୀ

ସୁବାଷ ତୁମେ ସୁବାସ ତୁମର
ଛାଡି ଚାଲିଗଲ ବହୁଦୂରେ
ଝୁରୁଛି ତୁମକୁ ଭାରତ ମାତା
ଗଙ୍ଗା ଗୋଦାବରୀ ଆଜିବି ଝୁରେ - ୧

ଜ୍ଞାନୀ ଗୁଣୀ କର୍ମୀ ଯେତେକ ଅଛନ୍ତି
ଭାରତ ମାଟିର ସଚ୍ଚା ସନ୍ତାନ
ସମସ୍ତେ ତୁମକୁ ଆଜି ଝୁରୁଛନ୍ତି
କାହିଁ ଗଲ ତୁମେ ହେ ଦିବ୍ୟ ମହାନ - ୨

ଗୋରା କଂସେଇର କୂଟ ଚକ୍ରାନ୍ତର
ଶୀକାର ହୋଇଲ ହେ ବୀର ତୁମେ
କଳା କଂସେଇ ତ ତାହାଠୁ ବଳକା
ହଜାଇଣ ଦେଲା ତୁମକୁ ଶୂନ୍ୟେ - ୩

କିନ୍ତୁ ହଜିବନି ତୁମର ସାହାସ
ନିର୍ଭୀକତା ଆଉ ସ୍ୱଦେଶପ୍ରେମ
କାଳଜୟୀ ତୁମେ ବିଶ୍ୱ ବିଖ୍ୟାତ
ଭାରତମାତାର ପ୍ରିୟ ସନ୍ତାନ - ୪

କୋଟି କୋଟି ଜନ ମନର ମନ୍ଦିର
ସିଂହାସନେ ତୁମେ ବିରାଜମାନ
ତୁମେ ତ ଅମର ଚିର ଭାସ୍କର
ଦେଶପ୍ରେମ ତୁମ ଜାଜ୍ୱଲ୍ୟମାନ - ୫

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବୋଉ ଓ ବୋହୂ

ଶ୍ରୀ ବିପିନ ବିହାରୀ ବିଶ୍ୱାଳ

ବୋଉ ଡାକରେ
କେତେ ଯେ ମିଠା
କିଏ ବା ତାକୁ କଳିଛି - ୧

ଦୁଃଖ ବିପଦେ
କେବେ ସେ ଭାଙ୍ଗିନି
ବୋଉର କାନି ମିଳିଛି - ୨

ମା ର କୋଳ
ମୋର ସମ୍ବଳ
ବନ୍ୟା ବାତ୍ୟା ସବୁ ସହିଛି - ୩

ଭୋକ ଉପାସ
ହାରିଯାଇଛି
ବୋଉ ମୋର ବଞ୍ଚିଛି - ୪

ଷଠି ଦୁଆରୁ ଆରମ୍ଭ କରି
ବଣପାହାଡ ଖୋଜିଛି
ମୁହଁଟି ତାର
ଦର୍ପଣ ମୋର
ମନରେ ଉଙ୍କି ମାରୁଛି - ୫

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପୁଅର ପେଟ
ପୁରିବା ପାଏଁ
ଓଦ କନା ପେଟେ ଥାମିଛି - ୬

ପୁଅର କଳି
ଝଗଡା ପାଇଁ
କେତେ ଗଞ୍ଜଣା ସହିଛି - ୭

ପୁଅକୁ ବଡ
କରିବା ପାଇଁ
କ୍ଷୀର କଥା କି ଗଣିଛି - ୮

ସନ୍ତାନଟିଏ
ପାଇବା ପାଇଁ
କେତେ ଠାକୁର ଡାକିଛି - ୯

ଆଜି ତ ପୁଅ ବଡ ହୋଇଛି
ବଢି ଯାଇଛି ଠାଣୀ,
ବୋଉ ପାଖକୁ ପଇସା ଦେଲେ
ବୋହୁ ଦେଉଛି ଗଣି - ୧୦

ଦୁଃଖର ଦିନେ ବୋଉର ଲୋଡା
ସୁଖର ଦିନେ ବୋହୁ
ଅଙ୍ଗୁର ଚାରା ରୋପଣ କଲେ
ଫଳିଯାଉଛି ଓଉ - ୧୧

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଅତୀତର ପୃଷ୍ଠାରୁ



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସାହିତ୍ୟ ଓ ସମାଜ

ଡା ଗୌରୀ ପ୍ରସାଦ ମହାପାତ୍ର

ସମାଜର ସୃଷ୍ଟିରେ ସାହିତ୍ୟର ଭୂମିକା ଅତୁଳନୀୟ । ଆଦିମ ଉଲଗ୍ନ ମାନବ ମୁହଁରେ ଯେତେବେଳେ ଭାଷା ନଥିଲା - ସେ ଠାର ଏବଂ ଚିତ୍ର ଦ୍ୱାରା ଆପଣା ଭାବର ପରିପ୍ରକାଶ କରୁଥିଲା । ଜୀବଜଗତର ଶ୍ରେଷ୍ଠତମ ଜୀବ ହିସାବରେ, ମନୁଷ୍ୟ ନିଜର ମାନସିକ କ୍ରମୋନ୍ନତି ଦ୍ୱାରା କଥିତ ଓ ଲିଖିତ ଭାଷାର ଜନ୍ମ ହେଲା । ବିଜ୍ଞାନୀ ମନୁଷ୍ୟ, ସ୍ୱତନ୍ତ୍ରତା, ଗୋଷ୍ଠୀ ସୁରକ୍ଷା ଓ ପ୍ରଗତି ପାଇଁ ସମାଜର ସୃଷ୍ଟି କଲା । ଅବଶ୍ୟ ଭାଷା ଓ ସମାଜ ମଧ୍ୟରେ କାହାର ସୃଷ୍ଟି ପ୍ରଥମେ ହୋଇଥିଲା, ତାହା ଏଠାରେ ଆଲୋଚ୍ୟ ନୁହେଁ । ଏ ବିଷୟରେ ଐତିହାସିକମାନେ ମତ ଦେଇପାରନ୍ତି । କିନ୍ତୁ ଉନ୍ନତତର ସମାଜ ସୃଷ୍ଟିରେ ସାହିତ୍ୟର ଭୂମିକା ଅବିସ୍ମରଣୀୟ ଓ ଅତୁଳନୀୟ ।

ସମାଜର ବିଭିନ୍ନ ସ୍ତରରେ ସାହିତ୍ୟ ବିଭିନ୍ନ ଆଭିମୁଖ୍ୟ, ବିଭିନ୍ନ ରୂପ, ରଂଗ, ରସ ନେଇ ଦେଖାଦେଇଛି ସମୟର ତାଳେ ତାଳେ ସମାଜର ଚିତ୍ର ବଦଳି ଆସିଛି ଏବଂ ସାହିତ୍ୟ ସେଇ ସମାଜର ଚିତ୍ରଗୁଡିକୁ ସବୁଦିନ ପାଇଁ ଫୋଟୋ ଉଠାଇ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାଇତି ରଖିଛି । ଏଇ ଦୃଷ୍ଟିରେ ସାହିତ୍ୟକୁ ଚିରନ୍ତନ କୁହାଯାଇପାରେ ।

ହୁଏତ ସମାଜର ପ୍ରଥମ ସ୍ତରରେ ଲିପିବଦ୍ଧ ଭାବ ଓ ଘଟଣାବଳୀକୁ ସାହିତ୍ୟର ସମ୍ମାନ ଦିଆଯାଇଥିଲା । ପରେ ସାହିତ୍ୟ ବ୍ୟକ୍ତିକୁ ଆନନ୍ଦ ଦେବାପାଇଁ ଉଦ୍ଦିଷ୍ଟ ହେଲା ଏବଂ ଭାଷା ସାହିତ୍ୟର ଏକ ବଳିଷ୍ଠ ଅଂଗ ରୂପେ ପରିଚିତ ହେଲା । ସଂସ୍କୃତ ସାହିତ୍ୟ, ଏହାର ଏକ ଉଦାହରଣ । ମଧ୍ୟଯୁଗରେ ପ୍ରେମ ରସକୁ ସାହିତ୍ୟରେ ଉଚ୍ଚତମ ଆସନ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଦିଆଯାଇଥିଲା । ଏଇଭଳି ବିଭିନ୍ନ ସମୟରେ ପରିବର୍ତ୍ତିତ ରୁଚି, ଆଭିମୁଖ୍ୟ ଓ ଆଦୃତତାକୁ ଭିତ୍ତିକରି ସାହିତ୍ୟ ଆଜିର ସମାଜରେ ପଦାର୍ପଣ କରିଛି ।

ଜଣେ କେହି ହୁଏତ କାଲିର ସାହିତ୍ୟକୁ ଆଜି ଗ୍ରହଣ ଓ ସ୍ୱୀକାର କରିବାରେ ପଛଘୁଞ୍ଚା ଦେଇ ତାକୁ ଘୃଣା କରେ; ତେବେ ସେ ମନେ ରଖିବା ଉଚିତ ଯେ, ଆଜିର ସାହିତ୍ୟ କାଲି ପୁଣି ପୁରାତନର ରୂପନେବ । ଆଜିର ରୁଚି ନିଶ୍ଚିତ ଭାବେ କାଲିକି ପରିବର୍ତ୍ତିତ ହେବ, - ଏଥିରେ ସନ୍ଦେହ ନାହିଁ । ଏଣୁ ସାହିତ୍ୟ ଯୁଗୋପଯୋଗୀ ରୁଚି ଓ ସମାଜର ଏକ ଦର୍ପଣ ।

ଆଜିର ସାହିତ୍ୟ କେବଳ ମନୁଷ୍ୟକୁ ଆନନ୍ଦ ଦେବା ପାଇଁ ନୁହେଁ, କିମ୍ବା ଭାଷା ଓ ଅଳଙ୍କାର ସୃଷ୍ଟିପାଇଁ ସୀମିତ ନୁହଁ । ଆଜି ସାହିତ୍ୟର ସୀମାରେଖା ଦିଗ୍‌ବଳୟକୁ ଟପି ଯାଇଛି । ସାହିତ୍ୟର ଆଭିମୁଖ୍ୟ ଆକାଶ ପାତାଳ କିମ୍ବା ଗ୍ରହ ଉପଗ୍ରହ ମଧ୍ୟରେ ସୀମାବଦ୍ଧ ନରହି ଶୂନ୍ୟରୁ ମହାଶୂନ୍ୟ- ସୌରଜଗତର ଅନ୍ୟ ଗୋଟାଏ ସୌର ଜଗତ ଯାଏଁ ବ୍ୟାପିବାରେ ଲାଗିଛି ।

ବଂଚିବାର ସଂଗ୍ରାମ ଭିତରେ ସମାଜର ଯେଉଁ ସମୂହ ସ୍ୱର ଉତ୍ତୋଳିତ ହେଉଛି, ସେଇ ସ୍ୱର ଆଜି ସାହିତ୍ୟରେ ରୂପ ନେଇ ପାରିଛି ।

ଆଜିର ସାହିତ୍ୟରେ ସମାଜର ବାସ୍ତବତାକୁ ଆଧାର କରି ଅନେକ ଲେଖକ ସାମାଜିକ ବିପ୍ଳବ ଏବଂ ପରିବର୍ତ୍ତନ ପାଇଁ ଅଗ୍ରସର ହେଉଛନ୍ତି । କିନ୍ତୁ ଏଇ ବାସ୍ତବିକତା ଏବଂ ବୈପ୍ଳବିକତା କେବଳ ଯେ ସାହିତ୍ୟର ଆଭିମୁଖ୍ୟ - ଏହା କୁହାଯାଇ ନ ପାରେ ।

ଆଜି ସମାଜର ସ୍ୱରରେ ଯନ୍ତ୍ରଣା ରହିଛି । ବଂଚିବା ପାଇଁ ଉତ୍ତେଜନା ରହିଛି ଆଉ ଉଲଗ୍ନ ହୋଇ ନୃତ୍ୟ କରିବାର ସ୍ପନ୍ଦନ ରହିଛି । ଏଇଭଳି ସମାଜର ବିଭିନ୍ନ ବାସ୍ତବତାକୁ ପ୍ରତିଫଳନ କରି ସାହିତ୍ୟ ଆଜି ସମାଜର ସ୍ୱର ଉତ୍ତୋଳନ କରି ଆହ୍ୱାନ ଦେଉଛି - ଆଗକୁ, ଆହୁରି ଆଗକୁ ଅଗ୍ରସର ହେବା ପାଇଁ । ସାହିତ୍ୟ - ଆଜି କେବଳ କଳ୍ପନା ବହୁଳ ଏବଂ ସ୍ୱପ୍ନିଳ ନ ହୋଇ ବ୍ୟକ୍ତି ମାନସର ଅନୁଭୂତିକୁ ଓ ସମାଜକୁ ତନ୍ନ ତନ୍ନ କରି ଅଣୁ ପରମାଣୁରେ ବିଶ୍ଳେଷଣ କରିବା ପଥେ । ସମାଜକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି ହୁଏନାହିଁ, ତାହା ଚିରନ୍ତନ ନୁହେଁ । ସାମାଜିକ ପ୍ରତିଫଳନ ସାହିତ୍ୟକୁ ବଂଚାଇ ରଖେ ।

ରାମାୟଣ, ମହାଭାରତ ବଂଚି ରହିଛି, କାରଣ ସେଇ ସମୟର ସାମାଜିକ, ରାଜନୈତିକ ପ୍ରତିଛବି ତା ଦେହରେ ପ୍ରତିଫଳିତ ହୋଇ ରହିଛି । ଫକୀର ମୋହନଙ୍କ ସାହିତ୍ୟ ବଂଚିଛି । କାରଣ ସେ ସାହିତ୍ୟରେ ତତ୍‌କାଳୀନ ସମାଜର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଫଟୋଗ୍ରାଫି ରହିଛି, ଭଂଜ ସାହିତ୍ୟ ଠିକ୍ ସେହିଭଳି ଭଂଜୀୟ ରୁଚି, ଭଂଜୀୟ କଳା ସଂସ୍କୃତିକୁ ରୂପବନ୍ତ କରି ରଖିପାରିଛି ।

ଯେଉଁ ଲେଖକ, କବି, ଗାଳ୍ପିକ, ପ୍ରାବନ୍ଧିକ ସମୂହ ରୁଚିକୁ ନିଜ ରୁଚିରେ ମିଶ୍ରିତ କରି ସାହିତ୍ୟ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସୃଷ୍ଟି କରି ଯାଇଛନ୍ତି, ସେଇମାନେ ଗୋଟାଏ ଗୋଟାଏ ଯୁଗର ସୃଷ୍ଟି କରିପାରିଛନ୍ତି । ଓଡ଼ିଆ ସାହିତ୍ୟ – ଏହିଭଳି ଅନେକ ଯୁଗରେ ପଦାର୍ପଣ କରି ଆଜି ଏକ ବୈପ୍ଳବିକ ସ୍ତରରେ ଝଡ଼ଝଞ୍ଜା ପୂର୍ଣ୍ଣ ପରିବେଶ ଭିତରେ ଗତି କରୁଛି ।

ଆଜିର, ସାହିତ୍ୟ ଓ ସମାଜ ଦୁଇଟି ସମାନ୍ତରାଳ ସରଳ ରେଖା ନ ହୋଇ ଗୋଟାଏ ବିନ୍ଦୁରେ ମିଳିତ ହେବା ପଥେ ଅଗ୍ରସର । ଅତଏବ ଆଜିର ଏଇ –ଓଡ଼ିଆ ଯୁବ ଲେଖକ ସମ୍ମେଳନର ଅବସରରେ ପ୍ରତ୍ୟେକ ଲେଖକ, କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର ଓ ବୁଦ୍ଧିଜୀବି ସେଇ ବିନ୍ଦୁଟିର ଆବିଷ୍କାର କିମ୍ବା ଉଦ୍ଭାବନ କରିବା ବିଧେୟ –

(ବାରିପଦା ଓଡ଼ିଆ ଯୁବ ଲେଖକ ସମ୍ମେଳନର ଉଦ୍ଦେଶ୍ୟରେ)

ଏହି ଲେଖାଟି ବିଗତ ଶତାବ୍ଦୀର ଷଷ୍ଠ ଦଶକରେ ବାରିପଦାରେ ଅନୁଷ୍ଠିତ ଅଷ୍ଟମ ଓଡ଼ିଆ ଯୁବଲେଖକ ସମ୍ମେଳନ ଉପଲକ୍ଷେ ତତ୍‌କାଳୀନ ଅଳକା ସାହିତ୍ୟ ସଂସଦର ମୁଖ୍ୟ ସଂପାଦକ ତ ମେଜର ଗୌରୀ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଅଳକାରେ ପ୍ରକାଶିତ ହୋଇଥିଲା

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଗଦ୍ୟ ବିଭାଗ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଅପ୍ରତିଦ୍ୱନ୍ଦୀ

ଦୟାନିଧି ତ୍ରିପାଠୀ

ପ୍ରାୟ ଦଶବର୍ଷ ପରେ ପୁଣି ସେ ଦିନ ଆମ ଗାଁରେ ଡ୍ରାମା କରାଯିବାର ସଂକଳ୍ପ କରାଗଲା । ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏକ ଅଜଣା ଶିହରଣ । ପିଲାଦିନେ ମୁହଁରେ ରଙ୍ଗବୋଳି ସେ ଅଞ୍ଚଳରେ ଖୁବ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଆମ ଗାଁର ବୁଢା ବୁଢା ମଣିଷ ମାନେ ପୁଣିଥରେ କୁରୁଳି ଉଠିଲେ ନିଜର ଅତୀତକୁ ମନେ ପକାଇ । ଯୁବକ ଓ ପୌଢ଼ମାନଙ୍କ ମଧ୍ୟରେ ଚଞ୍ଚଳତା ଦେଖାଦେଲା । କିଏ ନିଜର ପୂର୍ବ ଅଭିଜ୍ଞତା ବଖାଣିଲା ତ କିଏ ନୂଆ ନୂଆ ଅନୁଭୂତି ବଖାଣି ବସିଲା । ଏସବୁ ଦେଖି ପିଲାମାନେ ଗାଁର ପ୍ରତ୍ୟେକ କୋଣରେ ଆରମ୍ଭ କରିଦେଲେ ପଥପ୍ରାନ୍ତ ଅଭିନୟ । ରାଜା, ମନ୍ତ୍ରୀ, ଡଗର, ଅସୁର ମାନଙ୍କର ହସଖୁସି ଓ ଚିତ୍କାରରେ ଗାଁ ଖାଲି କଂପିବାରେ ଲାଗିଲା ।

କିନ୍ତୁ ସବୁଠାରୁ ବେଶୀ ଗମ୍ଭୀର ହୋଇ ନିଜର ପୂର୍ବ ଐତିହ୍ୟକୁ ବଜାୟ ରଖିବାକୁ ଚେଷ୍ଟା କରୁଥାନ୍ତି ଗଣି ଦଦେଇ । ଆମ ଗାଁର ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ସିଏ ଅତି ପରିଚିତ, ଅତି ଆତ୍ମୀୟ । କେବଳ ସମସ୍ତଙ୍କ ସହ ପରିଚିତ ହେବା ବା ଆତ୍ମୀୟତା ସୃଷ୍ଟି କରିବା ତାଙ୍କର ଗୁଣର ବିଶେଷତ୍ୱ ନଥିଲା, ସେ ଅନ୍ୟ ଏକ ବିଶେଷ ଗୁଣର ମଧ୍ୟ ଅଧିକାରୀ ଥିଲେ । ତା ଥିଲା ପ୍ରତ୍ୟେକ କାର୍ଯ୍ୟରେ କିଞ୍ଚିତ ଜ୍ଞାନ ଓ ପ୍ରବେଶ । ଗାଁର ରାଜନୀତି ଠାରୁ ଆରମ୍ଭ କରି କଳା ସଂସ୍କୃତି, ପ୍ରତ୍ୟେକ କ୍ଷେତ୍ରରେ ସେ ଥିଲେ ଅଗ୍ରଣୀ । ଆଧୁନିକ ପଦ୍ଧତିର ସ୍ୱର ତାଳ ତାଙ୍କୁ ଜଣା ନଥିଲେ ମଧ୍ୟ ପୁରାତନ ପଦ୍ଧତିର ଛାନ୍ଦ, ଚଂପୂ, ଓଡିଶୀ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପରିବେଷଣ କରି ସେ ଯେ କୌଣସି ପରିବେଶକୁ ଭାବ ଗମ୍ଭୀର କରି ପାରୁଥିଲେ । ସେହିପରି ସଂପୂର୍ଣ୍ଣ ଶାସ୍ତ୍ରୀୟ ନୀତିର ନୃତ୍ୟ ପରିବେଷଣ ତାଙ୍କୁ ଜଣାନଥିଲେ ମଧ୍ୟ ସେ ଛୋଟ ଛୋଟ ପିଲାଙ୍କୁ ଓଡିଶୀ (ନିଜସ୍ୱ ଶୈଳୀର) ଦଶାବତାର ଓ ସମ୍ବଲପୁରୀ ନାଚ ଶିଖାଇ ସେ ଅଞ୍ଚଳରେ ଖୁବ୍ ନାଁ କମେଇଥିଲେ । ଅଭିନୟ କ୍ଷେତ୍ରରେ ମଧ୍ୟ ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ଓ ଅଦ୍ୱିତୀୟ , ଅବଶ୍ୟ ଏକ ସ୍ୱତନ୍ତ୍ର ଶୈଳୀରେ । ଅର୍ଥାତ୍ ପୌରାଣିକ ଚରିତ୍ର ଶକୁନି, ଶ୍ରୀକୃଷ୍ଣ ନାରଦ ପ୍ରଭୃତି ପାଇଁ ସେ ଥିଲେ ସେ ଅଂଚଳର ଅପ୍ରତିଦ୍ୱନ୍ଦ୍ୱୀ କଳାକାର । ଏତେ ଗୁଡାଏ ସଦ୍‌ଗୁଣ ଭିତରେ ତାଙ୍କର ଗୋଟିଏ ମନ୍ଦଗୁଣ ମଧ୍ୟ ଥିଲା, ତାହା ହେଉଛି ତାଙ୍କର ଆତ୍ମଗର୍ବ । ତେଣୁ ଗାଁରେ କିଛି ଗୋଟାଏ ସାଂସ୍କୃତିକ ଅନୁଷ୍ଠାନ କରିବାର ପରିକଳ୍ପନା କରିବା ମାତ୍ରେ ସେ ଗମ୍ଭୀର ହୋଇଯାଉଥିଲେ ଏବଂ ଚାହୁଁଥିଲେ ଗାଁର ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଅଭାବକୁ ଉପଲବ୍ଧି କରି ତାଙ୍କୁ ସ୍ୱତନ୍ତ୍ର ଭାବରେ ଆମନ୍ତ୍ରଣ କରନ୍ତୁ ଓ ତାଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଓ ଆସନ ଦିଅନ୍ତୁ ।

ଦଦେଇଙ୍କ ଗୁଣ ସହ ଅଭ୍ୟସ୍ତ ହୋଇଯାଇଥିବାରୁ ସଂଗେ ସଂଗେ ଆମେ କେତେଜଣ ଯୁବକ ଏ ସଂପର୍କରେ ଆବଶ୍ୟକୀୟ ପରାମର୍ଶ ନେବାପାଇଁ ତାଙ୍କ ପାଖକୁ ଦୌଡିଲୁ । ଆମକୁ ଦେଖି ନିଜର ପୂର୍ବ ସ୍ୱଭାବ ଅନୁଯାୟୀ ସିଏ ବଖାଣି ବସିଲେ ନିଜର ବାହୁବଳ ଓ ପୂର୍ବ ଗାରିମା ଯଥା ପୂର୍ବେ କେଉଁ ଯାଗାରେ କିପରି ପରିସ୍ଥିତିରେ ସିଏ ଡ୍ରାମା ବା ଥିଏଟରକୁ ସଫଳ କରାଇ ପାରିଛନ୍ତି, ତାର ଏକ ବିଷଦ ବିବରଣୀ । ଅବଶ୍ୟ ତାଙ୍କ ପାଖରେ ବସି ଘଣ୍ଟା ଘଣ୍ଟା ଧରି ତାଙ୍କ ବଡିମା ଶୁଣିବାକୁ ଏତେଟା ଖରାପ ଲାଗେନି । କାହିଁକି ନା ନାଟକୀୟ ଶୈଳୀରେ ତାଙ୍କର ବର୍ଣ୍ଣନା ଚାତୁରୀ ଓ ମଝିରେ ମଝିରେ ତାଙ୍କର ରୋମାଣ୍ଟିକ୍ ବିଷୟର ଅବତାରଣା ଯୁବକ ମାନଙ୍କ ମନକୁ ଉଲ୍ଲସିତ କରି ବେଶ୍ ବାନ୍ଧି ରଖିପାରେ ।

ଯାହାହେଉ ସେଦିନ ପ୍ରାୟ ୩-୪ ଘଣ୍ଟା ଆଲୋଚନା ପରେ ଆମର ସିଦ୍ଧାନ୍ତ ହେଲା ଆମେ ମହାଭାରତ ଉପରେ ପର୍ଯ୍ୟବେସିତ କୌଣସି ଏକ ନାଟକ କରିବୁ । ଆଧୁନିକ ବା ସାମାଜିକ ନାଟକ କରିବାର ପ୍ରସ୍ତାବ ସଂପୂର୍ଣ୍ଣ କାଟ ଖାଇଗଲା କାରଣ ଦଦେଇ ଥିଲେ ଏ ସବୁର ଘୋର ବିରୋଧୀ । ତାଛଡା କର୍ଣ୍ଣବଧ ପରି ବୀରରସ, ପ୍ରେମରସ, ବିରହ ରସ ଓ ଭକ୍ତିରସରେ ଜୁବୁବୁବୁ ହେଉଥିବା ନାଟକ ଛାଡି ଏ ଆଧୁନିକ ନାଟକର ରସ ଆସ୍ୱାଦନ କରିବାକୁ କେହି ରାଜି ହେଲେନି । ଅବଶ୍ୟ କର୍ଣ୍ଣବଧ ନାଟକ ନିର୍ବାଚନ ଜିତିବାର ଏକ ଭିତିରି ରହସ୍ୟ ମଧ୍ୟ ଥିଲା । ତାହା ହେଉଛି ପୂର୍ବରୁ ପ୍ରାୟ ୭/୮ ଥର ଏହି ନାଟକକୁ ଗଣି ଦଦେଇ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ କରାଇଥିଲେ ଏବଂ ଏଥିରେ ସେ ପାରଦର୍ଶିତା ଲାଭ କରିଥିବା ଶ୍ରୀକୃଷ୍ଣ ଓ ଶକୁନି ଭୂମିକା ଗୁଡିକ ଅତ୍ୟନ୍ତ ଆକର୍ଷଣୀୟ ଥିଲା ।

ନାଟକ ନିର୍ବାଚନ କାର୍ଯ୍ୟଟି ଶେଷ ହୋଇଯିବା ପରେ ନାଟକ ଅନୁଷ୍ଠିତ ହେବାର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକ ତ୍ୱରାନ୍ୱିତ ହେବାକୁ ଲାଗିଲା । ଗାଁର ଯୁବକ ସଂଘର ପିଲାମାନେ ସାଂଗଠନିକ ଦାୟିତ୍ୱ ତୁଲେଇବା ପାଇଁ ଅଣ୍ଟା ଭିଡି ବାହାରି ଆସିଲେ । ଏକ ଶୁଭଦିନ ଦେଖି ଯୁବକ ସଂଘର ଘରେ ଲାଇଟ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଲାଗିଲା ଓ ଶ୍ରୀଫଳ ପିଟା ହେଲା । ଗାଁର ଅଧିକାଂଶ ଗ୍ରାମବାସୀ ତଥା ସମସ୍ତ ପିଲା ଓ ଯୁବକ ମାନଙ୍କର ଉପସ୍ଥିତିରେ ଆରମ୍ଭ ହେଲା କଳାକାର ନିର୍ବାଚନ । କଳାକାର ନିର୍ବାଚନ କରିବାର ମୁଖ୍ୟ ଦାୟିତ୍ୱ ନେଲେ ନିଜେ ଗଣି ଦଦେଇ । ଗୋଟିଏ ପରେ ଗୋଟିଏ ଭୂମିକାର ନିର୍ବାଚନ ଶେଷ ହେବାରେ ଲାଗିଲା । କିନ୍ତୁ ଅଡୁଆ ଉଠିଲା ଶକୁନି ଭୂମିକାକୁ ନେଇ । କାରଣ ଗଣି ଦଦେଇଙ୍କ ପରି ଜଣେ ଅଦ୍ୱିତୀୟ ଶକୁନି ଚରିତ୍ର ଅଭିନେତା ଥାଉ ଥାଉ ଅନ୍ୟମାନେ କେହି ସାହସ କଲେନି ସେଇ ଭୂମିକା ପାଇଁ । ଯେଉଁ ଜଣେ ଦୁଇଜଣ ସାହାସ କରି ଆସିଲେ ସେମାନଙ୍କ ଅଭିନୟ ମଧ୍ୟ ଗଣି ଦଦେଇଙ୍କ ମନକୁ ପାଇଲା ନାହିଁ । ଏମିତି ଭାବରେ ନାଟକଟିର ଅଭ୍ୟାସ ଶକୁନି ଚରିତ୍ରବିନା ୫୭ ଦିନ ଚାଲିଲା । ଏଇ ୫୭ ଦିନ ଶକୁନି ଚରିତ୍ରର ଅଭିନୟ ଗଣି ଦଦେଇ ନିଜେ କରୁଥିଲେ । ତେଣୁ ଆମ୍ଭେମାନେ ମନେ ମନେ ଧରିନେଲୁ ଯେ ଗଣି ଦଦେଇ ବୋଧହୁଏ ଡ୍ରାମାଦିନ ମଧ୍ୟ ଏହି ଭୂମିକାରେ ଅବତୀର୍ଣ୍ଣ ହେବେ । ତେଣୁ ଆମ୍ଭେମାନେ ମଧ୍ୟ ମନେ ମନେ ଖୁସି ହୋଇ ଚୁପ ରହିଲୁ । ଏପରି ଭାବରେ ଆହୁରି ୩୪ ଦିନ ନାଟକ ଚାଲିଲା । ନାଟକ ଅନୁଷ୍ଠିତ ହେବାକୁ ଆଉ ୫ ଦିନ ବାକିଥାଏ । ପ୍ରାୟ ସମସ୍ତ ପ୍ରାରମ୍ଭିକ କାର୍ଯ୍ୟର ପ୍ରସ୍ତୁତି ସରିଥାଏ । ଯୁବକ ସଂଘର ସଦସ୍ୟମାନେ ରସିଦ ଧରି ଆଖପାଖ ଗାଁରୁ ପ୍ରାୟ ୫୦୦ ଟଙ୍କା ଆଦାୟ କରିସାରିଥାନ୍ତି । ସିନ୍ ଆଉ ମାଇକ୍ ପାଇଁ ମଧ୍ୟ ବହିଣା ଦିଆ ସରିଥାଏ । ଠିକ୍ ସେହିଦିନ ରାତିରେ ହଠାତ୍ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲା । ଗଣି ଦଦେଇଙ୍କ ମନରେ ମନ୍ଦ ବୁଦ୍ଧିର ପ୍ରତିକ୍ରିୟା ଦେଖାଦେଲା । ପ୍ରାୟ ପ୍ରତ୍ୟେକ ନାଟକରେ ଶେଷ ମୁହୂର୍ତ୍ତରେ ନିଜର ଗୁରୁତ୍ୱ ବଢାଇବାପାଇଁ ଗଣି ଦଦେଇ ଠିକ୍ ଏଇମିତି ଘଟଣାର ଅବତାରଣା କରନ୍ତି ।

ତେଣୁ ସେ ଦିନ ରିହାର୍ସଲ ଆରମ୍ଭରୁ ହିଁ ପ୍ରତ୍ୟେକ ଅଭିନେତାଙ୍କ ଉପରେ ରାଗିବା ଆରମ୍ଭକଲେ । ଭଲ ଅଭିନୟ କରୁଥିବା ଅଭିନେତା ମାନଙ୍କର ଦୋଷଗୁଣ ବାଛି ତାଙ୍କୁ ସ୍ଥାଣୁ କରିଦେଲେ । ଏ ସବୁ ଦେଖି ସମସ୍ତଙ୍କ ମନରେ ଗୋଟିଏ ବୈରାଗ୍ୟ ଭାବ ସୃଷ୍ଟି ହେଲା । ତେଣୁ ଗାଁର କେତେଜଣ ଯୁବ ଅଭିନେତା ନିଜର ନୈରାଶ୍ୟବୋଧକୁ ହୃଦୟରେ ଚାପିନପାରି ହଠାତ୍ ବିକ୍ଷୋଦ୍‌ଗାରଣ କଲେ । ଗଣି ଦଦେଇଙ୍କ ସହ ସେମାନଙ୍କ ବଚସା ହେଲା । ଏବଂ ଚିରାଚରିତ ପ୍ରଥା ଅନୁଯାୟୀ ରାଗ ଗଦ ଗଦ ଚିତ୍ତରେ ରିହର୍ସଲ ତ୍ୟାଗ କଲେ ।

ସମସ୍ତଙ୍କ ମନରେ ଏ ଘଟଣା ନେଇ ଛନକା ପଶିଲା । ଯଦି ରାଗରେ ଗଣି ଦଦେଇ ନ ଆସନ୍ତି, ତେବେ ଗାଁର ନାଁ ବଦନାମ ହେଇଯିବ, ପୁଣି ଆମ୍ଭେମାନେ ଦୌଡ଼ିଲୁ ତାଙ୍କ ପାଖକୁ । ଗଣି ଦଦେଇଙ୍କ ଗୋଡ ହାତ ଧରି ନେହୁରା ହେଲୁ । ଏସବୁ ତାଙ୍କର ଆତ୍ମଗର୍ବକୁ ବଢେଇଦେଲା । ତେଣୁ ସେ ବାଛି ବସିଲେ ଅନେକ ଅଯୁକ୍ତିକର ପ୍ରସ୍ତାବ । ଯେ କୌଣସି ପ୍ରକାରେ ସେ ପ୍ରସ୍ତାବ ସବୁକୁ ମାନିନେବାକୁ ଆମେ ପ୍ରସ୍ତୁତ୍ତ ହେଲୁ । କିନ୍ତୁ ତାଙ୍କୁ ଅପମାନିତ କରିଥିବା ଅଭିନେତାମାନଙ୍କୁ ନାଟକରୁ ବହିଷ୍କାର କରିବା

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପ୍ରସ୍ତାବ ଆମମାନଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ଠିଆହେଲା । ଏକପଟେ ସବୁ ବିଷୟରେ ଜ୍ଞାନଥିବା ତଥା ଶକୁନି ଭୂମିକାରେ ଅଭିଜ୍ଞତା ଥିବା ଗଣିଦଦେଇ ଅନ୍ୟ ପକ୍ଷରେ ବହିଷ୍କାର ହୋଇଥିବା ୨।୩ ଜଣ ଯୁବ ଅଭିନେତାଙ୍କର ସ୍ଥାନ ପୂରଣ ଜନିତ ସମସ୍ୟା । ସ୍ୱଳ୍ପ ସମୟ ଭିତରେ ଏ ଦୁଇଟି ଘଟଣାର ବିଚାର ଓ ଆଶୁ ସମାଧାନ କଷ୍ଟବୋଧ ହେଲା ।

ଗଣି ଦଦେଇଙ୍କୁ ଅନେକ କାକୁତି ମିନତି ହେଲୁ । ନିଜ ଗୁଣରେ କ୍ଷମା କରିଦେବାପାଇଁ ହାତ ଯୋଡିଲୁ । ତଥାପି ତାଙ୍କର ଆତ୍ମଗର୍ବ ତାଙ୍କୁ ନିଜ ନିଷ୍ପତ୍ତିରେ ଅଟଳ ରଖିଲା । ତେଣୁ ଶେଷରେ ନିଷ୍ପତ୍ତି ନିଆଗଲା ଗଣିଦଦେଇଙ୍କୁ ତ୍ୟାଗ କରାଯିବ । ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା କରାଗଲେ, କିଛି ଅସୁବିଧା ନାହିଁ । ଏଥର ପୁଣି ଏକ ସମସ୍ୟା ଦେଖାଗଲା । ଶକୁନି ପରି ଏକ ଅଦ୍ୱିତୀୟ ଭୂମିକାରେ ପୁଣି ଜଣେ ଅଦ୍ୱିତୀୟ ଓ ପୋଖତ କଳାକାର ପାଇବା କେଉଁଠୁ ? ସମସ୍ତେ ଏହି ଚିନ୍ତାରେ ମଜ୍ଜିଥିବା ବେଳେ ମୋ ଭିତରେ ଏକ ଦୃଢତା ଦେଖାଦେଲା । ମୁଁ ନିଜେ ଶକୁନି ଭୂମିକାକୁ ରୂପ ଦେଇପାରିବି ବୋଲି ସାହସ ସଂଚୟ କଲି । ସେତେବେଳକୁ ଅବଶ୍ୟ ମୁଁ ଗଣି ଦଦେଇଙ୍କ ଅଭିନୟ ୮।୧୦ ଦିନ ଦେଖି ସାରିଥାଏ । ମୋ ନିଷ୍ପତ୍ତି ସମସ୍ତଙ୍କୁ ଶୁଣେଇଲି । ବୁଡି ଯାଉଥିବା ମଣିଷ କୁଟାଖିଅକୁ ଆଶ୍ରା କଲାପରି ଗାଁ ଲୋକମାନେ ମୋ ପ୍ରସ୍ତାବରେ ହଁ ଭରିଲେ । ତାପରେ ଆରମ୍ଭ ହେଲା ମୋର ଶକୁନି ଭୂମିକା । ପ୍ରତ୍ୟେକ କାର୍ଯ୍ୟ ଭୁଲି ମୁଁ କେବଳ ସଫଳ ଶକୁନି ହେବାର ନିଶାରେ ମଜ୍ଜିଗଲି । ଖାଇବା, ବସିବା, ବୁଲିବା ସବୁ ସମୟରେ ମୁଁ ସଂଳାପ ଉଚାରଣ କଲି । ନିର୍ଜନକୁ ଯାଇ ଗଣି ଦଦେଇଙ୍କୁ ଅନୁକରଣ କରିବାକୁ ଚେଷ୍ଟା କଲି ।

ଦିନ ପରେ ଦିନ ଆଗେଇ ଚାଲୁଥାଏ । ଡ୍ରାମା ଦିନ ପାଖେଇ ଆସୁଥାଏ । କିନ୍ତୁ ଗଣି ଦଦେଇଙ୍କ ଦେଖା ନଥାଏ । ନିଜର ଆତ୍ମାଭିମାନକୁ ସମ୍ବଳ କରି ସେ ରାଗରେ ସନ୍ତୁଳି ହେଉଥାନ୍ତି । ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ହିସାବରେ ତାଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରିବାର ମୋର ମନ ବଳିଲା । ମୁଁ ତାଙ୍କୁ ଲୁଚି ଲୁଚି ଲକ୍ଷ୍ୟ କଲି । ଡ୍ରାମାର ଦୁଇଦିନ ପୂର୍ବରୁ ମୁଁ ଥରେ ତାଙ୍କ ଘରେ ଲୁଚି ବସିଲି । ମନେ ମନେ ଭାବୁଥାଏ ନିଶ୍ଚୟ ଗଣି ଦଦେଇ ଭିତରେ ଭିତରେ ବଳୁଥିବେ । ନିଜର ଭୁଲ ପାଇଁ ଅନୁତାପ ବି କରୁଥିବେ । ମୋର ଧାରଣା ସତ ହେଲା । ଗଣି ଦଦେଇ ତାଙ୍କ ଘରେ କାମ କରୁଥିବା ପିଲାକୁ ପଚାରୁଥିବାର ମୁଁ ଶୁଣିଲି, ହଇରେ ସନା, ଡ୍ରାମା ହେଉଛି ନା ...

- ହଁ, ସବୁଦିନେ ତ ରିହରସାଲ ହେଉଛି । ସନା କହିଲା ।

ପିଲାମାନେ ଭଲ କରୁଛନ୍ତି ?

-ହଁ, ତମେ ଆଜ୍ଞା ଯିମିତି ଶିଖେଇଚ ସିମିତି କରୁଛନ୍ତି ।

ହଇରେ ଶକୁନି ପାର୍ଟ କିଏ କଲା କି ?

- ଆମ ରବିବାବୁ ପରା । ଏଇଟି ଆଜ୍ଞା ଭଲ କରୁଛନ୍ତି । ମୋ ଜେଜେ ତ କହୁଥିଲା - ଶକୁନି ପାର୍ଟ ପାଇଁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଆପଣଙ୍କ ପରେ ରବିବାବୁ ବାହାରିଲେ ବୋଲି । ...

ହୁଁ ସେମାନେ ମୋତେ ଖୋଜୁନାହାନ୍ତି ?

-ହଁ ଆଜ୍ଞା ଖୋଜୁଛନ୍ତି ଯେ ଆପଣଙ୍କ ରାଗଦେଖି କେହି ଆସୁନାହାନ୍ତି । ଯାହା କୁହନ୍ତୁ ଆଜ୍ଞା, ଏତେ ଖୁସିବାସି ଭିତରେ ଆପଣଙ୍କର ଏମିତି ରାଗିବାର ନଥିଲା ।

ହଃ ଯା ଯା ହଇରେ ମୁଁ କଣ ମିଛଟାରେ ରାଗିଲି । ପିଲାମାନେ କେମିତି ଭଲ କରିବେ ସେଥିପାଇଁ ରାଗିଲି ନା, ୟା ବୋଲି ତାଙ୍କର ବୁଦ୍ଧି ବି ହଜିଗଲା ? ମୁଁ ଏତେ ଖଟିଲି । ଶେଷରେ ମତେ ପୁରା ଆଡେଇ ଦେଲେ । ଟିକେ ଡାକୁ ନାହାନ୍ତି ମଧ୍ୟ !

ଏ କଥା କହିଲା ବେଳକୁ ଗଣି ଦଦେଇଙ୍କ କଣ୍ଠଟା ଟିକିଏ କେମିତି ବେଦନାତ୍ମକ ଶୁଣାଗଲା । ମୋ ମନଟା ମଧ୍ୟ ଆର୍ଦ୍ର ହୋଇଗଲା । ତାଙ୍କ ମନର ବେଦନାକୁ ମୁଁ ମନେ ମନେ ଅନୁଭବ କଲି । ଫେରି ଆସି ସାଙ୍ଗମାନଙ୍କୁ ପ୍ରସ୍ତାବ ଦେଲି ଯାଇ ଦଦେଇଙ୍କୁ ଡାକିବା ପାଇଁ । କେହି ମଙ୍ଗିଲେ ନାହିଁ । ଶେଷରେ ଦଦେଇଙ୍କ ପାଖକୁ ଯାଇ ନିଜେ ପହଞ୍ଚିଲି । ମତେ ଦେଖି ସେ ସାମାନ୍ୟ ଖୁସି ହୋଇଗଲେ । ଏବଂ ପଚାରିଲେ, କିରେ ରବି କୁଆଡେ ଆସିଲୁ ?

- ଦଦେଇ, ତୁମେ ଚାଲି ଆସିବାରୁ ମୁଁ ବଡ ଅଡୁଆରେ ପଡିଛି । ମୁଁ କହିଲି ।

କିରେ, କାହିଁକି ?

- ସେ ଶକୁନି ରୋଲପରା ମୁଁ କରୁଛି !

ଭଲ ହେଲା ଏଥିରେ ଡରିବାର କଣ ଅଛି ?

- ନାଇଁ ଦଦେଇ ତମେ ଥାଉ ଥାଉ ଶକୁନି ପାର୍ଟଟା ମୁଁ କଲେ, ତାକଣ ଲୋକଙ୍କ ମନକୁ ପାଇବ ? ତାଛଡା ତମେ ଏ ଅଂଚଳର ଅଦ୍ୱିତୀୟ କଳାକାର ।

କିରେ ପାରିବୁନି କାହିଁକି ? ଅଭିନୟ କରି ମନକୁ ଦୃଢ କର । ଦେଖିବୁ ତୁ ବି ଅଦ୍ୱିତୀୟ ହେଇଯିବୁ ।

- ତୁମେ ଟିକେ ଚାଲନା ଦଦେଇ, ତମେ ରହିଲେ- ମୋର ଟିକେ ସାହାସ ଆସିବ ।

ଆରେ ନାଇଁ ନାଇଁ । ସମସ୍ତେ କଣ ତୋପରି ହେଇଛନ୍ତି ? କହିବେ ନାଟୁଆ ଟା, ସମ୍ଭାଳି ପାରିଲାନି । ଧାଇଁ ଆସିଲା । ହଉ ତୁ ଯାଆ ବାପା । ଡ୍ରାମାରେ କେବଳ ତତେ ଦେଖିବାକୁ ମୁଁ ନିଶ୍ଚୟ ଯିବି ।

ଦଦେଇଙ୍କ କଥାରେ ମୋ ଉତ୍ସାହ ଦ୍ୱିଗୁଣିତ ହୋଇଥିଲା । ମୁଁ ଫେରିଆସିଲି, ଡ୍ରାମାଦିନ ମଧ୍ୟ ଆସିଗଲା । ମାଇକର ଚିତ୍କାର ଓ ସାଜସଜ୍ଜା ଭିତରେ ଗାଁ ଆନନ୍ଦ ଉଲ୍ଲାସରେ ମଜ୍ଜିଗଲା । ସେଦିନ ସକାଳୁ ଗଣି ଦଦେଇ କେଉଁ ଆଡେ ବାହାରି ଯିବାର ମୁଁ ଦେଖିଥିଲି । କିନ୍ତୁ ଭରସି କରି କିଛି ପଚାରି ପାରିଲିନି । ସଂଧ୍ୟା ହେଲା । ମୁହଁରେ ରଙ୍ଗ ବୋଳିବାର ସମୟ ଆସିଲା । ମୁଁ ଲସର ପସର ହୋଇ ଦୌଡିଲି ଦଦେଇଙ୍କ ଘରକୁ ଆଶୀର୍ବାଦ ନେବା ପାଇଁ । କିନ୍ତୁ ଦଦେଇ ଫେରିନଥିଲେ । ମନଟା ଫିକା ପଡିଗଲା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ମନ ଦୁଃଖରେ ଆସି ମୁହଁରେ ରଙ୍ଗ ବୋଳି ହେଲି । ଦେହରେ ପୋଷାକ ଗ୍ଭିନ୍ଧିଲି ।

ରାତ୍ରୀର ପ୍ରଥମ ପ୍ରହର ବେଳକୁ ସମସ୍ତେ ରଙ୍ଗ ମାଖି ପୋଷାକ ପିନ୍ଧିସାରିଥାନ୍ତି । ଦର୍ଶକ ମଧ୍ୟ ଷ୍ଟେଜ୍ ସାମନାରେ ଭରପୂର । ଏଇମାତ୍ର ଡ୍ରାମା ଆରମ୍ଭ ହେବ । ସମସ୍ତେ ଆନନ୍ଦରେ ଉଚ୍ଛୁଳୁଥାନ୍ତି । କିନ୍ତୁ ମୋ ମନ ଖୋଜୁଥାଏ ଜଣଙ୍କୁ । ଯାହା ହେଉ ଡ୍ରାମା ଠିକ ଆରମ୍ଭ ହେବା ପୂର୍ବରୁ ଦଦେଇ ଆସିଲେ ଭାବ ଗମ୍ଭୀର ଭାବରେ ରଙ୍ଗମଞ୍ଚ ଭିତରେ ଥରେ ବୁଲି ଆସିଲେ । ପ୍ରତ୍ୟେକ କଥା ତଦାରଖ କଲେ । ସମସ୍ତ ରାଗ ରୋଷ ଭୁଲି ଆମ୍ଭମାନଙ୍କୁ ଆଲିଙ୍ଗନ କଲେ । ଆମ୍ଭେମାନେ ତାଙ୍କ ଚରଣ ଛୁଇଁ ଆଶୀର୍ବାଦ ନେଲୁ ।

ତାପରେ ସେ ରଙ୍ଗମଞ୍ଚ ଉପରେ ନିଜ ସାଥୀରେ ଆଣିଥିବା ଠାକୁର ମୂର୍ତ୍ତି ସ୍ଥାପନା କଲେ । ଆଣିଥିବା ମା ଉଗ୍ରତାରାଙ୍କ ଆଜ୍ଞାମାଳ ମଞ୍ଚରେ ଟାଙ୍ଗିଲେ । ପାରଂପରିକ ରୀତିରେ ପୂଜା ମଧ୍ୟ କଲେ । ନାଟକ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇ ମୋ ପାଖକୁ ଆସି କହିଲେ ନିଜ ଭିତରେ ଦୃଢତା ଓ ଆତ୍ମବିଶ୍ୱାସ ରଖି ଅଭିନୟ କରିଯା । କେବଳ ତୋରି ଅଭିନୟ ଦେଖିବାପାଇଁ ମୁଁ ଆଜି ସାରା ରାତି ବାହାରେ ଅପେକ୍ଷା କରିବି । ମୋ ଦେହରେ ଶିହରଣ ହେଲା । ମୁଁ ପୁଣି ଥରେ ତାଙ୍କ ଚରଣ ଛୁଇଁଲି । ଏବଂ ମୋ ପିଠିରେ ହାତ ଥାପୁଡେଇ ସିଏ ମଞ୍ଚ ଭିତରୁ ବାହରକୁ ଚାଲିଗଲେ ।

ଡ୍ରାମା ଆରମ୍ଭ ହେଲା । ପ୍ରଥମ ଦୃଶ୍ୟରୁ ହିଁ ମୋର ଅଭିନୟ ଲୋକଙ୍କ ମନକୁ ଛୁଇଁଲା । ଦର୍ଶକଙ୍କ ମୁହଁରୁ ବାଃ ବାଃ ଓ ହାତର ତାଳି ଶବ୍ଦ ଶୁଭିଲା । ମୁଁ ଆନନ୍ଦରେ ବିଭୋର ହୋଇ ଅଭିନୟ କରିଚାଲିଲି । ଦୂରରେ ବସି ମୋର ଅଭିନୟକୁ ଦେଖୁ ଦେଖୁ ଗଣି ଦଦେଇ ମଧ୍ୟ ଆତ୍ମ ବିଭୋର ହୋଇ ଉଠୁଥିଲେ । ତାଙ୍କ ମୁହଁରୁ  ବାହାରୁଥିଲା ନୀରବ ବିସ୍ମୟ ଓ ପ୍ରଶଂସାର ଆଭାସ । ଆଖିରୁ ଝରୁଥିଲା ଆନନ୍ଦାଶ୍ରୁ । ଡ୍ରାମା ଶେଷ ହେଲା । ଲୋକଙ୍କ ମୁହଁରେ ସେଇ ଗୋଟିଏ କଥା ଶକୁନି ଭୂମିକା ପାଇଁ ମୁଁ କୁଆଡେ ଜଣେ ଅପ୍ରତିଦ୍ୱନ୍ଦୀ କଳାକାର । ମୁଁ କିନ୍ତୁ ଦୋହୁଥିଲି ଆଉ ଜଣେ ଅପ୍ରତିଦ୍ୱନ୍ଦୀ କଳାକାର ଗଣି ଦଦେଇଙ୍କ ଚରଣ ସ୍ପର୍ଶ କରିବା ଲାଗି ଯାହାଙ୍କ ପ୍ରେରଣା ଓ ସାହାସ ପାଇଁ ମୁଁ ଆଜି ତାଙ୍କ ସ୍ଥାନ ଅଳଂକୃତ କରିଛି । ସତରେ, ଅଦ୍ୱିତୀୟ କଳାକାର ସୃଷ୍ଟି କରିବାରେ ସେ ବି ଜଣେ  ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ କଳାକାର ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିରହ ବେଦନା

ସ୍ମୃତି ରଞ୍ଜନ ନାଥ

ଅମାବାସ୍ୟା ରାତିର ଘନ ଅନ୍ଧକାର ମଧ୍ୟରେ ପାହାଡ ଓ ଜଙ୍ଗଲ ପାଖ ଦେଇ ଟ୍ରେନଟି ଦ୍ରୁତଗତିରେ ତାର ଗନ୍ତବ୍ୟସ୍ଥଳ ଆଡକୁ ଆଗେଇ ଚାଲିଛି । ରାତି ୧୨ ଟା ବାଜିଲାଣି ତେଣୁ ପ୍ରାୟ ସମସ୍ତ ଯାତ୍ରୀ ଶୋଇପଡିଥାନ୍ତି । ୪ ନମ୍ବର ବଗିର ୧୦୮ ନମ୍ବର ଝରକା ପାଖ ସିଟରେ ବସିଥିବା ଯୁବକ ଜଣକ (ବିକାଶ) ଏ ଓ୍ୱାକ୍ ଟୁ ରିମେମ୍ବର ନାମକ ଏକ ବହି ପଢୁଥାଏ । ଟ୍ରେନ ଝରକା ଦେଇ ନିର୍ମଳ ପବନ ବହୁଥାଏ ଏବଂ ବିଭିନ୍ନ ପକ୍ଷୀ ଓ କୀଟପତଙ୍ଗ ମାନଙ୍କର କିଚିରି ମିଚିରି ଶବ୍ଦ ଶୁଭୁଥାଏ । ହଠାତ ଏହି ସମୟରେ ଦୂର ଜଙ୍ଗଲ ମଧ୍ୟରୁ ଏକ କ୍ଷୀଣ ସ୍ୱର ଶୁଭିଲା । ସତେ ଯେମିତି କେହି ବିକାଶକୁ ଡାକୁଛି । ଏହି କଣ୍ଠ ସ୍ୱର ଧିରେ ଧିରେ ଜୋରରେ ଶୁଭୁଥାଏ । ନିଜ ନାମକୁ ଶୁଣି ବିକାଶ ଆଚମ୍ବିତ ହୋଇ ଜଙ୍ଗଲ ଆଡକୁ ଚାହୁଁଥାଏ । କିନ୍ତୁ ଅମାବାସ୍ୟା ରାତିର ଘନ ଅନ୍ଧକାର ଯୋଗୁଁ କିଛି ଦେଖା ଯାଉନଥାଏ । କିଛି ସମୟ କଣ୍ଠସ୍ୱରକୁ ଶୁଣିବା ପରେ, ବିକାଶକୁ ସେହି ଆତୁରମୟ କଣ୍ଠସ୍ୱର ଚିହ୍ନିପାରିଲା ପରି ଲାଗୁଥାଏ । ସତେ ଯେପରି କେହିଜଣେ ତାର ଅତ୍ୟନ୍ତ ନିଜର ଆତ୍ମୀୟସ୍ୱଜନ ତାକୁ ସାହାଯ୍ୟ ପାଇଁ ଡାକୁଛି । ଧିରେ ଧିରେ କଣ୍ଠସ୍ୱର ଟ୍ରେନର ଅଗ୍ରଗତି ସହିତ ପାହାଡ ଜଙ୍ଗଲ ମଧ୍ୟରେ ଲୀନ ହୋଇଗଲା ।

କିଛି ସମୟର ନୀରବତାକୁ ଭଙ୍ଗ କରି ବିକାଶ ନିଜ ବ୍ୟାଗ ଖୋଲିବାକୁ ଆରମ୍ଭ କଲା ଏବଂ ଲାଗୁଥିଲା ସତେ ଯେପରି କୌଣସି ମୂଲ୍ୟବାନ ଜିନିଷକୁ ଖୋଜୁଛି । ବହୁତ ଖୋଜାଖୋଜି ପରେ ଦୁଇଟି କାଚ ବାକ୍ସ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବାହାର କରିଲା । ଗୋଟିଏ କାଚ ବାକ୍ସରେ ଏକ ଶୁଖିଲା ଗୋଲାପଫୁଲ ଏବଂ ଅନ୍ୟଟିରେ ଏକ ପୁରୁଣା ରୂପା ପାଉଁଜି ଥିଲା । ଏହି ଦୁଇଟି ଜିନିଷକୁ ଦେଖିବାରେ ଏତେ ନିମଗ୍ନ ହୋଇଗଲା ଯେ, ସେ ତାର ବର୍ତ୍ତମାନକୁ ଭୁଲିଗଲା । ହଁ, ବର୍ତ୍ତମାନ ଅର୍ଥାତ୍ ବିକାଶର ବର୍ତ୍ତମାନ । ଦୀର୍ଘ ସାତବର୍ଷ ଧରି ସେ ଘରଠାରୁ ବହୁତ ଦୂରରେ ସହରରେ ରହି ଡାକ୍ତରୀ ପାଠ ପଢୁଥିଲା । ଆଜି ବହୁ ବର୍ଷର ପରିଶ୍ରମ ଓ ଅଧ୍ୟବସାୟ ପରେ ନିଜ ବାପାଙ୍କ ସ୍ୱପ୍ନକୁ ସାକାର କରି ଡାକ୍ତର ହୋଇ ନିଜ ଗାଁକୁ ଫେରୁଛି । ମନରେ ତାର କେତେ ଆଶା ଓ ଉତ୍ସାହ, ବହୁ ବର୍ଷପରେ ନିଜ ଗାଁ କମଳପୁରକୁ ନିଜ ବାପା, ମା ପାଖକୁ ଫେରୁଛି ।

କିନ୍ତୁ କଣ୍ଠସ୍ୱର ଶୁଣିଲାପରେ ତା ମୁହଁରୁ ସବୁ ହସ ମନରୁ ସବୁ ଉତ୍ସାହ କୁଆଡେ ହଜିଯାଇଛି । ବହୁତ ସମୟ ପର୍ଯ୍ୟନ୍ତ ସେହି ଗୋଲାପଫୁଲ ଓ ରୂପା ପାଉଁଜିକୁ ନିରୀକ୍ଷଣ କରି କଣ ଗୁଡାଏ ଭାବୁଥାଏ । ବୋଧହୁଏ ସେହି କଣ୍ଠସ୍ୱର ଏବଂ ଜିନିଷ ଦୁଇଟି ମଧ୍ୟରେ ଏକ ଗଭୀର ସଂପର୍କ ରହିଛି । ହଠାତ୍ ବ୍ୟସ୍ତ ଓ ବିବ୍ରତ ଭିତରେ ବିକାଶ ପାଟିରୁ ଏକ ନାଁ ବାହାରିଲା ଉପାସନା । ମନେ ହେଉଥାଏ ଯେପରି ସ୍ୱରଟି ଉପାସନାର ଏବଂ ଉପାସନା ନିଶ୍ଚୟ କିଛି ବିପଦରେ ଅଛି । ବିକାଶ ପାଟିରୁ ଥରୁଟିଏ ଉପାସନା ନାଁ ଶୁଭିଲା କିନ୍ତୁ ତା ମନ ଭିତରେ ପ୍ରତି ମୁହୂର୍ତ୍ତରେ ଉପାସନାର ନାଁ ଶୁଭୁଥାଏ । ହଁ ଉପାସନା, ବିକାଶର ପଡୋଶୀ ଘରର ଝିଅ । ରୂପରେ ଯେମିତି ଗୁଣରେ ବି ସେମିତି ସତେ ଯେମିତି ଗୋଟିଏ ଚାଉଳରେ ଗଢା । କିନ୍ତୁ ଗୋଟିଏ ଜିନିଷର ଅଭାବ ତାପାଖରେ ଏବଂ ସେଇଟା ହେଉଛି ବିଦ୍ୟା । ସେ ପାଠ ପଢିନାହିଁ । ପିଲାଟି ବେଳରୁ ନିଜ ମାକୁ ହରେଇଛି କିନ୍ତୁ ନିୟତିର ଗତି ବଡ ବିଚିତ୍ର, ତା ବାପା ହରିବାବୁ ନିଜ ପ୍ରଥମ ସ୍ତ୍ରୀର ମୃତ୍ୟୁର କିଛି ଦିନ ଭିତରେ ହିଁ ଦ୍ୱିତୀୟ ବିବାହ କରିଛନ୍ତି । କିଛି ବର୍ଷ ସବୁ ଠିକଠାକ ଚାଲିଥିଲା । ସାବତ ମା ହେଲେ ହେଁ ଶଙ୍କର ଦେବୀ ଉପାସନାକୁ ବହୁତ ସ୍ନେହ କରୁଥିଲେ । କିନ୍ତୁ ଯେଉଁଦିନ ସେ ନିଜେ ମାତୃତ୍ୱ ପାଇଲେ, ସେ ଦିନଠାରୁ ଉପାସନା ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସବୁ କ୍ରୋଧ, ଈର୍ଷା ଓ ଅତ୍ୟାଚାରରେ ପରିଣତ ହୋଇଗଲା । ଘର ଝାଡୁ କରିବା ଠାରୁ ଆରମ୍ଭକରି ବଜାରରୁ ପରିବା ଆଣିବା ପର୍ଯ୍ୟନ୍ତ ଘରର ଯାବତୀୟ କାମ ଉପାସନାକୁ କରିବାକୁ ପଡିଲା । କୌଣସି କାମରେ ସାମାନ୍ୟତମ ଅବହେଳା ହେଲେ ଶଙ୍କରୀ ଦେବୀ ତାକୁ ବହୁତ ମାଡ ଗାଳି ଦିଅନ୍ତି । ବିଚାରୀ ହତଭାଗିନୀ ଉପାସନା ଏହି ସବୁ ଅତ୍ୟାଚାରକୁ ବିନା ପ୍ରତିବାଦରେ ସହିଯାଏ ଏବଂ ମନରେ ତାର ଗୋଟିଏ ଆଶା ରଖିଥାଏ ଯେ ମା ଦିନେ ନା ଦିନେ ତାକୁ ନିଶ୍ଚୟ ବୁଝିବେ ଏବଂ ଭଲପାଇବେ । କିନ୍ତୁ ଆଶା ତାର ଆଶାରେ ହିଁ ରହିଗଲା । ଦିନକୁ ଦିନ ମାର ଅତ୍ୟାଚାର ଏବଂ ବାପାର ମଦ ପିଇବା ବଢି ବଢି ଚାଲିଲା ।

ନିଜର ମନର ବ୍ୟଥାକୁ କାହା ଆଗରେ କହିବା ଦୁଃସହ ହୋଇପଡିଥିଲା । ପଡୋଶୀ ବିକାଶର ଘର, ବିକାଶର ବାପା ପଦ୍ମଲୋଚନ ବାବୁ ଜଣେ ପ୍ରତିଷ୍ଠିତ ଯନ୍ତ୍ରୀ, ମା ଅହଲ୍ୟାଦେବୀ ଓ ସାନଭଉଣୀ ଅର୍ପିତାକୁ ନେଇ ପରିବାର । କମଳପୁରର ବଦାନ୍ୟ ଓ ଧନୀ ତଥା ସମ୍ମାନାସ୍ପଦ ପରିବାର । ବିକାଶ ଭଲ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପାଠ ପଢେ ବୋଲି ସେ ଅଞ୍ଚଳରେ ବହୁତ ସୁଖ୍ୟାତି ତାର । ସେ ସବୁବେଳେ ଘରେ ଚୁପଚାପ ବସି ପାଠ ପଢିଥାଏ । ହସଖେଳ ଥଟା ତାମସାଠାରୁ ବହୁ ଦୂରରେ ବିକାଶ । ଉପାସନା କିନ୍ତୁ ଘର କାମ ସବୁ ସାରିଦେଇ ମଧ୍ୟାହ୍ନ ସମୟରେ ପହଞ୍ଚିଯାଏ ଅର୍ପିତା ପାଖରେ । ସେ ବହୁତ ସମୟ ବିକାଶ ଘରେ ହିଁ ବିତାଏ, ବିକାଶର ମା ଓ ଭଉଣୀ ସହ ଅନେକ ସମୟ ଗପସପ କରେ । ବିକାଶ ମନରେ ତାପାଇଁ ଅନେକ ସହାନୁଭୂତି ଥାଏ । ତେଣୁ କିଛି ସମୟପାଇଁ ତା ସହ ହସ ଓ ମଜା କରେ । ଏହି ସମୟରେ ଉପାସନ କିଛି ସମୟ ପାଇଁ ନିଜ ଦୁଃଖ ଭୁଲିଯାଏ । ଉପାସନା ପ୍ରତି ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା ଆଉ ସହାନୁଭୂତି ପାଇଁ ସେ ବିନା ଦ୍ୱିଧାରେ ଯେ କୌଣସି ସମୟରେ ଯିବାଆସିବା କରେ । ସମୟ ଗଡି ଚାଲିବା ସହିତ ଦୁହିଁଙ୍କ ମଧ୍ୟରେ ଥିବା ସଂପର୍କ ସହାନୁଭୂତି ଓ ହସମଜାର ରେଖା ଅତିକ୍ରମ କରି ଏକ ଅଜଣା ଆକର୍ଷଣରେ ପରିଣତ ହୋଇଗଲା । ଦୁହେଁ ଦୁହିଁକୁ ଦିନେ ନ ଦେଖିଲେ ରହି ପାରୁନଥିଲେ । ସମୟର ଗତି ସହିତ ସେମାନଙ୍କର ସଂପର୍କ ବୃଦ୍ଧିପାଇ ଅଜଣା ଆକର୍ଷଣରୁ ନୈସର୍ଗିକ ଭଲପାଇବାରେ ପରିଣତ ହୋଇଚାଲିଥାଏ । ସେମାନଙ୍କ ଘରେ ସମସ୍ତଙ୍କ ଉପସ୍ଥିତିରେ କଥା ହେବା ସମ୍ଭବ ହେଲାନାହିଁ । ତେଣୁ ସେମାନେ ଲୁଚି ଲୁଚି ଗାଁ ଶେଷ ମୁଣ୍ଡରେ ଥିବା ନଦୀକୂଳରେ ଏକ ବିରାଟକାୟ ବରଗଛ ମୂଳରେ ଠିକ୍ ଦିନ ୨ଟା ସମୟରେ ଦେଖା ସାକ୍ଷାତ କରୁଥିଲେ । ଦିନ ଦ୍ୱିପ୍ରହର ସମୟ ହେତୁ କେହି ତାଙ୍କୁ ଦେଖିପାରନ୍ତି ନାହିଁ ।

ଏଣେ ଅହଲ୍ୟାଦେବୀ ଲକ୍ଷ୍ୟ କରୁଥାନ୍ତି ନିତିଦିନ ବିକାଶ ଠିକ ଦୁଇଟା ବେଳେ ଘରୁ ବାହାରିଯିବା କଥା । ଆଉ କିଛି ଦିନମଧ୍ୟରେ ବିକାଶର ହାବଭାବରେ ପରିବର୍ତ୍ତନ । ସଂଧ୍ୟାରେ ଘରକୁ ଫେରିବା ସମୟରେ ମୁହଁରେ ଖୁସିର ଝଲକ । ପୁଅର ଖୁସିରେ ମା ବି ଖୁସି, ତେଣୁ ଅହଲ୍ୟାଦେବୀ ଭରି ଖୁସିରେ ଥାଆନ୍ତି । ଘର ଭିତରେ ମନମାରି ବସୁଥିବା ପୁଅଟି ଯେ ଆଜିକାଲି ମନ ଖୁସିରେ ରହୁଛି ଏହା ବା କେଉଁ ମା ମନକୁ ଭଲ ନ ଲାଗିବ, ତେଣୁ ସେ କେବେ ତା ଯିବା ବାଟରେ ପ୍ରଶ୍ନ ଚିହ୍ନ ଲଗେଇନାହାନ୍ତି ।

ଦିନେ ବିକାଶ ଉପାସନାକୁ ଅପେକ୍ଷା କରି ରହିଛି । ଉପାସନା ସେଦିନ କାହିଁକି କେଜାଣି ବିଳମ୍ବ କରୁଛି । ବିକାଶ ଆଣିଛି ଉପାସନା ପାଇଁ ଏକ ଉପହାର । ଅପେକ୍ଷାର ପ୍ରତିଟି ମୁହୂର୍ତ୍ତ ବିକାଶକୁ ଏକ ଯୁଗ ପରି ଲାଗୁଛି । ବହୁ ଅପେକ୍ଷାର ଅବସାନ ଘଟାଇ ଉପାସନା ଆସି ପହଞ୍ଚି ଯାଇଛି । ବିକାଶ ଆଣିଥିବା ଉପହାର ଦେଖି ଆତ୍ମହରା ହୋଇପଡିଛି । ଉପହାରକୁ ଖୋଲିଲା ପରେ ସେଥିରେ ଦୁଇଟି ସୁନ୍ଦର ରୁପା ପାଉଁଜି ଥିଲା । ଉପାସନାର ପାଦରେ ନିଜେ ବାନ୍ଧିଦେଇଥିଲା ବିକାଶ । ହେଲେ ଯିବାପୂର୍ବରୁ ତାକୁ ବାହାର କରିଦେଇଥିଲା ।

ପଦ୍ମଲୋଚନ ବାବୁ ବିକାଶକୁ ଡାକ୍ତର କରିବା ପାଇଁ ଇଚ୍ଛା କରୁଥିଲେ ଏବଂ ସେଥିପାଇଁ ସମସ୍ତ ବ୍ୟବସ୍ଥା ସେ କରିଦେଇଥିଲେ । ବିକାଶକୁ କେବଳ ଜଣାଇ ଦିଆଯାଇଥିଲା ଯେ ସେ ଡାକ୍ତରୀ ପଢିବାପାଇଁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସହରକୁ ଯିବ । ବିକାଶ ନିଜର ଅନିଚ୍ଛା ଜଣାଇବାକୁ ଚେଷ୍ଟା କରଥିଲା ହେଲେ ବାପାଙ୍କ ଜିଦ୍ ସାମନାରେ କିଛି କହପାରିଲା ନାହିଁ । ଏଣେ ଉପାସନାକୁ ଛାଡି ଯିବା ପାଇଁ ଇଚ୍ଛା ହେଉନଥିଲା ତାର । ବିନା ନିଦାରେ ରାତି ବିତିଯାଇଥିଲା ତାର । ପରଦିନ ସେ ଉପାସନାକୁ ଭେଟି ସବୁକଥା ଜଣାଇବ ବୋଲି ଭାବିଥିଲା । ମନେ ମନେ ସ୍ଥିର କରିଥିଲା ଉପାସନାକୁ ବିବାହ କରିବାର ପ୍ରତିଶ୍ରୁତି ଦେବ ବୋଲି କିନ୍ତୁ ଭଗବାନଙ୍କୁ ବୋଧହୁଏ ଏହା ପସନ୍ଦ ହେଲାନାହିଁ । ଠିକ୍ ଦିନ ଦୁଇଟା ବେଳକୁ ବିକାଶ ବରଗଛ ପାଖରେ ଉପାସନାକୁ ଅପେକ୍ଷା କରିଥିବା ସମୟରେ ଉପାସନା ଘରେ ବାପା ଆଉ ମାଙ୍କ ଝଗଡା ମଧ୍ୟରେ ବ୍ୟସ୍ତ ହୋଇ ରହିଗଲା । ସଂଧ୍ୟାପର୍ଯ୍ୟନ୍ତ ଅପେକ୍ଷା କରିବାପରେ ବିରକ୍ତ, ନିରାଶ ଓ କ୍ରୋଧରେ ବିକାଶ ଘରକୁ ଫେରିଥିଲା । ସକାଳ ପାଇଲେ ଡାକ୍ତରୀ ଶିକ୍ଷା ପାଇଁ ସେ ଚାଲିଯିବ ଅଥଚ ଥରୁଟିଏ ହେଲେ ସେ ଉପାସନାକୁ ଦେଖିବା ସମ୍ଭବ ହୋଇପାରିଲା ନାହିଁ ।

ସଂଧ୍ୟାରେ ଘର ଛାତ ଉପରେ ବୁଲି ବୁଲି ଜହ୍ନ ଦେହରେ ଉପାସନାକୁ ଦେଖିବାକୁ ଚେଷ୍ଟା କରୁଥିଲା ବିକାଶ । ମନର କୋହକୁ ବାନ୍ଧି ରଖିବାର ପ୍ରୟାସ ଜାରି ରହିଥିଲା । ସହସା ଅର୍ପିତା ସେଠାରେ ପହଞ୍ଚି ବିକାଶ ସହ କଥା ହେଉ ହେଉ ନିଜ ମନର କଥା ବିକାଶ ଅର୍ପିତାକୁ ଜଣାଇ ଦେଇଛି । ତାର ଓ ଉପାସନା ଭିତରେ ଥିବା ସୂକ୍ଷ୍ମ ସଂପର୍କ ବିଷୟରେ ସେ ଜଣାଇଛି, ଅବଶ୍ୟ କଥା ଦେଇଛି ସେ କାହାକୁ କହିବ ନାହିଁ ବୋଲି ।

ସେଦିନ ରାତିରେ ଅର୍ପିତା ଉପାସନା ପାଖକୁ ଯାଇ ସବୁକଥା କହିଥିଲା । ଉପାସନା ଅଶ୍ରୁଳୋପିତ ଆଖିରେ କଥା ଦେଇଥିଲା ମୁଁ ତୁମ ଭାଇ ପାଇଁ ସାରା ଜୀବନ ଅପେକ୍ଷା କରିବି । ଏତିକି କହି ସେ ବିକାଶ ଉପହାର ଦେଇଥିବା ରୂପା ପାଉଁଜିର ଗୋଟିଏ ଏବଂ ଅଗଣାରେ ଲାଗିଥିବା ଗୋଲାପ ଫୁଲଟିଏକୁ ତୋଳି ବିକାଶ ଉଦ୍ଦେଶ୍ୟରେ ଉପହାର ସ୍ୱରୂପ ଦେଇଥିଲା । ତା ପରଦିନ ବିକାଶ ଗାଁ ଛାଡି ସହରକୁ ଚାଲିଯାଇଥିଲା ।

ବିକାଶ ଯିବାପରେ ଉପାସନା ହେଇଗଲା ସଂପୂର୍ଣ୍ଣ ଏକାକୀ । ନଇକୂଳର ସେ ବରଗଛ ଥିଲା ତାଙ୍କ ଶାଶ୍ୱତ ପ୍ରେମର ସାକ୍ଷୀ । ଏକ ଦୁର୍ଘଟଣାରେ ଅର୍ପିତାର ମୃତ୍ୟୁପରେ ଉପାସନା ହୋଇଯାଇଥିଲ ସଂପୂର୍ଣ୍ଣ ନିଃସହାୟ । ବିକାଶ ବିଷୟରେ ଜାଣିବାର ଆଉ କୌଣସି ଉପାୟ ନଥିଲା ତା ପାଖରେ ।

କିଛି ଦିନ ଅନ୍ତରାଳରେ ମଦ୍ୟପ ବାପା ଆଉ ଅସହିଷ୍ଣୁ ମାଙ୍କ ଅତ୍ୟାଚାରର ଅସହ୍ୟ ଉପାସନାକୁ ବିବାହ ଦିଆଯାଇଥିଲା ରାକେଶ ସହିତ । ରାକେଶ ଜଣେ ମଦ୍ୟପ । ବିବାହୋପରାନ୍ତ ରାକେଶର ମାନସିକ ଓ ଶାରିରୀକ ନିର୍ଯ୍ୟାତନାରେ ଉପାସନା ହୋଇଥିଲା ବିବ୍ରତ । ଅତ୍ୟାଚାର ଅସହ୍ୟ ହେବାପରେ ଫେରି ଆସିଥିଲା ସେ ନିଜ ଘରକୁ ହେଲେ ମା ତାର ଘରେ ରଖାଇ ଦେଲାନାହିଁ । ଅଗତ୍ୟା ଅହଲ୍ୟାଦେବୀ ଆଶ୍ରୟ ଦେଇଥିଲେ ତାକୁ । ଏଇମିତି ଅନେକ ବର୍ଷ ବିତିଗଲାଣି । ବିକାଶ ଖବର ଅହଲ୍ୟାଦେବୀଙ୍କ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ପାଖରୁ ଶୁଣେ ଉପାସନା ।

ଦିନେ ଖବର ପାଇଲା ଯେ ବିକାଶ ଫେରୁଛି । ଡାକ୍ତରୀ ପଢା ସାରି ବିକାଶ ଗାଁକୁ ଆସୁଛି, ଏହି ଖବରରେ ଉପାସନାର ମୁହଁ ଉଜ୍ଜ୍ୱଳ ହୋଇଉଠିଥିଲା । ହେଲେ ପରକ୍ଷଣରେ ନିଜ କଳଙ୍କିତ ଇତିହାସ ଆଗରେ ସେ ନିର୍ବାକ ହୋଇଯାଇଥିଲା । କେମିତି ବା ସେ ମୁହଁ ଦେଖାଇବ ତା ଜୀବନର ପ୍ରଥମ ଭଲପାଇବାକୁ ? କଥା ଦେଇ ମଧ୍ୟ ନିଜ କଥା ରକ୍ଷା କରିପାରିନି ସେ ।

ସେଦିନ ରାତିରେ ଘରେ ସବୁ ଶୋଇଗଲାପରେ ବିଷ ପିଇଦେଇଥିଲା ସେ । ହେଲେ ବିଷଜ୍ୱାଳାରେ ଅସହ୍ୟ ଯନ୍ତ୍ରଣା ପାଇବାପରେ ପଦ୍ମଲୋଚନ ବାବୁ ଓ ଅହଲ୍ୟାଦେବୀ ତାକୁ ଡାକ୍ତରଖାନା ନେବାପାଇଁ ଗାଡିର ବ୍ୟବସ୍ଥା କରୁଥିଲେ । ଉପାସନା ନିଜ ହାତରେ ଧରିଥିବା ଗୋଟିଏ ପଟ ରୂପା ପାଉଁଜିକୁ ଅହଲ୍ୟା ଦେବୀଙ୍କ ହାତରେ ଟେକିଦେଇ ବିକାଶ ବୋଲି କହି ନିଜ ଆଖିବୁଜି ଦେଇଥିଲା ।

ଅହଲ୍ୟାଦେବୀ କିଛି ବୁଝିପାରିନାଥିଲେ, ହେଲେ ଉପାସନାର ମୃତ୍ୟୁ ହୋଇସାରିଥିବା ପରେ ଏହି କାହାଣୀର କୌଣସି ତାତ୍ପର୍ଯ୍ୟ ଆଉ ରହିଯାଉନାହିଁ ଭାବି ସେ ନିରବ ରହିଗଲେ ।

ସକାଳୁ ଟ୍ରେନରୁ ଓହ୍ଲାଇ ଗାଡିରେ ବିକାଶ ଗାଁ ଆଡକୁ ଯିବାବାଟରେ ନଦୀ ପାର୍ଶ୍ୱରେ ଥିବା ବଡ ବରଗଛ ମୂଳରେ ଠିଆହୋଇ ଆନନ୍ଦରେ ଅଶ୍ରୁ ବୁହେଇ ଦେଇଥିଲା । ଏହା ବିରହର ଅଶ୍ରୁନଥିଲା, ଥିଲା ଆନନ୍ଦର ଏକ ପ୍ରତିକ୍ଷିତ ମିଳନର । ସେଠାରୁ ନିଜ ଘରକୁ ଯାଉଥିବା ସମୟରେ ଗାଁ ଭିତରର ଖାଁ ଖାଁ ନିରବତା ତାକୁ ଭାରୀ ବ୍ୟାକୁଳ କରିଦେଉଥିଲା । ତାଘର ସମ୍ମୁଖରେ ଅଜସ୍ର ଭିଡ ତଥାପି ନିରବ ଜନସମାଗମ ତାକୁ ଅଧିକ ସଂଶୟ କରିଦେଉଥିଲା । ଘର ଭିତରୁ ତା ବାପା ମା କାନ୍ଦି କାନ୍ଦି ବାହାରକୁ ଆସୁଥିଲେ । ଏ ସବୁ ସତ୍ତ୍ୱେ ତା ଆଖି ଏହି ଭିଡ ଭିତରେ ଖୋଜୁଥିଲା ଗୋଟିଏ ଚେହେରା ଉପାସନା ର । କାହିଁ ତା ପ୍ରେୟସୀ ? କେଉଁଠି ଲୁଚି ରହି ବା ସେ ବିକାଶକୁ ଦେଖୁଛି । ଏହି କଥା ଭାବି ଭାବି ସେ ଘର ଭିତରକୁ ଯାଇଛି ।

ସାମନା ବଖରାରେ ଧଳାବସ୍ତ୍ର ଆଚ୍ଛାଦିତ ଏକ ମରଶରୀର । ତାପାଦ ଆଗକୁ ଯାଉନଥାଏ । ହାତରୁ ବ୍ୟାଗ ଖସି ପଡିଲାଣି, ଏହି ସମୟରେ ପବନର ଏକ ସୂକ୍ଷ୍ମ ଝଡ ଆସି ଶବ ଉପରୁ କପଡାକୁ ଓହ୍ଲାଇ ଦେଇଛି । ଉପାସନା ବୋଲି ଚିତ୍କାର କରିବାକୁ ଉଦ୍ୟତ ତା ଜିଭ ସ୍ଥାଣୁ ହୋଇଯାଇଛି । ଆଣ୍ଠୁ ମାଡି ଉପାସନାର ଶରୀର ପାଖରେ ବସିପଡିଛି ବିକାଶ । ବାକଶୂନ୍ୟତାର ନୀରବତାକୁ ଭଙ୍ଗକରି ବିକାଶ ପାଗଳପ୍ରାୟ କାନ୍ଦୁଛି । ଉପାସନାର ମୁଣ୍ଡରେ ମୁଣ୍ଡ ଦେଇ ସେ କାନ୍ଦୁଛି ।

ବିକାଶର କାନ୍ଦ ଶୁଣି ସତେ ଯେମିତି ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି । କାହା ମୁହଁରେ ଶବ୍ଦ ନାହିଁ । ସତେ ଯେମିତି ସୂର୍ଯ୍ୟ, ଚନ୍ଦ୍ର ନିଜର ଗତି ବନ୍ଦ କରି ଦେଇଛନ୍ତି । ସମୟ ଆଗକୁ ଆଉ ବଢୁନାହିଁ । ନିଜ ପୁଅର ଏତଦୃଶ କାନ୍ଦ ଦେଖି ଅହଲ୍ୟାଦେବୀଙ୍କ ମନରେ ସନ୍ଦେହ ଘନୀଭୂତ ହେବାରେ ଲାଗିଛି । ଅନେକ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସମୟ ବିତିଗଲାଣି । ବିକାଶ କାନ୍ଦି କାନ୍ଦି ଶାନ୍ତ ହୋଇଗଲାଣି । ସେ ସେଇମିତି ଉପାସନାର ମୁଣ୍ଡରେ ମୁଣ୍ଡ ଦେଇ ରହିଛି । ପଦ୍ମଲୋଚନ ବାବୁ ବିକାଶକୁ ଉଠାଇବାକୁ ଯାଇଛନ୍ତି, ହେଲେ ସେ ଆଉ ଉଠୁନି । ତା ଘଟରେ ଆଉ ଆତ୍ମା ନାହିଁ । ବିକାଶର ମୃତ୍ୟୁ ପ୍ରଶ୍ନବାଚୀ ହୋଇଥିବା ସମୟରେ ଅହଲ୍ୟାଦେବୀ ନିଜ ପୁଅକୁ ନିଜ କୋଳକୁ ଟାଣି ବାକ୍‌ଶୂନ୍ୟ ଅହଲ୍ୟାଦେବୀ ଦ୍ୱାହୀ ଦେଇ ପଚାରୁଛନ୍ତି, କାହିଁକି, ଏତେ ବଡ ଦଣ୍ଡ ଦେଲ ପ୍ରଭୁ ? ବିକାଶକୁ ଛାତିରେ ଜାବୁଡି ଧରିଲା ବେଳେ ତା ହାତ ତଳକୁ ଝୁଲିପଡିଛି, ଆଉ ସେଥିରୁ ରଣଝଣ ଶବ୍ଦକରି ଆଉ ପଟେ ରୂପା ପାଉଁଜି ଖସି ପଡିଛି ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସାରିଆ ଅପା କଣ ଜେଲ୍ ଯିବ ?

ଚନ୍ଦ୍ର ଶେଖର ବିଶ୍ୱାଳ

ଗୋଟେ ଅମା ଅନ୍ଧକାର ବର୍ଷାଦିନିଆ ସଂଧ୍ୟାରେ ନବ ମାଷ୍ଟ୍ରେ ସାରିଆ ଅପା ଘରେ ପହଞ୍ଚିଲେ । ଘରଥିଲା ସଂପୂର୍ଣ୍ଣ ଅନ୍ଧକାର, ଘରେ ପଶିବାକୁ ହେଲେ ଚାଳରେ ବାଜୁଥାଏ ମୁଣ୍ଡ । ଘର ଭିତରେ ଜଳୁଥାଏ ଖଦ୍ୟୋତର ଆଲୋକ ସଦୃଶ ଗୋଟେ ଦୀପ । ଘର ଭିତର ଖଟିଆରେ ପଡି ରହିଛନ୍ତି ସାରିଆ ଅପା, ଯାହାର ନିଜ ଓଜନ ସଂଭାଳିବା ପାଇଁ ସାମର୍ଥ୍ୟ ନାହିଁ ।

ମାଷ୍ଟ୍ରେ ଦୀପ ତେଜି କହିଲେ, ନଟିଆକୁ ସ୍କୁଲ ନ ପଠାଇଲେ, ପୋଲିସ ବାନ୍ଧିନେବ ତୁମକୁ । ସାରିଆ ଅପାର ହୃଦୟରେ ସତେ ଯେପରି ପରମାଣୁ ବୋମା ପଡିଗଲା ପରି ଲାଗିଲା ମାଷ୍ଟ୍ରଙ୍କ କଥା ଶୁଣି ।

ଅପାର ବୟସ ହେବଣି ୪୦ । ନଟିଆ ତାଙ୍କର ଏକମାତ୍ର ପୁଅ । ନଟିଆ ଜନ୍ମ ହେବା ପୂର୍ବରୁ ତା ବାପା ଇହଧାମ ତ୍ୟାଗ କରିଥିଲେ । ଦେହ ଭଲଥିଲା ଯାଏଁ ସାରିଆ ଅପା ମୂଲ ଲାଗୁଥିଲା, ଘର ଘର ବୁଲି କାମ ଧାମ କରୁଥିଲା, ନଟିଆକୁ ପାଳିପୋଷି ବଡ କରିଥିଲା । ହେଲେ ଏବେ ସାରିଆ ଅପାର ଅବସ୍ଥା ନକହିଲେ ଭଲ, ଯେଉଁଦିନୁ ତାକୁ ଯକ୍ଷ୍ମା ରୋଗ ହେଲା ସେବେଠୁ ସେ ଶେଯରୁ ଆଉ ଉଠିବା ଭଳି ଅବସ୍ଥାରେ ନାହିଁ, ନଟିଆ ପାଞ୍ଚ ଶ୍ରେଣୀରେ ପଢିଲାଣି ସତ ହେଲେ ମାଉ ଏ ଅବସ୍ଥା ଦେଖି ସେ ସ୍କୁଲ ଆଉ କଣ ଯିବ ? ମାତ୍ର ୧୦ଟା ବୟସରେ ସ୍କୁଲ ବାଟ ଛୁଡି ରାଧୁ ସାହୁ ହୋଟେଲରେ ଅଇଁଠା ପତର ଉଠେଇବାରେ ସେ ଲାଗିଗଲା । ଦି ପଇସା ପାଇଁକୁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନିଇତି ବଳକା ଖାଇବା ଜିନିଷ ଦି ପ୍ରାଣୀଙ୍କୁ ଯଥେଷ୍ଟ ଥିଲା ।

ନବ ମାଷ୍ଟ୍ରେ ନଟିଆ ବାପାଙ୍କୁ ଚିହ୍ନା ସେହି ହେତୁରୁ ଭଲରେ ମନ୍ଦରେ ଆସି ଠିଆ ହୁଅନ୍ତି । ହେଲେ ସରକାରଙ୍କ ନୂଆ ନିୟମ ଆଗରେ ସେ ବି ବିବଶ । ୧୪ ବର୍ଷରୁ କମ ବୟସର ପିଲାମାନେ କୌଣସି ପ୍ରକାର ଅନୁଷ୍ଠାନରେ ଶାରିରୀକ କାମ କରପାରିବେ ନାହିଁ । ଯଦି କରିବେ ତାଙ୍କ ବାପା ମାଙ୍କୁ ଗିରଫ କରାଯିବ, ଏଇ କଥା ନଟିଆକୁ ଯେତେ ବୁଝେଇଲେ ସେ ଶୁଣୁନି ।

ଫି ରୋଜ ଏଇମିତି ଅନେକ ନଟିଆ ଆମ ଘର ସହର ଗଳିର ଅନେକ ହୋଟେଲ, ସାଇକେଲ ଦୋକାନ ଆଉ ଚା ଦୋକାନରେ କାମ କରୁଛନ୍ତି । ଆମେ ସବୁ ଦେଖି ମଧ୍ୟ ନିରବ ରହୁଛେ, ସରକାର ଅନେକ ନୀତିନିୟମ ପ୍ରଣୟନ କରୁଛନ୍ତି ସତ, ହେଲେ ହେଉଛି କଣ ?

ଦିନଟିଏ ହୋଟେଲ ନ ଗଲେ ସାରିଆ ଅପା ଆଉ ନଟିଆ ଭୋକରେ ଆଉଟୁ ପାଉଟୁ ହେବେ ସିନା, ସେମାନଙ୍କ ଖାଇବା କଥା ବୁଝିବ କିଏ ? ଏଣେ ଅନାହାରରେ ମୃତ୍ୟୁ ଘଟିଲେ, ସରକାର ସହାୟତା ଦେବେ, ହେଲେ କଣ ସାରିଆ ଅପା ମରିଯିବ ? ନାଁ ପୁଅକୁ ଖଟଉଛି ବୋଲି ଜେଲ ଯିବ ?

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସେ ଲୋକଟା କିଏ ? (ବିଜୟ ରାଘବ)

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବସରୁ ଓହ୍ଲାଇ ଅଜଣା କୌଣସି ଏକ ଗାମାଞ୍ଚଳର ଅଣଓସାରିଆ ରାସ୍ତା କଡରେ ପଡିଥିବା ନିର୍ଜୀବ ପଥର ଉପରେ ବସି ବସି ବିଜୟ ଅପେକ୍ଷା କରୁଥିଲା ରାଘବର । ଏହା ପୂର୍ବରୁ ସେ କେବେ ବି ଏମିତି ଭୟଙ୍କର ସ୍ଥାନକୁ ଯାଇନଥିବା କଥା ମନେ ପକାଇଲା ବେଳକୁ ରାଘବ ଶୁଣାଇଥିବା ଗାଁର ଭୟଙ୍କର ଗପ ମନକୁ ଆସି ଆସି ବିଜୟକୁ ଏକ ଅଜଣା ଭୟରେ ଘାରି ପକାଇଥିଲା । ସମୟ ଅପରାହ୍ନ ଦୁଇଟା ହେବ । ସକାଳ ପାଞ୍ଚଟାରୁ ବସରେ ବସି ବସି ଅଣ୍ଟା ଲାଗିପାଇଥିଲା, ବିଜୟ ଭାବିଥିଲା ଯାଉ ଯାଉ ରାଘବ ଦେଖା ହେଇଯିବ, ହେଲେ ଗାଡିରୁ ଓହ୍ଲାଇ ପ୍ରାୟ ଘଣ୍ଟାଏ ଉପରେ ହେଲାଣି ସେହି ଛକରେ କାଉଟେ ବି ଦେଖାପାଉନି । ନା ଏପାଖେ କିଛି ଗାଡି ଯାଉଛି ନା କେହି ଲୋକବାକ । ବରଗଛତଳ ପଥର ଉପରେ ବସି ବସି ସେ ଢୁଳେଇ ପଡୁଥିଲା ହେଲେ ଅଜଣା ଆତଙ୍କରେ ଯେମିତି ନିଦ ହିଁ ହେଲା ନାହିଁ । ରାଘବ କହିଥିଲା, ବରଗଛ ଓହଳରେ ଭୂତ ରହେ, ତେଣୁ ସେ ତନ୍ନ ତନ୍ନ କରି ଗଛର ଡାଳ ସବୁକୁ ଦେଖି ପକାଇଲା । କୋଉଠି କିଛି ନଥିଲା, ତଥାପି ଗାଁ ବୋଲି କହିଲେ ବିଜୟର ଛାତିରେ ଭୟ ଆସେ କାହିଁକି କେଜାଣି ସେ କେବେ ବୁଝିନି କି ବୁଝିବାକୁ ଚେଷ୍ଟା କରିନି ।

ଅନେକ ସମୟ ହେଲାଣି ଜୀବନ୍ତ ପ୍ରାଣୀଟିଏ ବି ସେ ଦେଖିବାକୁ ପାଇଲା ନାହିଁ । ମନରେ ବିରକ୍ତଭାବ ଦେଖାଯିବା ସ୍ୱାଭାବିକ, ତେଣେ ମୋବାଇଲଟାକୁ ବାରମ୍ବାର ପକେଟରୁ ବାହାର କରୁଛି

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ହେଲେ ସିଗ୍‌ନାଲ୍ ପାଉନି ବୋଲି ସମୟ ଦେଖି ପକେଟରେ ରଖିଦେଉଛି । ପ୍ୟାଣ୍ଟ୍ ପକେଟ୍‌ରୁ ସିଗାରେଟ୍‌ଟେ ବାହାର କରି ନିଆଁ ଧରାଇଲା ସେ । ପାଖରେ ସଠିକ ଠିକଣା ବି ତ ନାହିଁ, ଯିବ କୋଉଠିକି ? କାହା ଘରକୁ କିଛି ଜାଣେନି । ରାଘବ କଲେଜରେ ପଢୁଥିବା ସମୟରେ ଥରେ ଅଧେ ତା ଗାଁ କଥା କହିଥିଲା, ହେଲେ ସେ କେବେ ଧ୍ୟାନ ଦେଇ ଶୁଣିନି । ଅବଶ୍ୟ ରାଘବକୁ ଗାଉଁଲି ବୋଲି କହି ଥଟ୍ଟା କରିବାରେ କେବେ ବି ସେ ଅବହେଳା କରିନି ।

ଆଉ ଗୋଟାଏ ଘଣ୍ଟା ବିତିଗଲାଣି । ବିରକ୍ତି ହେବା ସ୍ୱାଭାବିକ । କିନ୍ତୁ ରାଘବ ଯେ ଫୋନ କରିଥିଲା ତା ଦେହ ଭଲ ନାହିଁ ବୋଲି, ଦେଖିବାକୁ ନଯିବ ବା କେମିତି । ହଷ୍ଟେଲରେ ଗୋଟିଏ କୋଠରୀରେ ତିନିବର୍ଷ ସାଥୀରେ ରହିବା ଭିତରେ ଦୁହିଁଙ୍କ ଭିତରେ ଏତିକି ମିତ୍ରତା ତ ଅବଶ୍ୟ ହୋଇଯାଇଥିଲା । ରାଘବ ସବୁବେଳେ କୁହେ ତା ଘରେ ତାର ଦୁଇଟା ସାନ ଭଉଣୀ, ସେମାନଙ୍କୁ କେମିତି ଭଲରେ ଭଲରେ ବାହା ଟେ କରିଦେଲେ, ସେ ନିଜେ ଘରସଂସାର କଥା ବୁଝିବ । ବିଜୟ ହସିଦିଏ, କହେ ତୁ ବୁଢା ହେଇଯିବୁ ଆଉ ବାହା ହେବୁ କାହିଁକି ?

ଚାରିଦିନ ତଳେ ହଠାତ୍ ରାଘବର ଚିଠିଟିଏ ପାଇଥିଲା ବିଜୟ, ତା ସାନ ଭଉଣୀ ଲିନାର ବାହାଘର କରୁଛି ବୋଲି । ଯା ହେଉ ପିଲାଟା ଗୋଟେ କାମ ତ କରିଦେଲା, ହଷ୍ଟେଲ ଛାଡିବାର ଚାରିବର୍ଷ ବିତିଗଲାଣି । କିଏ କୋଉଠି ରହିଲେ କେହି ଜାଣେନି । ବିଏ ପାଠ ସାରିବା ପରେ ବିଜୟ ତା ବାପାର କଂପାନୀରେ ମେନେଜର ହେଇଛି । ଦି ଥର ଖଣ୍ଡେ ରାଘବକୁ ଚିଠିଦେଇ କହିଥିଲା ସହରକୁ ଆସିଯା, ଏଇଠି ମିଶି କାମ କରିବା । ହେଲେ ରାଘବ ମନା କରିଦେଇଥିଲା । କହିଲା ସେ ଗାଁ ଛାଡିଲେ କୋଉଠି ରହିପାରିବ ନାହିଁ ।

ଦୂରରୁ ଦେଖିଲା ରାଘବ ଧାଇଁ ଧାଇଁ ଆସୁଛି । ଓହଃ । ଏତେବେଳେ ସମୟ ମିଳିଲା ? ବିଜୟ କିଛି କହିବ ବୋଲି ଭାବୁଥିଲା, ହେଲେ ରାଘବ ଧାଇଁ ଆସି ବିଜୟକୁ ଭିଡି ଧରିଲା ଆଉ କହିଲା, ମୁଁ ଜାଣିଥିଲି ଆଉ କିଏ ଆସୁ କି ନ ଆସୁ ତୁ ନିଷ୍ଟେ ଆସିବୁ, ସେଇଥି ପାଇଁ ତୋତେ ଚିଠି ଦେଇଥିଲି । ବିଜୟ କିଛି କହିପାରିଲା ନାହିଁ ଖାଲି ରାଘବ ମୁହଁକୁ ଅନାଇ ରହିଥିଲା । କଲେଜ ଛାଡିବା ପରେ କେତେ ବଦଳି ଯାଇଛି ସେ । ମୁଣ୍ଡ ଅଧାଚନ୍ଦା ହେଇଯାଇଛି, ଆଉ ବାଳ ସବୁ କେରା କେରା ଧଳା ହେଇଯାଇଛି । ବିଜୟ ଏପାଖ ସେପାଖ ଚାହୁଁଥିଲା, ରାଘବ କହିଲା, କଣ ଖୋଜୁଛୁ? ବିଜୟ କହିଲା, ତୋ ଗାଁ ପରା ଏଠୁ ଚାରିକିଲୋମିଟର ଯିବା କେମିତି ? ରାଘବ ଫେଁ କିନା ହସିଦେଇ କହିଲା, ହଇରେ ଗାଁକୁ କଣ ପିଚୁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ରାସ୍ତା ହୋଇଛି ଯେ ଗାଡି ନେଇ ଆସିଥାନ୍ତି ? ଚାଲି ଚାଲି ଯିବାକୁ ପଡିବ । ତୁ ଚିନ୍ତା କରନା ମୁଁ ତୋ ବ୍ୟାଗ କାନ୍ଧରେ ଧରି ଦେଉଛି ତୁ ଚାଲ । ବିଜୟ ବିରକ୍ତର ଭାବଟେ ନେଇ କହିଲା, ଜାଣିଥିଲେ ଜମା ଆସିନଥାନ୍ତି ତୋ ଗାଁକୁ । ରାଘବ କହିଲା ଚାଲ କଥା ହୋଇ ହୋଇ ପଳେଇବା ଏଇ ପାଖ ବାଟଟା ।

ଦି ବନ୍ଧୁ ଗପି ଗପି ଯାଉଛନ୍ତି । ରାଘବ ପଚାରୁଛି, କାମଧାମ କେମିତି କରୁଛି, କେତେ ଦରମା ପାଉଛି ଇତ୍ୟାଦୁ ସିତ୍ୟାଦୁ । ହେଲେ ନିଜ କଥା ପଚାରିଲେ ହସିଦେଇ କହୁଛି, ଭାଇ ଆମେ ହେଲୁ ଚଷା ଘର ପିଲା ବୋପା ସଉକରେ ପାଠ ପଢେଇବାପାଇଁ ସହର ପଠାଇଥିଲା, ପଢିଦେଲୁ, ହେଲେ ଜମିବାଡି କଥା ବୁଝିବ କିଏ ?

ଚାରିବର୍ଷରେ ରାଘବ ଜମା ବଦଳି ନଥିଲା, ସେଇ ଚଷାଘର ପିଲା, ଗରିବ ଲୋକ, ଆଉ ଜାତି ଜାତି କଥା, ଖାଲି ଯାହା ଚଢା ହୋଇଯାଇଥିଲା । ଅଧାରାସ୍ତାରେ ନଦୀ ଦେଖି ବିଜୟର ମନ ଆହୁରି ବିରକ୍ତି ଅନୁଭବ କରୁଥିଲା, କହିଲା ତୋ ଗାଁକୁ ଆସିବାକୁ ଏତେ କଷ୍ଟ ବୋଲି ଜାଣିଥିଲେ ଜମା ଆସିନଥାନ୍ତି । ନଈରେ ଅଣ୍ଟା ପର୍ଯ୍ୟନ୍ତ ପାଣିବୋଲି କହି ରାଘବ ବିଲମାଳ ଦେଇ ବୁଲେଇ ବୁଲେଇ ଅଳ୍ପପାଣିରେ ନେଇ ଯାଇଥିଲା ବିଜୟକୁ । ଜୋତା କାଳେ ତାର ଖରାପ ହୋଇଯିବ ବୋଲି ନିଜେ ମୁଣ୍ଡରେ ଧରି ନେଇଥିଲା ରାଘବ । ନଈ ଡେଇଁଲା ପରେ ପରେ ଆମ୍ବତୋଟା ଆଉ ତାପରେ ଆମ ଗାଁ ବୋଲି କହୁଥିଲା ରାଘବ । ବିଜୟ ହୁଁ ମାରୁଥିଲା । ଗାଁ ମୁଣ୍ଡ ହେଲାଣି, ଦୂରରେ ପିଲାମାନେ ଧୂଳିରେ ଖେଳୁଛନ୍ତି । ରାଘବ କହିଲା ତୁ ବ୍ୟାଗଟା ନେଇ ଘରକୁ ଯା, ମୁଁ ବିଲରୁ ହଳଧରି ଆସୁଛି । ସିଧା ଗାଁ ଭିତରକୁ ପଶିଯିବୁ, ଯୋଉ କିରାଣୀ ଦୋକାନ ଦେଖିବୁ ସେଇଠି ଯୋଉ କୋଠାଘରଟା ଦେଖିବୁ ସେଇଟା ଆମ ଘର ।

ବିଜୟ ବ୍ୟାଗ ଧରି ଚାଲିଲା । ଗାଁ ଭିତରଟା ଯେ କେତେ ଅସନା ସେ ଦେଖିନଥିଲା କେବେ । ସିଧାଯାଇ ରାଘବ କହିଲା ପରି କିରାଣା ଦୋକାନ ସାମନାରେ ଥିବା ଦିମହଲା କୋଠାଘରର କବାଟ ମାରିଲା । ଝିଅଟିଏ ଆସି କବାଟ ଖୋଲିଲା । ଘଡିଏ ଦେଖିବାପରେ ଚିହ୍ନିଲା ପରି କହିଲା, ବିଜୟ ଭାଇ ନମସ୍କାର । ବିଜୟ କହିଲା, ମୁଁ ବିଜୟ ଭାଇ ବୋଲି କେମିତି ଜାଣିଲ? ତୁମେ କିଏ ?

ସେ କହିଲା ମୋ ନାଁ ଲିନା । ରଘୁଭାଇ ସବୁବେଳେ ତୁମକଥା କହୁଥିଲା ତ ତେଣୁ ଜାଣିଦେଲି । ହେଲେ ଭାଇ ତୁମେ ଏତେ ବାଟ ଖୋଜି ଖୋଜି ଆମ ଘରକୁ ଚିହ୍ନି ଆସିପାରିଲ କେମିତି ? ଭାଇ ତ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କହୁଥିଲା ତୁମେ କେବେ ହେଲେ ଆମ ଗାଁକୁ ଆସିବନି ବୋଲି । ବିଜୟ ହସିଦେଇ କହିଲା, ମୁଁ କୋଉ ଜାଣିଥିଲି, ଯଦି ରାଘବ ନ ଆସିଥାନ୍ତା ବୋଇଲେ ମୁଁ ଏକ ତ ଘରକୁ ଫେରି ପଳାଇ ଥାନ୍ତି ନହେଲେ ସେ ଗାଁ ବସଷ୍ଟାଣ୍ଡରେ ଆଜି ରାତି କଟିଥାନ୍ତା ।

ଲିନା ଆଶ୍ଚର୍ଯ୍ୟର ସହିତ କହିଲା, -ରଘୁ ଭାଇ ଆସିଥିଲା ?

ହଁ- ବିଜୟ ଦୃଢତାର ସହ କହିଲା । ସେଇ ଏକା ମୁଣ୍ଡରେ ମୋ ବ୍ୟାଗ ଜୋତା ଧରି ଆଗରେ ଆଗରେ ଆସିଲା ବୋଲି ମୁଁ ତମ ଗାଁ ଦେଖିଲି, ନହେଲେ ମୁଁ କିଏ ଗାଁ କିଏ ? ସେ ଆମ୍ବ ତୋଟା ପାଖରେ ସେ ମୋତେ ଛାଡିଦେଇ ବିଲକୁ ଗଲା ବଳଦକୁ ବାନ୍ଧିବା ପାଇଁ । ଆସୁଥିବ ବୋଧହୁଏ ।

ଲିନା ନିର୍ବାକ ହେଇ ସବୁ ଶୁଣୁଥିଲା, ପରଦା ସେପାଖରେ ବୋଧହୁଏ ସାନ ଭଉଣୀ ରୁନି ଠିଆ ହେଇଥିଲା । ବିଜୟ କହିଲା, ଏମିତି ମୂର୍ତ୍ତି ଭଳିଆ ଠିଆ ହେଇଛୁ କଣ ଯା ପାଣି ଟିକେ ନେଇ ଆ । ମୁଣ୍ଡଟା ଧୋଇବି । ଭାରି ଭାରି ଲାଗୁଛି । ଲିନା ପୁଣିଥରେ ପଚାରିଲା, -ଭାଇ ସତରେ ଯାଇଥିଲା ତମକୁ ଆଣିବାକୁ ?

ବିଜୟ କିଛି ବୁଝିପାରୁନଥିଲା, -ହଁ ତ, ସେ ଏକା ମୋତେ ଗାଁ କୁ ନେଇ ଆସିଲା ।

ଲିନାର ଆଖିରେ ଦି ଧାର ଲୁହ ଦେଖି ସେ କହିଲା -କଣ ହେଲା କାନ୍ଦୁଛୁ କାହିଁକି ?

ଲିନା ନିରବର ସହିତ କାନ୍ଥରେ ଟଙ୍ଗା ହେଇଥିବା ଫୋଟ ଆଡକୁ ଆଙ୍ଗୁଠି ଦେଖାଇଦେଲା ।

ବିଜୟ ଚମକି ପଡିଲା । ସେ ଆଉ କିଛି ପଚାରିବା ପୂର୍ବରୁ କାନ୍ଥରେ ଧଳାଫୁଲମାଳ ଦିଆ ରାଘବର ଫୋଟୋ ଦେଖି ତା ଦେହରୁ ଝାଳ ବାହାରି ଯାଇଥିଲା । ବିଜୟ ନିରବରେ କାନ୍ଥ ଉପରେ ଟଙ୍ଗା ହେଇଥିବା ଫୋଟୋକୁ ଦେଖୁଥିଲା । ଲିନା କହିଲା, ଗଲା ବର୍ଷ ନଈରେ ବଢି ଆସିଥିଲା ବେଳେ ବଳଦକୁ ବଞ୍ଚାଇବାକୁ ଯାଇ ଭାଇ ନଈରେ ବୁଡିପଡିଲା ।

-ଗଲାବର୍ଷ ?- ବିଜୟ ଚମକି ପଡି କହିଲା । ତାହେଲେ ମୋତେ ଏଇ ଚିଠି କିଏ ଦେଇଥିଲା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ତୋ ବାହାଘର ହେଉଛି ବୋଲି ଏ ଚିଠି କିଏ ଲେଖିଛି । ଲିନା କହିଲା, ଗଲାବର୍ଷ ମୋ ବାହାଘର ପାଇଁ ସବୁ ଠିକ ହେଇଯାଇଥିବା ସମୟରେ ଭାଇ ଚାଲିଗଲା, ତାପରେ ଏବେ ମୋ ବାହାଘର ବର୍ଷେ ବିଳମ୍ବ ହେଇଯାଇଥିଲା । ହେଲେ ଏ ଚିଠି ତ ଆମେ ଦେଇନୁ ?

ବିଜୟର ମଥା ଘୁରେଇଦେଲା, ସେ କଣ ସବୁ ଶୁଣୁଛି ତାକୁ ବିଶ୍ୱାସ କରିବ ନାଁ ଏବେ ତାକୁ ଯିଏ ଆଣି ଗାଁ ମୁଣ୍ଡରେ ଛାଡିଦେଇଗଲା ତାକୁ ବିଶ୍ୱାସ କରିବ ସେ ଜାଣି ପାରୁନଥିଲା । ହେଲେ ସେ ନାହିଁ ବୋଲି ଲିନାର ବାହାଘରେ କାଳେ ତାକୁ ଭାଇର ଅଭାବ ଅନୁଭବ ହେବ ବୋଲି ବୋଧହୁଏ ରାଘବ ଡକାଇ ଆଣିଥିଲା ବିଜୟକୁ । ବିଜୟର ସବୁକଥା ଶୁଣିଲା ପରେ କାହାର ବି ମନରେ ତିଳେ ହେଲେ ସନ୍ଦେହ ନଥିଲା ଯେ ମୋ ସହିତ ଆଜି ଅପରାହ୍ନରେ ଗପ କରି ଗାଁ ପର୍ଯ୍ୟନ୍ତ ଆସିଥିବା ଲୋକଟା ପ୍ରକୃତରେ ରାଘବ ନଥିଲା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବ୍ୟଙ୍ଗ ବିଭାଗ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଏକା ଜଗନ୍ନାଥ ଭରସା

ଡଃ କୁଳାଙ୍ଗାର

ପୁଲିସି ମାମୁଁଙ୍କୁ ମାଓବାଦୀମାନେ
ଉଠେଇନେଲେ ହୋ ଭକତେ -
ଗାଳି ଦବା ଲୋକ ଖାଉ ଥାଉ ଗାଳି
ଧମାଧମ୍ ମାଡ ବରଷା,
ମନ୍ତ୍ରୀଙ୍କ ଉପରୁ ଆଶା ତୁଟିଲାଣି
ଏକ ଜଗନ୍ନାଥ ଭରସା ।

ମୁନିସିପାଲିଟି ବସ୍ତି ବାସିନ୍ଦାଙ୍କ
ଘର ଭାଙ୍ଗିଲା ହୋ ଭକତେ -
ନେତା ଫୋନରେ ଲୋକଙ୍କୁ ପିଟିଲା
କନେଷ୍ଟବଳ ଅଳପେଇଷା,
ବିଜେଡି ଶାସନେ ପୁଲିସି ଗୁଣ୍ଡାହେ
ଏକା ଜଗନ୍ନାଥ ଭରସା ।

ଟଙ୍କା ଫିଙ୍ଗିଦେଲେ ଗଧପିଲା ପାଏ
ଫାଷ୍ଟ କ୍ଲାସ୍ ହୋ ଭକତେ -
ମୂର୍ଖପିଲା ହୁଏ ଡାକ୍ତର ଯନ୍ତ୍ରୀ
ଫିଙ୍ଗି ଦେଇ ମୋଟ ପଇସା,
ଏ ଡାକ୍ତର ଯେବେ ସର୍ଦ୍ଦାରୀ କରିବେ
ଏକା ଜଗନ୍ନାଥ ଭରସା ।

ପେଟ୍ରୋଲ, ଡିଜେଲ୍ ରେଟ ବଢେଇ
ହରତାଳ କଲେ ନେତା ହୋ ଭକତେ -
ରାସ୍ତା ଜଗିଲେ, ଗାଳି ମନ୍ଦକରି
ବନ୍ଦ କରିଦେଲେ ଦିନ ଗୋଟାକର ବେଉସା,
ଦରଦାମ ଏବେ ନଦିଏ ଧରା ହେ
ଏକା ଜଗନ୍ନାଥ ଭରସା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବଡ ଶକ୍ତିଶାଳୀ ଆମ ଶକ୍ତିମନ୍ତ୍ରୀ
ଅତନୁବାବୁ ହେ। ଭକତେ -
ଖରାଦିନ ସାରା ବିଜୁଳି କାଟ
ବନ୍ଦ ହେଉନାହିଁ ହେଲା ପର ଯେତେ ବରଷା,
ବିଜୁଳିକି ମନ୍ତ୍ରୀ ଖାଇଗଲେ ବୋଧେ
ଏକା ଜଗନ୍ନାଥ ଭରସା ।

ନିଯୁକ୍ତି ପାଇବେ ହଜାର ହଜାର
ଟୋକା ଡାକ୍ତର ହେ। ଭକତେ -
ଧର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବ
ଦିହିଁଙ୍କର ବନ୍ଧୁ ପଡିଶା,
ଆକାଉଣ୍ଟ କମ ଉଚ୍ଛୁଳି ପଡିଲେ
ଏକା ଜଗନ୍ନାଥ ଭରସା ।

ଗାଁରୁ ସହର ନୂଆ ନୂଆ
ମଦଦୋକାନ ଖୋଲେ ହେ। ଭକତେ -
ଘଡେଇ ଭାଇଙ୍କ କୃପାରୁ ମଦୁଆ
ବାପକୁ ଡାକୁଚି ମଉସା,
ସେ ବାପପୁଅ ବିଧାନ ସଭାରେ
ଏକା ଜଗନ୍ନାଥ ଭରସା ।

ଓଡିଶା ରାଇଜେ କଂଗ୍ରେସ ଦଳରେ
ଦିହ ଖରାପ ହେ। ଭକତେ -
ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାର ଏଠେଇଁ
ସଭିଙ୍କି ସଭିଏଁ ଭରସା,
ରକ୍ତହୀନ ନେତା ବାଡିଆ ବାଡି ହେ
ଏକା ଜଗନ୍ନାଥ ଭରସା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ହୀରାକୁଦପାଣି ଲିଟର ଦରିଆ
ପାଉଚ୍ଚୁ ପରି ହୋ ଭକତେ -
କଂପାନୀ ମାନେ ନେଇ ଯାଉଛନ୍ତି
କାରଖାନା ପାଇଁ ସହସା,
ଖଣି ଖାଇ ଦେଲେ ନଇପାଣି ପିଇ
ଏକା ଜଗନ୍ନାଥ ଭରସା ।

କରଜରେ ଆସି କୋଟି କୋଟି ହୋଇ
ବିଶ୍ୱବ୍ୟାଙ୍କ୍ ଟଙ୍କା ହୋ ଭକତେ -
ଚାକିରିଆ ଭାଗ କରିନ୍ୟନ୍ତି ତାକୁ
ଦରମା, ଭତ୍ତା, ଘରଭଡା ପାଇଁ ପଇସା,
ଦରମା ସାଥିରେ କରଜ ବଢେ ହେ
ଏକା ଜଗନ୍ନାଥ ଭରସା ।

ଓଡିଆ ଲେଖକ ଛନ୍ଦ, ଶବ୍ଦ, ବୁଦ୍ଧି
ଅକଲ ହରା ହୋ ଭକତେ -
ଆଇଏଏସ୍‌ମାନେ ସାହିତ୍ୟକୁ କଲେ
ପାର୍ଟଟାଇମ ବେଉସା,
ସେ ସାହିତ୍ୟ ନୁହେଁ ଜନତାଙ୍କ ପାଇଁ ହେ
ଏକା ଜଗନ୍ନାଥ ଭରସା ।

କଂପାନୀଙ୍କ ପାଇଁ ଜମିଜମା ବୋଲି
ନେତାଙ୍କୁ ହେଉନି ନିଦ ହୋ ଭକତେ -
ମୁଖ୍ୟମନ୍ତ୍ରୀଙ୍କର ପୋସ୍କୋ ବିରୋଧିଙ୍କି
ପ୍ରତିଶ୍ରୁତି ହେଲା ଫପସା,
ମୁଖ୍ୟମନ୍ତ୍ରୀ ଯେବେ ପଟି ମାରିଲେ
ଏକା ଜଗନ୍ନାଥ ଭରସା ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ହେଁସ କାହିଁପାଇଁ ଧୋଇବା

ଶ୍ରୀମାନ୍ ଉମାଶଙ୍କର ପୁରୋହିତ (ମେଳକଣ୍ଟକ)

ଆଲୋ ତୁ ତ ମୁତୁରୀ ମୁଁ ତ ମୁତୁରୀ
ହେଁସ କାହିଁପାଇଁ ଧୋଇବା
ତୁ ପରା ଓଲ ମୁଁ ବଣ ସାରୁ
କୁଣ୍ଡେଇ କାଣ୍ଡେଇ ହୋଇବା – ୧

ମାଲୋ ମାଲୋ କଇଁଚ କାଢିଚି ବେକ
ହେଇଲୋ ହେଇଲୋ ତାର ରଙ୍ଗ ଢଙ୍ଗ ସବୁ ଦେଖ
ତୋର ଅଧେକୁ ମୋର ଅଧେ ଲୋ
ରାଧେ ରାଧେ ସବୁ କରିବା – ୨

ମାଲୋ ମାଲୋ ସ୍ୱାଧୀନ ହୋଇଛି ଦେଶ
ହେଇଲୋ ହେଇଲୋ ଆମରି ଦେଶର
କିଆବୁଦା ମୂଳେ ଗୋଇ ସାପ ଖସ ଖସ
ତୁ ଯେମିତି କି ମୁଁ ସେମିତି ଲୋ
ଗୁପୁଚୁପୁ ବସି ଖାଇବା – ୩

ମାଲୋ ମାଲୋ ଗାନ୍ଧୀ ବୁଢା ସିନା ମଲା
ହେଇଲୋ ହେଇଲୋ ଏବେ ଦେଶଯାକ ଖାଲି ପୋଲା
ଠାକୁର ଗିଳିଲେ ଖଟୁଳି ଗିଳିଲେ
ମନ୍ଦିର ଶେଷକୁ ଗିଳିବା – ୪

ମାଲୋ ମାଲୋ କେତେ ଜିରାବାଡି ଷଣ୍ଢ
ହେଇଲୋ ହେଇଲୋ ଦେଶଯାକ ଲଣ୍ଡ ଭଣ୍ଡ
ହେଲେ ବୁଲୁଥାନ୍ତି ଦାଣ୍ଡ ଦାଣ୍ଡ
ତୁ ତ ଭେଷିଡି ମୁଁ ତ ଭେଷିଡି
ଘୁଷୁଡି ଘୁଷୁଡି ଚାଲିବା – ୫

ସର୍ବସ୍ୱତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଆଲୋ ଅଫିସ ବାଡିରେ ଲାଞ୍ଚ
ଟାଉଟର ପରପଞ୍ଚ ନଦେଲେ କାଢିବେ ପେଞ୍ଚ
ତୁ ତ ଚୋରଣୀ ମୁଁ ତ ଚୋରଣୀ
ସିନ୍ଧିଗାତ ଯାଇ ଖୋଳିବା – ୬

ଆଲୋ ମା ତିଆରି ତା ଝିଅ
ବୁଲୁଅଛି ଧରି ପୁଅ
ଆଲୋ ମା ତ ଛୋଇଲି ଝିଅ ତ ଛୋଇଲି
ଗୁମର କାହାକୁ କହିବା – ୭

ଆଲୋ ପିନ୍ଧିବାକୁ ନାହିଁ କନା
ପେଟକୁ ତ ନାହିଁ ଦାନା
ତୁ ତ ପେଟେଇ ମୁଁ ତ ପେଟେଇ
ପେଟେଇ ପେଟେଇ ଖାଇବା – ୮

ଆଲୋ ବୁଢା ମାଙ୍କଡଙ୍କ ପଲ
କାଙ୍କଡ ବାଡରେ ହାଙ୍କଡ ଖାଆନ୍ତି
ହେଉଥାନ୍ତି ସଲ ସଲ
ତୁ ତ ଚତୁରୀ ମୁଁ ତ ଚତୁରୀ
ମାଙ୍କଡ ପଛରେ ଧାଇଁବା – ୯

ଆଲୋ ବଗ ବସିଥାଏ ଟାକି
ସୁଯୋଗ ମିଳିଲେ ଝଅଟ କରିଣ
ମାଛ ନେଉଥାଏ ଟେକି
ତୁ ତ ହଗୁରୀ ମୁଁ ତ ହଗୁରୀ
ଲେଟିନି କାହିଁକି ଛାଡିବା – ୧୦

ଆଲୋ ସଜନା ଗଛର ଛୁଇଁ
ସବୁ କହୁଥାନ୍ତି ନାଇଁ ନାଇଁ
ଦେଇ ପକେଇଲେ ଧରି ପକାଅନ୍ତି
ପାଟି ତୁଣ୍ଡ ଶୁଭେନାହିଁ
ଆଲୋ ତୁ ତ ଟିଙ୍କୁରୀ ମୁଁ ତ ଟିଙ୍କୁରୀ
ରକତ ଶୋଷିଣ ଖାଇବା – ୧୧

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଶିଶୁ ବିଭାଗ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଯେସାକୁ ତେସା

ଚନ୍ଦ୍ର ଶେଖର ବିଶ୍ୱାଳ

ସୁଧାକର ନାମରେ ଜଣେ ଧନୀ ମହାଜନ ବଳରାମପୁର ଗାଁରେ ରହୁଥିଲେ । ତାଙ୍କର ବହୁତ ସଂପତ୍ତି, ଜମିବାଡି, ଧନରତ୍ନ ଥିଲା । ସେ ଲୋକମାନଙ୍କୁ ସୁଧହାରରେ ଟଙ୍କା କରଜ ଦେଉଥିଲେ, ସେଇଥିପାଇଁ ତାଙ୍କ କଥା କାଟିବା ଲୋକ ଖଣ୍ଡମଣ୍ଡଳରେ କେହି ନଥିଲେ । ଆବଶ୍ୟକ ସମୟରେ ସୁଧାକର ହିଁ ସାହାରା ହେବେ ବୋଲି ତାଙ୍କୁ ସମସ୍ତେ ପଚାରୁଥିଲେ । ବଳରାମପୁର ଗୋଟିଏ ଚାଷୀ ଗାଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଧିକାଂଶ ଲୋକ ଚାଷ ବାସ ହିଁ କରନ୍ତି ।

ଥରକ କଥା, ସେ ବର୍ଷ ମରୁଡି ଦେଖା ଦେଇଥିଲା, ଅନେକ ଦିନଧରି ବର୍ଷାର ଦେଖା ମିଳିଲା ନାହିଁ, ଜମି ମେଲା ହେଇ ଆଁ କରି ଆକାଶକୁ ଚାହିଁଲେ । ଲୋକମାନେ ବର୍ଷାପାଇଁ ଚାତକ ଭଳିଆ ଚାହିଁ ରହିଲେ । ସେହି ଗାଁରେ ଥିଲା କେଶବ ନାମରେ ଜଣେ ଗରୀବ ଚାଷୀ । ସୁଧାକରଙ୍କ ପୋଖରୀ ତଳକୁ ଥିଲା ତା ଜମି, ତେଣୁ ସେ ମହାଜନଙ୍କୁ ନେହୁରା ହୋଇ କହିଲା ପୋଖରୀରୁ ଯଦି ଜଳଟିଏ ମିଳନ୍ତା ତେବେ ସେ ଚାଷ କରିପାରନ୍ତା । ମହାଜନ ଏକ ମାସ ପାଇଁ ପୋଖରୀକୁ କେଶବକୁ ଭଡା ସୂତ୍ରରେ ଦେବାପାଇଁ ଏକଶହ ଟଙ୍କା ଦାବୀ କଲେ, ଯାହା କେଶବ ଧାର ଉଧାର କରି ଦେଇପାରିଲା ।

ପରଦିନ ସକାଳୁ କେଶବ ପୋଖରୀରୁ ପାଣି ନିଜ କ୍ଷେତକୁ ବୁହାଉଥିବା ସମୟରେ ମହାଜନ ଆସି କହିଲେ ଯେ ସେ ପୋଖରୀକୁ ଭଡା ସୂତ୍ରରେ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଦେଇଛନ୍ତି, ପାଣି ନୁହେଁ । ପାଣି ଦରକାର ହେଲେ ଆଉ ଏକ ଶହ ଟଙ୍କା ଦେବାକୁ ହେବ । ବିଚରା କେଶବ ଏତେ ଟଙ୍କା କୋଉଠୁ ବା ଆଣିଥାନ୍ତା, ତେଣୁ ସେ ଗାଁ ମାଷ୍ଟରଙ୍କ ପାଖକୁ ଯାଇ ସବୁକଥା କହିଲା, ମାଷ୍ଟ୍ରେ ବିଜ୍ଞ ଲୋକ ତେଣୁ ସେ ଉପାୟ ପାଞ୍ଚିଲେ, ଆଉ ମହାଜନଙ୍କୁ ଡାକି କହିଲେ, ତୁମେ ଯେଉଁ ପୋଖରୀ କେଶବକୁ ଭଡା ସୂତ୍ରରେ ଦେଇଛ, ସେଥିରେ ଅଜସ୍ର ଦଳ ରହିଛି, ତୁମେ ତୁରନ୍ତ ତାହା କାଢିନିଅ, ନହେଲେ ପଞ୍ଚାୟତ ଡକାପାଇ ତୁମ ଉପରେ ଶାସ୍ତି ବିଧାନ କରାଯିବ । ଏହାପରେ ମହାଜନ ନିଜ ଭୂଲ ବୁଝିପାରିଲେ, ଏବଂ କେଶବକୁ ପୋଖରୀର ପାଣି ବ୍ୟବହାର କରିବାପାଇଁ ଅନୁମତି ଦେଲେ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆମ ଗାଁ ହାଲଚାଲ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆମ ଗାଁ ହାଲଚାଲ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମିତି ତ କେବେ ବି ହୋଇନଥିଲା ? ସନିଆ ପଧାନର ଦି ଦିଟା ବଳଦ ଦେଖୁ ଦେଖୁ ରୋଗରେ ପଡି ମରିଗଲେ । ବର୍ଷାଦିନ ଆସିବାକୁ ଆଉ ବା କେତେଦିନ ଅଛି, ସନିଆ ମୁଣ୍ଡରେ ହାତ ଦେଇ ବସିଲା । ଏସନ ବିଲରେ ଚାଷ କରିବାକୁ ଆଉ କୋଉଠୁ ବଳଦ ଆଣିବ ? ଗଲା ଦି ହପ୍ତାରେ ଗାଁରେ ଚାରିହଳ ଗୋରୁ ରୋଗରେ ପଡି ମରିଲେଣି । କଣ ହେଉଛି କେମିତି ହେଉଛି କିଏ କହି ପାରିଲେ ନାହିଁ । କେହି କେହି ଏହାକୁ ଗୋମଡକ ବୋଲି କହିଲେ । ଯାହାର ବି ବଳଦ ଥିଲା ସବୁ ଗାଁ ଛାଡି ଅନ୍ୟ ଆଡେ ନେଇ ଚାଲିଗଲେ । ସମସ୍ତଙ୍କ ମନରେ ଗୋଟିଏ ଭୟ, ଗାଁରେ ରହିଲେ ମରିବ ହିଁ ମରିବ ।

ଶିବ ଗଉଡ କହିଲା ଠାକୁରାଣୀ ରାଗିଛନ୍ତି । ନବାତ ପଣା, ନଡିଆ ଦିଆହେଲା, କିଛି ଦିନ ମାମଲା ଶାନ୍ତି ପଡିଲା, ଆଉ କାହା ବଳଦ ରୋଗରେ ପଡିନଥିଲା, ହେଲେ ପୁଣି ଥରେ ହରି ଓଡିଆର ବଳଦ ଦିଟା ଦେଖୁ ଦେଖୁ ରୋଗରେ ପଡିଲେ । ଗୁହାଳ ଘରେ ଧୂଆଁ ଦେଇ ନିମ୍ବ ପତ୍ରରେ ଲେପ ଦେବା ପରେ ବି ଦିଟା ଯାକ ସକାଳ ପାଇଲା ବେଳକୁ ଢୋ ।

ଧନୁ ଦିଗିତ କହିଲା ମତେ ଲାଗୁଛି କିଏ ଗୁଣି କରିଛି ।

ଗାଁ ମଣ୍ଡପ ପାଖରେ ସବୁ ବସିଥିଲେ, କାର୍ଜି କହିଲେ ଛେ, କି କଥା କହୁଛୁ, ଗୁଣି ? ତୋ ମୁଣ୍ଡ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଠିକ ଅଛି ତ ? ଗୁଣି ଗାରେଡି କିଛି ନାହିଁ । ଗୋମଡକ ପଡିଛି । ଆମ ଗୋସେଇଁ ବାପା ଅମଳରେ ଥରେ ଏମିତି ହୋଇଥିଲା ବୋଲି ମୋର ମନେ ପଡୁଛି ।

ସବୁ ଚୁପ ହେଇଗଲେ । ସଂଜ ହେଲାଣି, ପୋଖରୀ ତୁଠରେ ମନମାରି ବସିଥିଲା ସନିଆ ଓଡିଆ କହିଲା, ଧନୁ ଯାହା କହିଲା, ସବୁ ସତ । ବଳିଆ କହିଲା, ତୁ ପାଗଳ ହେଲୁ କି ରେ ? ଯୁଗ ଯାଇ କୋଉଠି ପହଞ୍ଚିଲାଣି ଆଉ କହୁଚୁ କଣ ଗୁଣି ହେଇଛି ?

ରାତିରେ କୋଠଘରେ ମୃଦଙ୍ଗ ଝାଞ୍ଜ ବଜାଇ ଭଜନା ଗାଉ ଗାଉ ହରି ଓଡିଆ ଆଖିରୁ ଦି ଧାର ଲୁହ ବହିଗଲା । ବରଷେ ହେଇନଥିଲା, ବଳଦ ଦିଟା ଯାଇ କନିଷି ହାଟରୁ ଆଣିଥିଲା, ଗଲା ଚାଷବାସ ହେଲା ବେଳକୁ ସବୁ ତାକୁ ମାଗିଯାଚି ନିଜ ନିଜ ବିଲକୁ ଚଷିଥିଲେ, ଏଥର ନିଜ ବିଲ ଚଷିବାକୁ ବଳଦ ନାହିଁ । ସବୁ ଚୁପଚାପ ଥିଲେ, ସନିଆ କହିଲା, ଯିଏ ଯାହା କହିଲେ କହୁ, ଗୁଣି ହେଇଛି । ମୋର ବଳଦ ଦିଟା ଖାଲିଟାରେ ମରିଗଲେ, ତୋର ମଲେ, ସମତଙ୍କର ମରୁଛନ୍ତି, ଏଇଟା କିଛି ରୋଗ ନାହିଁ ।

ଦିଓଳି ବିତିଗଲାଣି, ସବୁ ଗୁଣୁ ଗୁଣୁ ହେଉଛନ୍ତି ସିନା କେହି ସାହାସ କରି କିଛି କହୁନାହାନ୍ତି । ସଂଜ ବେଳକୁ ବନ୍ଧ ହୁଡାରୁ ହଠାତ୍ ଗୋଟେ ଘୋ କରି ଶବଦ ବାହାରିଲା । ଏକାଥରେ ଦଶବାର ଜଣ ମିଶି ଗାଁ ଆଡକୁ ଚାଲିଲେ । ମଣ୍ଡପ ପାଖରେ କାର୍ଜି କରଣ ବସିଥିଲେ, ଏହି ଭିଡ ଦେଖି କଣ ହେଲା ବୋଲି ପୁଚ୍ଛା କଲେ, ସନିଆ କହିଲା, ଆଜ୍ଞା, ଗାଁ ରେ ଯାହା ସବୁ ହଉଚି ସବୁ ପଛରେ ଗୁଣି ଗାରେଡି ହଉଚି । ନଇଲେ ବଳଦ ଗୁଡା ଏମିତି କେମିତି ମରିଯାଆନ୍ତେ ?

କାର୍ଜିଏ ହସି ଦେଇ କହିଲେ, ହଇ ରେ ପୁଣି ସେଇ କଥା ? କହିଲି ପରା ଗୁଣିଫୁଣି କିଛି ନାହିଁ । ହଇ ରେ ସୁନା ଭଳିଆ ଆମ ଗାଁ, ସାତ କୋଶ ଯାଏଁ ଏମିତିକା ଗାଁ କୋଉଠି ଦେଖିଚୁ ? କେବେ ଗାଁରେ ଗଣ୍ଡଗୋଳଟେ ହେବାର ଶୁଣିଚୁ ? କହିଲା ନା କଣ ଗୁଣି ହେଇଚି !

ସନିଆ କହିଲା, ଆଜ୍ଞା ମୋ ବଳଦ ମରିଚି, କିଏ ମାରିଚି ମୁଁ ଜାଣିବାକୁ ଚାହୁଁଚି । ଯିଏ ଗୁଣି କରି ମାରିଚି ମୋ ବଳଦ, ତାକୁ ଛାଡିବିନି ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କରଣ ନିରବରେ ଥିଲେ, କହିଲେ, କଣ ସବୁ ପାଗଳ ଭଳି କଥା ଗୁଡାକ କହିଯାଉଚୁ ? ଗାଁ ରେ କିଏ କାହିଁକି ତୋ ବଳଦ ଉପରେ ଦୃଷ୍ଟି ପକେଇବ ? ଏ ସବୁ ତୁଚ୍ଛା କଥା ମୁଣ୍ଡରୁ ବାହର କରେ । ଗାଁରେ ଶାନ୍ତିରେ ରହିବାକୁ ଇଚ୍ଛା ନାହିଁ କିରେ ? ହାଁ ଗାଁରେ ନାଟ ଲଗେଇବୁ ?

ସନିଆ ଚୁପ ହେଇଗଲା । ହେଲେ ହରି ଓଡିଆ କହିଲା, ଆଜ୍ଞା, ଥରେ ପରୀକ୍ଷା କରି ଦେଖିଦେଲେ କିସ ଯାଉଛି ? କିଏ କଣ କରୁଛି ସବୁ ଜଣା ପଡିଯିବନି ।

ତୁମ ମାନଙ୍କର ଯାହା ଇଚ୍ଛା ହେଉଛି କର ? ଆମେ ସବୁ ତ ମୂର୍ଖ ନା ? - କରଣେ ଉଠି ଚାଲିଗଲେ ।

ସେଇ ମଣ୍ଡପ ଉପରେ ବୈଠକ ବସିଲା, ସନିଆ କହିଲା, ସୋମାଧୋବାକୁ ଡାକିବା ସେ ଠିକ କହିବ । ସେଇଠୁ ବଳିଆ କହିଲା, ନାଇଁ ହେ, ସେଇଟା ମାନିବନି, ଦେଖୁନୁ କରଣ ଆଜ୍ଞା ମନା କରିଦେଇ ଚାଲିଗଲେ, ସେ ବି ମାନିବନି । ଆଜ୍ଞାଙ୍କ କଥାକୁ କାଟିବାକୁ ତା ଜିଭରେ ହାଡ ନାହିଁ । ଚାଲ କାଲି ସଅଳ ସଅଳ ହୁଗୁଳାପଟା ଯିବା, ସେଇଠୁ ଖଟବିଦ୍ୟା ଆଣି ଗାଁରେ ପରୀକ୍ଷା କରିବା ।

ଖଟ ବିଦ୍ୟା ?- ସନିଆ କହିଲା ।

ବଳିଆ କହିଲା, ଦେଖିଲେ ଜାଣିବୁ । ଭିଡି ଧରିଥିବେ ହେଲେ ବି ସେ ଖଟ ଟାଣି ହେଇ ଚୋର ଦୁଆରେ ଯାଇ ପହଞ୍ଚିଯିବ । ପୁରା ଷୋଳଅଣା ସତ କହିବ ।

ସକାଳୁ ସକାଳୁ ଦି ଜଣ ସାଇକେଲ ଧରି ମାଡିଗଲେ, ହୁଗୁଳାପଟା । ଗାଁଠୁ ବେଶୀ ହେଲେ ଦଶକୋଶ ବାଟ ହେବ । ଦିପହର ବେଳକୁ କଥାବାର୍ତ୍ତା ସାରି ଫେରିବେ । ସଂଜ ବେଳକୁ ସବୁ କୋଠ ମଣ୍ଡପ ଉପରେ ବସିଥିବା ସମୟରେ ସେମାନେ ଆସି ପହଞ୍ଚିଲେ । ସନିଆ ବାଟ ଅନେକଥିଲା, ଦେଖୁ ଦେଖୁ କହିଲା, କଣ ହେଲା, ଆସିବେ ବୋଲି କହିଲେ ସେମାନେ ?

ସାଇକେଲକୁ ଗଛପାଖରେ କରେଇ ଦେଇ, ବଳିଆ ଆସି କହିଲା, -ଆସିବେ ଯେ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

- ସେ ପୁଣି କଣ ?- ସନିଆ କହିଲା ।

ବଳିଆ କହିଲା, -ଚାରି ହଜାର ଟଙ୍କା ନେବେ ବୋଲି ବୋଇଲେ ।

- ଚାରି ହଜାର ? ସନିଆ ପାଟି ଆଁ କରି ରହିଗଲା । ହରିଆ କହିଲା, ଚାରି ହଜାରରେ ତିନି ହଳ ବଳଦ ଆସିବ, ଥାଉ ସେ ଖଟଫଟ । ଆମକୁ କି ଲୋଡା ସେ ସବୁ । ଯିବା ଜୀବ ଗଲେଣି । ଥାଉ ହେ । ସେ ଉଠି ଚାଲିଗଲା, ତା ଦେଖାଶିଖା ଆଉ ଦି ଜଣ ବି ଚାଲିଗଲେ ।

ସନିଆ ମଣ୍ଡପ ଉପରେ ସେମିତି ବସି ରହିଥିଲା । ଝିଅ ତାର ଆସି ଡାକିଲା, -ନନା, ଆ ଖାଇବୁ, ବୋଉ ଡାକୁଚି, ରାତି ହେଲାଣି । ସନିଆ ଉଠି ଚାଲିଗଲା । ପରଦିନ ସକାଳୁ ସକାଳୁ ସନିଆ ବଳିଆ ପାଖକୁ ଯାଇ କହିଲା, ତୁ ଯା, ଖଟ ଆଣିବୁ, ମୁଁ ପଇସା ଦେବି, କିଏ ନ ଦେଲେ ନାଇଁ ।

ଦିପହରକୁ କାର୍ଜିଏ ପୋଷ୍ଟ ଅଫିସ ଖୋଲିଲା ବେଳକୁ ସନିଆ ଆସି ତା ଟଙ୍କା କାଢିବ ବୋଲି କହିଲା । କାର୍ଜିଏ ଭାରି କାମିକା ଲୋକ, ଗାଁରେ କୁହାପୋଛା କରି ସବୁ ଲୋକଙ୍କ ଖାତା ଗୋଟେ ଗୋଟେ କରେଇ ଦେଇଛନ୍ତି, କିଏ ବଳଦ କିଣିବ ତ କିଏ ଘର ତୋଳିବ, କିଏ ଝିଅ ବିଦା କରିବ, ସେ ସବୁ ପାଇଁ କାର୍ଜି ସାହାରା । କାର୍ଜି କହିଲେ, -କିରେ କନିଷି ହାଟକୁ ଯାଉଛୁ କି (ବଳଦ କିଣିବା ପାଇଁ) ? ମୋ ପାଇଁ ହେଲେ ହଳଟେ ବୁଝି ଆସିବୁ, ଆର ହାଟ ବେଳକୁ ଯାଇ ମୁଁ ଆଣିବି ।

ସନିଆ ନିରବ ଥିଲା, ମାଷ୍ଟ୍ରେ ଟଙ୍କା ଦେଖି କହିଲେ, -ତୋ ଖାତାରେ ସମୁଦାୟ ଛ ହଜାର ସାତଶ ତିଲିରା ଅଛି । କହ କେତେ ନେବୁ ।

ସନିଆ କହିଲା, -ଚାରି ହଜାର ।

-କିରେ ହଳେ ବଳଦ ବେଶୀ ହେଲେ ଦେଢ ହଜାର ହେବ, ଚାରି ହଜାର କଣ କରିବୁ ?

ସନିଆ ମୁଣ୍ଡ ପୋତି କହିଲା, -ଆଜ୍ଞା ଖଟ ଆଣିବି ।

ସର୍ବସତ୍ତ୍ବ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

-ହେଁ, ଖଟ ଆଣିବୁ, କିରେ ତୋ ମୁଣ୍ଡ ଠିକ ଅଛି ତ ? ତୁଛାଟାରେ ଚାରି ହଜାର ପାଣିରେ ପକେଇବୁ । ହଇରେ ସେଇ ଟଙ୍କାଟା ଥିଲେ ଆଉ ଦି ବରଷରେ ତୋ ଝିଅର ହାତକୁ ଦିହାତ କରିବୁ ନା ଖଟ ଆଣି ନାଟ କରିବୁ ।

ସନିଆ ନିରବ ଥିଲା, କାର୍ଜିଏ କହିଲେ, -ତୋ ଟଙ୍କା, ତୋ ଇଛା । କାର୍ଜିଏ ଟଙ୍କା ବାହାର କରି ଦେଇଦେଲେ । ଦୁଇଦିନ ପରେ ଗୁରୁବାର ଅପରାହ୍ନରେ ଗୁଣିଆ ଆସି ପହଞ୍ଚିଲା, ସନିଆ ଘର ପିଣ୍ଡାରେ ଖଟ ଯୋଡାଗଲା । ସାଙ୍ଗରେ ଆଣିଥିବା ଚାରିଜଣ ହୃଷ୍ଟପୁଷ୍ଟ ଲୋକ ତାର ଚାରି ଖୁରାକୁ ଧରିଲେ । ଗୁଣିଆ କଣ ମନ୍ତ୍ର କଲା କେଜାଣି ସେମାନେ ଖାଲି ଧାଇଁବାକୁ ଲାଗିଲେ । ପୁରା ଗାଁ ଦାଣ୍ଡରେ ଖଟ ପ୍ରହସନ ଚାଲିଲା, ସଂଜ ହେଇ ଆସିଲାଣି, ଖଟ ଏମିତି ଧାଉଁଚି, ତାକୁ ଦେଖିବା ପାଇଁ ଖାଲି ଆମ ଗାଁ କଣ ଆଖ ପାଖ ସାତ ଆଠ ଖଣ୍ଡ ଗାଁ ଲୋକ ଜମା ହେଇଛନ୍ତି । ଖଟବିଦ୍ୟା ଆଣିଥିବା ଗୁଣିଆ ବାରମ୍ବାର ବିରକ୍ତି ଭାବ ପ୍ରକାଶ କରୁଥାଏ । ଏମିତି ଏମିତି ରାତି ହେଲା । ଗୁଣିଆ କହିଲା, କାଲି ସକାଳୁ ସକାଳୁ ଖଟ କାମ କରିବ ।

ପରଦିନ ସକାଳୁ ଗୁଣି ଗାଁ ଦାଣ୍ଡରେ ନଡିଆଭାଙ୍ଗିଲା, ଧୂପଦୀପ ଲଗେଇ ପୂଜା କଲା, ପୁଣି ଖଟ ଚାରିପାଖରେ କଣ କଣ ଗୁଣୁ ଗୁଣୁ ହେଇ ମନ୍ତ୍ର ବୋଲି ବୋଲି ଚାଲିଲା । ଖଟକୁ ଧରିବାପାଇଁ ଆମ ଗାଁ ଲୋକ ହିଁ ଦରକାର ବୋଲି ଗୁଣିଆ କହିଲେ ସୁଦ୍ଧା କେହି ମଙ୍ଗୁନଥିଲେ, ଗୁଣିଆ ନିର୍ଭୟ ଦେବାପରେ ବଳିଆ, ହରିଆ ଏମିତି ଚାରିଜଣ ଯାଇ ତା ଖୁରାକୁ ଧରିଲେ । ଗୁଣିଆ ମୁଣ୍ଡରେ ଗାମୁଛା ଭିଡିଲା, ହାତରେ ହଳିଆ ବାଡିଟେ ଧରି ଖଟକୁ ଅନେକ ନିର୍ଦ୍ଦେଶ ଦେଲା, ଦେଖୁ ଦେଖୁ ଖଟ ଚାଲିବାକୁ ଲାଗିଲା, ତାକୁ ଧରିଥିବା ଚାରିଜଣ ପୁଆନ ଲୋକଙ୍କୁ ଭିଡି ପକାଉଥିଲା, ଖଟ ଯେମିତି ଚାଲିଚି, ସେମିତି ତା ପଛେ ପଛେ ସବୁ ଧାଇଁଲେ, ଧାଇଁ ଧାଇଁ ସବୁ ନୟାନ୍ତ ହେଲେଣି, ଗାଁ କାହିଁ ପଛରେ ରହିଲାଣି, ଖଟ ଚାଲିଛି, ଶେଷକୁ ଯାଇ ପୋଖରୀ ହୁଡା ପାଖରେ ଅଟକି ଗଲା । ଗୁଣିଆ କହିଲା, ଯିଏ ବି ଗୁଣି କରିଛି ଏଇଠି ବସି କରିଛି ନିଶ୍ଚୟ । ହେଲେ ଜଣା କେମିତି ପଡିବ କରିଛି କିଏ ? ସେଇଟା ନ ଜଣା ପଡିଲେ ଏତେ ଖଟ ବୁଲେଇବାର କି ଲାଭ ?

ସେଇଠୁ ଖଟ ଧରି ଗାଁକୁ ଫେରିଲେ, ପୁଣି ଥରେ ପୂଜା ହେଲା, ପୁଣି ଥରେ ଖଟ ଚାଲିଲା, ସେଇମିତି ଧାଇଁ ଧାଇଁ ଯାଇ ପୋଖରି ହୁଡାରେ ହିଁ ଅଟକି ଗଲା । ଚାରି ଚାରି ଥର ଚେଷ୍ଟା କଲାପରେ ବି ଖଟ ସେଇମିତି ଯାଏ ଆଉ ବନ୍ଧହୁଡାରେ ଅଟକି ଯାଏ । ସଂଜ ହେଲା ଗୁଣିଆ କହିଲା, ମୋ କାମ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ସରିଲା ମୁଁ ଯିବି, ସନିଆ କହିଲା, କିଏ ଗୁଣି କରିଛି ନ କହି ଗଲେ କେମିତି ହେବ ? ଗୁଣିଆ କହିଲା, ପୋଖରୀ ତୁଠରେ ହିଁ ଗୁଣି ହେଇଛି, କିଏ କରିଛି ଖଟ କହିପାରୁନି । ଅଗତ୍ୟା କଥାଟା ବଟସା ଆଡକୁ ମୁହେଁଇଲା । ଗୁଣିଆ ଆଉ ସନିଆର କଥାକଟା କଟି ଯାଇ ମୁହଁ ଫଟା ଫଟିରେ ପହଞ୍ଚିଲା । ଗାଁ ଦାଣ୍ଡଟା ରଣକ୍ଷେତ୍ରରେ ପାଲଟିଲା, ଶେଷକୁ କାର୍ଜି କରଣ ବସି ମାମଲାର ଫଏସଲା କଲେ, ଖଟ ବିଦ୍ୟା ପାଇଁ ଆସିଥିବା ଗୁଣିଆ ଦୁଇହଜାର ନେଇ ନିଜ ଗାଁକୁ ଗଲା ।

କୋଠଘର ମଣ୍ଡପ ଉପରେ ବସି ବସି କରଣେ କହୁଥିଲେ, -ଦେଖିଲୁ ଖଟ ବିଦ୍ୟା? ହଇରେ ତୋ ମୁଣ୍ଡ ଖରାପ କିରେ ? ଆଁ । ଗାଁରେ କେତେ ଶାନ୍ତିରେ ରହୁଚ, ସାହି ଭାଇ, ସାଙ୍ଗସାଥୀ ହେଉଚ, କଣ ଗୋଟେ ଦିଟା ବଳଦ ମରିଗଲା ଯେ ତୁ ସମସ୍ତଙ୍କ ଉପରେ ସନ୍ଦେହ କରି ପକେଇଲୁ, ଛି ତୋ ବୁଦ୍ଧିକୁ ? ଏୟା ତୁମ ଗାଁ ପ୍ରତି ସମ୍ମାନ କିରେ ?

ସନିଆ କହିଲା, -ହେଲେ ଆଜ୍ଞା, ଖଟ ତ ଯାଇଥିଲା ନା, ପୋଖରୀ ହୁଡା ଯାଏଁ ପାଇଥିଲା ।

କରଣେ ହସି ହସି କହିଲେ, -ଖଟ ଠିକ ରୋଗଟା ଧରିଥିଲା, ବୁଝିଲୁ, ସକାଳୁ ସକାଳୁ ଯାଇ ଯୋଉ ବନ୍ଧ ହୁଡାରେ ମଳ ଛାଡି ଦେଇ ଆସୁଛ, ସେଇ ବନ୍ଧ ହୁଡାରେ ଘରର ମଇଳା ନେଇ ପକେଇ ଦେଉଛ, କିଏ ମଲାଗଲା ସବୁ କର୍ମକାଣ୍ଡ ସେଇ ପାଣିରେ କରୁଛ, ସେ ପାଣିରେ ଜୀବାଣୁ ହେବେନି ? ବାସ, ସେଇ ପାଣି ପିଇ ତୁମ ଗାଇଗୋରୁ ମରୁଛନ୍ତି । ଏଠି କିଛି ଗୁଣି ଗାରେଡି ନାହିଁ । ସବୁ ଗାଁ ଲୋକ ଏକାଠି ରୁଣ୍ଡ ହେଇଥିଲେ, ସବୁ ନିର୍ବାକ ମାଷ୍ଟ୍ରଙ୍କ କଥା ଶୁଣୁଥିଲେ, ରେଙ୍ଗୁନ୍ ବୁଢା କହୁଥିଲା, -ମାଷ୍ଟ୍ରେ ଯାହା କହୁଛନ୍ତି କାନିରେ ବାନ୍ଧିଦେ, ଜ୍ଞାନୀ ପୁରୁଷ ସେ, ମନା କରୁଥିଲେ, କାହିଁକି ତୁଛାଟାରେ ଏ ନାଟ ହାଟ କଲୁ, ଆଁ । ଦି ହଜାରେ ଗଣିଦେଲୁ ବାପ ଏବେ ମନ ଶାନ୍ତ ହେଲା ନା ? ନା ଆଉରି ପଇସା ରଖିଚୁ ଆଉ କିସ ନାଟ ଦେଖେଇବୁ ?

ଦିନସାରା ଖଟର ଖୁରା ଧରି ଧାଇଁ ଧାଇଁ ନୟାନ୍ତ ହେଇପଡିଥିବା ବଳିଆ କହିଲା, -ଯା ହଉଚି ହେଉ, ଖଟ ବିଦ୍ୟା କଣ ସଭେତେ ଦେଖି ପକେଇଲେ ।

ସନିଆ ମୁଣ୍ଡପୋଡି ତଳେ ବସିଥିଲା, ଅଣ୍ଟାରେ ଖୋସିଥିବା ଦିହଜାର ଟଙ୍କାଟା ଆଣି କାର୍ଜିଙ୍କୁ ଦେଇ କହିଲା, -ଆଜ୍ଞା ମୋର ଜ୍ଞାନ ହେଇଗଲା, ଆଉ ଏଇମିତି ଭୁଲ କେବେ ହେବନି । ମାଷ୍ଟ୍ରେ କହୁଥିଲେ କାଲେ ଗାଇଗୋରୁ ଡାକ୍ତରଙ୍କୁ ଡାକି ଗାଁକୁ ଆଣିବେ ବୋଲି ।

ସର୍ବସତ୍ତ୍ବ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପ୍ରବନ୍ଧ ବିଭାଗ



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଏକକ ପରିବାର (ନ୍ୟୁକ୍ଲିଆର ଫ୍ୟାମିଲି) ଆମର ଭବିଷ୍ୟତ !!!

ଆଜି ସନ୍ଧ୍ୟାରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ସି-ସିଟି ଆନୁକୂଲ୍ୟରେ ଆୟୋଜିତ ଏକ ସଭାରେ ମନ୍ତବ୍ୟ ଦେଇ ମୁଖ୍ୟ ବକ୍ତା ପ୍ରଫେସର ବହିଦାର କହିଲେ ଯେ ସଂପ୍ରତି ସମାଜରେ ଏକକ ପରିବାରର ଚଳଣୀ, କୌଣସି ଆଭିଜାତ୍ୟର ଅଂଶ ନୁହଁ ବରଂ ଏକ ନିଛକ ସତ୍ୟ । କାରଣ ଯୌଥ ପରିବାର ବୋଲି କିଛି ଆଉ ନାହିଁ, ଆଉ ଯେଉଁଠି ବି ଅଛି ସେ ସବୁ କାଳକ୍ରମେ ଏକକ ପରିବାରରେ ପରିଣତ ହୋଇଯିବେ ଏଥିରେ ସନ୍ଦେହ ନାହିଁ ।

ଏକକ ପରିବାର ଆମ ସମାଜର ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଉଠୁଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ଏକକ ପରିବାର ସଂପ୍ରତି ଆମର ଏକାନ୍ତ ଆବଶ୍ୟକ । ଜନସଂଖ୍ୟା ନିୟନ୍ତ୍ରଣରେ ଏକକ ପରିବାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯେହେତୁ ଆମେ ବିଶ୍ୱର ସବୁଠୁ ତୀବ୍ର ବେଗରେ ବୃଦ୍ଧି ହେଉଥିବା ଜନସମାଜ ତେଣୁ ଆମର ପରିବାରକୁ ଛୋଟ କରିବାର ସମୟ ଆସିଛି । ଯଦି ପରିବାର ଛୋଟ ହୁଏ ତେବେ ଯୌଥ ପରିବାରର ସତ୍ତା ହିଁ ରହିବ ନାହିଁ ।

ଏକକ ପରିବାରକୁ ଘୃଣ୍ୟ ଚକ୍ଷୁରେ ଦେଖୁଥିବା ସମାଜ ଏବେ ଯେ ନିଜେ ଏକକ ହେବା ଦିଗରେ ଅଗ୍ରଗାମୀ ଏହା ସମସ୍ତେ ଜାଣନ୍ତି । ମହାନଗର କଥା ଛାଡନ୍ତୁ ଦେଶର ଛୋଟ ବଡ ସମସ୍ତ ସହରରେ ଗଢିଉଠୁଥିବା ସୁଉଚ୍ଚ ଅଟ୍ଟାଳିକା ମାନଙ୍କରେ ଦୁଇଟି କିମ୍ବା ସର୍ବାଧିକ ତିନୋଟି ବଖରା ଥାଏ, ଏଥିରେ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଯୌଥ ପରିବାର ଚଳିବା ଅସମ୍ଭବ । ଜମିର ଦାମ ଦିନକୁ ଦିନ ଯେପରି ଭାବରେ ବଢି ଚାଲିଛି, ଘରଟିଏ କରିବା ପାଇଁ ଜମିଖଣ୍ଡେ ପାଇବା କେତେ କଷ୍ଟକର, ତାହା ଘର କଥା ଚିନ୍ତା କରୁଥିବା ପରିବାର ଜାଣିଥିବେ ନିଶ୍ଚୟ ।

ଯୌଥ ପରିବାରର ଭଲ ଓ ମନ୍ଦ ଉଭୟ ଦିଗ ଉପରେ ଚିନ୍ତା କରାଯାଉ, ଯୌଥ ପରିବାରରେ ମହିଳା ମାନଙ୍କ ଉପରେ କାମର ବୋଝ ଅଧିକ ରହୁଥିବା ଏବଂ ପରିବାର ମଧ୍ୟରେ ମହିଳା ମାନଙ୍କ ଦ୍ୱାରା ମହିଳାମାନେ ନିର୍ଯ୍ୟାତିତା ହେବ ଘଟଣା ସମସ୍ତେ ଜାଣନ୍ତି । ଏପରି କ୍ଷେତ୍ରରେ ଏକକ ପରିବାରରେ ମହିଳା ମାନେ କମ ନିର୍ଯ୍ୟାତନାର ଶୀକାର ହେବାସହ ନିଜର କର୍ମମୟ ଜୀବନକୁ ସୁଚାରୁ ରୂପରେ ଚଳାଇ ପାରୁଛନ୍ତି । ଆଗ କାଳରେ ଘରେ ବୁଢାବୁଢୀମାନେ ପିଲାମାନଙ୍କୁ ଗପସପ ଶୁଣାଇ ବ୍ୟସ୍ତ ରଖୁଥିଲେ, ଅଧୁନା ଯୁଗରେ ପିଲାମାନେ ଟିଭି ଓ କଂପ୍ୟୁଟର ଦ୍ୱାରା ସେ ଅଭାବକୁ ପୂରଣ କରିବା ଶିଖିଗଲେଣି ।

ନୈତିକତା, ପରିବାରର ନୈତିକ ଶିକ୍ଷା ! ନିଶ୍ଚୟ ଭାବେ ଅନେକ ଭାବନ୍ତି ଯେ ଯେଉଁ ସୁଶିକ୍ଷା ଯୌଥ ପରିବାରରେ ପିଲାମାନଙ୍କୁ ମିଳୁଥିଲା, ଏବେ ସେ ସବୁ ନାହିଁ, ଏହା ଉପରେ ବିଶେଷ ଚର୍ଚ୍ଚା କରିବା ପାଇଁ ଆହୁରି ଅନେକ ସମୟ ଆସିବ, କିନ୍ତୁ ସଂପ୍ରତି ଯେଉଁ ପରିମାଣରେ ଜନସଂଖ୍ୟା ବଢିଚାଲିଛି, ଆମକୁ ଏହା ଉପରେ ରୋକ ଲଗାଇବାକୁ ପଡିବ, ଛୋଟ ପରିବାର, ସୁଖୀ ପରିବାରର ଆହ୍ୱାନକୁ ସ୍ୱୀକାର କରିବାକୁ ପଡିବ । ଏକକ ପରିବାର ଉପରେ ହିଁ ନିର୍ଭର କରିବାକୁ ପଡିବ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପେଟ୍ରୋଲ୍ ଲିଟର୍ ୭୪ ଟଙ୍କା, କଣ କରିବ ଆମ ଆଦମୀ???

ଚଳିତ ବର୍ଷ ପ୍ରାରମ୍ଭରୁ ଅନେକ ସୂଚନା ମିଳୁଥିଲା ଯେ ଏହି ବର୍ଷ ଦରଦାମ ବୃଦ୍ଧିର ସମସ୍ତ ସୀମାପାର କରିଯିବ । ଅର୍ଥଶାସ୍ତ୍ରୀମାନେ ସୂଚନା ଦେଉଥିଲେ ଯେ ସମ୍ଭବତଃ ଏହି ବର୍ଷ ପେଟ୍ରୋଲର ଦାମ ଲିଟର ପିଛା ଏକଶହ ଟଙ୍କା ପର୍ଯ୍ୟନ୍ତ ହୋଇପାରେ । ଆଉ ବର୍ଷର ପ୍ରଥମ ଦୁଇ ସପ୍ତାହରେ ଏହାର ଦାମ ଆସି ପହଞ୍ଚିଗଲା ଅଠାବନ ଟଙ୍କାରେ । ବର୍ଷ ବଢୁ ବଢୁ ଦର ମଧ୍ୟ ହୁ ହୁ ହେଇ ବଢି ଚାଲିଲା । ସଂପ୍ରତି ଏହା ୭୪ ଟଙ୍କାରେ ପହଞ୍ଚିଲାଣି । ତା ହେଲେ ଶହେ ହେବାକୁ ଆଉ ବେଳ କେତେ ଲାଗିବ ?

ସରକାର ସବୁ ଚିନ୍ତା ମୁଣ୍ଡରୁ ଉଠେଇ ସାରିଛନ୍ତି । ବିଭିନ୍ନ ତୈଳ ଉତ୍ପାଦନକାରୀ କଂପାନୀ ମାନଙ୍କୁ ପେଟ୍ରୋଲର ଦରଧାର୍ଯ୍ୟ କରିବାପାଇଁ ସବୁ ସୁବିଧା ଯୋଗେଇ ଦେଇଛନ୍ତି । ସରକାର ସିନା ଆମ କଥା ଚିନ୍ତା କରିବେ, ବେସରକାରୀ କଂପାନୀ କାହିଁକି ଲୋକମାନଙ୍କ ହିତ କଥା ଚିନ୍ତା କରିବେ ଭଲା ?

ପେଟ୍ରୋଲ ଦର ବଢିଲେ ଗାଡିବାଲାଏ ଧାରଣା ଦେଇ ବସଭଡା ବଢେଇଦେବେ, ପରିବା ଦୋକାନୀ ମାନେ ପିଆଜ କିଲୋ ଷାଠିଏରେ ବିକୁଛନ୍ତି ଅଶୀରେ ବିକିବେ, ସବୁ ମହଙ୍ଗା ହେଇଯିବ, ଏ ସବୁରୁ ଲାଭ କାହାର ହେବ କେଜାଣି, କିନ୍ତୁ ଆମେ ମଧ୍ୟମବର୍ଗ ସବୁ ହରାଇବା । ଆମ ଦରମା ବଢିବ ନାହିଁ ।

ଯଦି ସରକାର ଦରଦାମ ବୃଦ୍ଧିକୁ ରୋକିବାରେ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଅସମର୍ଥ ତାହେଲେ ଏକ ସରକାରୀ କମିଟି ଗଠନ କରନ୍ତୁ, ପେଟ୍ରୋଲ ଦର ବଢିଲା ବେଳକୁ ସବୁ ବୈତନିକ କର୍ମଚାରୀଙ୍କୁ ମଧ୍ୟ ଭତ୍ତାର ବ୍ୟବସ୍ଥା କରନ୍ତୁ । ନହେଲେ ଚଳିବା ମୁସ୍କିଲ୍ । ମାସିକ ଦରମାର କିଛି ଅଂଶ ଯାହା ବି ଯିଏ ବି ସମର୍ଥ ହେଉଥିଲେ ସଂଚୟ କରି ରଖୁଥିଲେ, ଆଜିକାଲି ତାହା ଆଉ ସମ୍ଭବ ହେଲା ପରି ଦିଶୁନି । ଆଗାମୀ ଦିନରେ ଏହାଦ୍ୱାରା ଆମର ଆର୍ଥିକ ସ୍ଥିତି କଣ ହେବ ତାହା ଆମ ଆଖିକୁ ଅନ୍ତତଃ ଜଳ ଜଳ ହେଇ ଦିଶୁଛି ।

ଏହି ଅବସ୍ଥାରୁ ଆମକୁ ଯଦି କେହି ରକ୍ଷା କରିପାରିବେ ତା ହେଲେ ସେ ହେଉଛନ୍ତି ଭଗବାନ, ତେଣୁ ଆସ ସମସ୍ତେ ମିଶି ପ୍ରାର୍ଥନା କରିବା…

ଆହେ ଦୟାମୟ ବିଶ୍ୱବିହାରୀ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଜବତ ହେଉଥିବା ଅର୍ଥ ଯାଏ କେଉଁଆଡେ

ବିଭିନ୍ନ ସମୟରେ ସମ୍ବାଦପତ୍ରରେ ପୋଲିସ କିମ୍ବା ଅନ୍ୟ ସରକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରୁ ଅର୍ଥ ଜବତ ହୋଇଥିବା କଥା ଜାଣିବାକୁ ମିଳେ । ଅମୁକ ସ୍ଥାନରୁ ଜୁଆଡି ମାନଙ୍କ ପାଖରୁ ଅର୍ଥ ଜବତ ହେଲା, ସମୁକ ସ୍ଥାନରୁ ଗୁଣ୍ଡାମାନଙ୍କ ନିକଟରୁ ଅର୍ଥ ଜବତ ହେଲା ଇତ୍ୟାଦି ଇତ୍ୟାଦି । ଏହା ସୁଖବର ନିଶ୍ଚୟ ହେଲେ ସେହି ଜବତ ଅର୍ଥ ଯାଏ କେଉଁଆଡେ ? ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରିବା ସ୍ୱାଭାବିକ । ମୁଁ ବି ଜଣେ ଅଜ୍ଞ ଏହି ମାମଲାରେ ମୋର ବି ଜ୍ଞାନ ସୀମିତ । ତେଣୁ ମୁଁ ବି ଜାଣିବାକୁ ଚାହେଁ ଏହି ସବୁ ଜବତ ଅର୍ଥ ଯାଏ କେଉଁଠିକି ? ଏହା ଦ୍ୱାରା ହୁଏ କଣ ?

ଜବତ ଅର୍ଥରେ ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରିବ । ଯେଉଁ ଅଞ୍ଚଳରୁ ଏହି ଅର୍ଥ ଜବତ ହେଉଛି, ସେହି ଅଞ୍ଚଳରେ ଏହାକୁ ବିନିଯୋଗ କରାଯାଇ ଅନେକ ସୁକାର୍ଯ୍ୟ ସମାପନ ହୋଇପାରିବ । ଯେମିତି ବିଭିନ୍ନ ଅଞ୍ଚଳରେ ବିଧାୟକଙ୍କ ଦ୍ୱାରା ଉନ୍ନୟନ ପାଣ୍ଠି ମାନ ରହିଛି, ସେହିପରି ଏହି ଜବତ ଅର୍ଥରେ ଏକ ପାଣ୍ଠି ନିର୍ମାଣ କରାଯାଇପାରେ ଏବଂ ଏହାକୁ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରେ । ବିଭିନ୍ନ ଥାନା ବା ଫାଣ୍ଡି ଅନ୍ତର୍ଭୁକ୍ତ ଅଞ୍ଚଳରେ ଏହି ପରି ଏକକ ପାଣ୍ଠି ନିର୍ମାଣ କରାଯାଇପାରେ ।

ଏହାଛଡା ପ୍ରତିବର୍ଷ କେଉଁ ଅଞ୍ଚଳରୁ କେତେ ଅର୍ଥ ଆଦାୟ କରାଯାଇ ପାରିଛି ତାହାର ସଂପୂର୍ଣ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିବରଣୀ ସ୍ଥାନୀୟ ଜନ ସାଧାରଣଙ୍କୁ ଜଣାଇ ଦିଆଯାଇପାରେ । ଏହା ଦ୍ୱାରା ଲୋକମାନେ ଆଇନ ଓ କାନୁନ ବ୍ୟବସ୍ଥା ସ୍ୱଚ୍ଛତାର ନିଦର୍ଶନ ପାଇପାରନ୍ତେ ଏବଂ ଏହି ବ୍ୟବସ୍ଥା ଉପରେ ସେମାନେ ନିର୍ଭର କରିପାରନ୍ତେ ।

ଅନେକ ସମୟରେ ଚୋରୀ ଘଟଣାର ତୁରନ୍ତ ପରେ ପରେ ଚୋର ଧରାପଡ଼ିଥାନ୍ତି ଅଥଚ ସେମାନଙ୍କ ନିକଟରୁ ଜବତ ଅର୍ଥର ପରିମାଣ ଚୋରୀ ଅର୍ଥଠାରୁ ବହୁତ କମ ହୋଇଥାଏ, ଏହା ଅବଶ୍ୟ ଚୋରମାନଙ୍କ ଦ୍ୱାରା ଖର୍ଚ୍ଚ ଯୋଗୁଁ ହୋଇପାରେ, କିନ୍ତୁ ଅନେକ ସମୟରେ ତଦନ୍ତକାରୀ ପୋଲିସ ଅଧିକାରୀ ସେହି ଧନକୁ ବାଣ୍ଟିନେଉଥିବାର ଚର୍ଚ୍ଚା ବି ହୁଏ ।

ସଂପ୍ରତି ଭାରତରେ ଦୁର୍ନୀତି ବିରୁଦ୍ଧରେ ଅନେକ ପଦକ୍ଷେପ ନିଆଯାଇଛି । ଆନ୍ନା ହଜାରେ, ବାବା ରାମଦେବ, ସ୍ୱାମୀ ଅଗ୍ନିବେଶ, କିରଣ ବେଦୀ ପ୍ରମୁଖ ବ୍ୟକ୍ତିତ୍ୱମାନେ ସମାଜରୁ ଦୁର୍ନୀତିକୁ ଦୂର କରିବାପାଇଁ ଅନେକ ଚେଷ୍ଟା କରୁଛନ୍ତି । ଜନଲୋକପାଳ ବିଧେୟକ ଦ୍ୱାରା ସମାଜରୁ କଳାଧନ କାରବାର କରୁଥିବା ଲୋକ ମାନଙ୍କ ଉପରେ ଶିକୁଳୀ ବନ୍ଧା ଯାଇପାରିବ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆମ ଶିକ୍ଷା ବ୍ୟବସ୍ଥା ଦୁର୍ବଳ କାହିଁକି ?

ଆଜି ଗୁୁର୍ବାହ୍ନରେ ସାଧାରଣତନ୍ତ୍ର ଦିବସ ପାଳନ ପରେ ଜନୈକ ଅର୍ଥନୀତି ପ୍ରଧ୍ୟାପକଙ୍କ ସହ କିଛି ସମୟ ବାର୍ତ୍ତାଳାପ ସମୟରେ ଦେଶର ସାଂପ୍ରତିକ ସ୍ଥିତି ବିଷୟରେ ଗପୁ ଗପୁ କଥାଟା ଯାଇ ପହଞ୍ଚିଲା, ଯେ ଆମ ଶିକ୍ଷା ବ୍ୟବସ୍ଥାରେ କଣ ଅଭାବ ରହିଛି ।

ମୁଁ କହିଲି ବର୍ତ୍ତମାନ ସ୍କୁଲ ଶିକ୍ଷକମାନେ ଷଷ୍ଠ ବେତନ କମିସନ ଆଧାରରେ ବଢିଆ ଦରମା ପାଉଛନ୍ତି, ଅଥଚ ସ୍କୁଲର ଉପସ୍ଥାନ ଯେମିତି କି ସେମିତି ଆଉ ପରୀକ୍ଷାଫଳ ନ କହିବା ଭଲ । ସେଥିରୁ ସାର କହିଲେ, ଆମର ସରକାରୀ ସ୍କୁଲର ବାର୍ଷିକ ବଜେଟ୍ କେତେ ? କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ବଜେଟ ଆଉ ଆମ ସ୍କୁଲର ବାର୍ଷିକ ବଜେଟ ଦେଖିଲେ ଜାଣିବେ ଅଭାବ ରହୁଛି କେଉଁଠି । ଏହା ପରେ ଆଉ ଗୋଟିଏ କଥା ହେଲା ବର୍ଷତମାମ ସ୍କୁଲ ଶିକ୍ଷକ ମାନଙ୍କୁ ଶିକ୍ଷାଦାନ ବ୍ୟତୀତ, ଜନଗଣନା, ଆଉ କେତେ କଣ କାମରେ ଲଗାଇ ଦିଆଯାଉଛି, ସେମାନେ ପାଠ ପଢାଇବେ କେତେବେଳେ ।

ଘରୋଇ ବିଦ୍ୟାଳୟରେ ଶିକ୍ଷାଦାନର ମାନ ନିର୍ଦ୍ଧାରଣ ପାଇଁ କମିଟି ଥିବା ବେଳେ ଆମ ସ୍କୁଲରେ ଶିକ୍ଷକମାନେ କେତେ ପାରିବା ଲୋକ ତାହା ସମସ୍ତେ ଜାଣନ୍ତି । ଯେଉଁ ଶିକ୍ଷକମାନେ ଗାଁ ଗଣ୍ଡାରେ ରହିଲେ ସେମାନେ ଶିକ୍ଷାଦାନକୁ ଦ୍ୱିତୀୟ ସ୍ଥାନ ଦେଇ ପ୍ରଥମତଃ ଗାଁ ରାଜନୀତିରେ ମାତିଲେ, ବେଳେ ବେଳେ ପିଲା ମାନଙ୍କୁ ଟ୍ୟୁସନ ପାଇଁ ବାଧ୍ୟ କଲେ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଘରୋଇ ବିଦ୍ୟାଳୟ ମାନଙ୍କରେ ଅଧିକ ଫି ଦେଇ ସ୍ୱଚ୍ଛଳ ବର୍ଗର ପିଲାମାନେ ପଢିଲେ ତେଣୁ ସେଠାରେ ସେମାନଙ୍କ ନିମିତ୍ତ, ଖେଳ ଉପକରଣ, କଂପ୍ୟୁଟର, ଡ୍ରାମା ନାଟକ ସବୁ କରାଗଲା ଯାହା ଦ୍ୱାରା ସେମାନଙ୍କର ପରିପୂର୍ଣ୍ଣ ଉନ୍ନତି ହେଲା, ଅଥଚ ସରକାରୀ ସ୍କୁଲରେ ପଢୁଥିବା ପିଲାଙ୍କୁ ସେସବୁ ପ୍ରକାରର କୌଣସି ସୁବିଧା ମିଳିଲା ନାହିଁ, ସେଇଥିପାଇଁ ସେମାନେ ଭଲ ପରୀକ୍ଷାଫଳ କରିବେ ବୋଲି ଭାବିବା କେମିତି ? ସରକାର କହିଲେ, ଏତେ ପଇସା ଆସିବ କୋଉଠୁ ? ପ୍ରଧ୍ୟାପକ ବନ୍ଧୁ କହିଲେ, ରାଜ୍ୟର ସମସ୍ତ ମଦ ଦୋକାନରୁ ମିଳୁଥିବା ସରକାରୀ ଆୟକୁ ଯଦି ଠିକ କରିଦିଆଯାଏ, ତେବେ ଏଥିରେ ଆବଶ୍ୟକ ଅର୍ଥ ନିଷ୍ଚିତ ମିଳିପାରିବ ।

ଏମିତି ତ ଦେଖିଲେ ଅନେକ କାରଣ ଥାଇପାରେ, ତେଣୁ ଆପଣ ମାନେ କୁହନ୍ତୁ, ଆପଣଙ୍କ ମତରେ ଏହାର କାରଣ କଣ, ଏବଂ ନିରାକରଣର ଉପାୟ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଶିଶୁ ଶ୍ରମିକ ପ୍ରଥା ଓ ଆମେମାନେ

ସକାଳୁ ସକାଳୁ ଗଳି ପାଖ ଚା ଦୋକାନ ସାମନାରେ ବସି ବହୁତ ଆଡମ୍ବରର ସହିତ ଆମେ କହିଦେଉ ଏ କୁନା, ମୋ ସ୍ପେଶାଲ ଚା ଟା ଆଣେ ତା କଥାଟା ଅବଶ୍ୟ ସ୍ୱାଭାବିକ ଲାଗୁଥାଇପାରେ, କାରଣ ଏହା ଆମର ନିତିଦିନିଆ କାର୍ଯ୍ୟରୁ ଗୋଟିଏ ହୋଇଥାଇପାରେ । ଏଠାରେ କୁନା ନାମକ ଭୃତ୍ୟଟି ଯେ ଜଣେ ଅବୟସ୍କ ଏହା ଆମେ ସବୁବେଳେ ଅଣଦେଖା କରିଦେଇଥାଉ । ଅବଶ୍ୟ ବେଳେ ବେଳେ ସଭାସମିତିରେ କଥାଟିଏ ପଡିଲେ ଆହା ଚୁ ଚୁ କହିଦେଉ ଆଉ ଭାବୁ ଆମ କର୍ତବ୍ୟ ସରିଲା । କିନ୍ତୁ, ଆପଣ ଓଡିଶାର ବଡ ସାନ ଯେ କୌଣସି ସହର ବା ଗାଁକୁ ଯାଆନ୍ତୁ, ଏଇମିତି ଅନେକ ଶିଶୁ ବିଭିନ୍ନ ସଂସ୍ଥାରେ କାମ କରୁଥିବାର ଦେଖିବାକୁ ପାଇବେ ।

ସାଇକେଲ ମାର୍ଟ ହେଉ, ଅବା ଚା ଦୋକାନ, ବଡ ସାନ ହୋଟେଲ ହେଉ ଅବା ପାନ ଦୋକାନ, ରାସ୍ତା କଡରେ ବସି ଯୋତା ପଲିସ କରୁଥିବା ପିଲାଟି ହେଉ ଅବା ଟ୍ରେନରେ ଝାଡୁ ମାରୁଥିବା ପିଲାଟି ହେଉ, ସବୁଠି ଆପଣ ଦେଖିବାକୁ ପାଇବେ ଏଇମିତି ଅନେକ ଶିଶୁ ଶ୍ରମିକ ମାନଙ୍କୁ । ଆମେ ଏମାନଙ୍କୁ ଦେଖୁ ଅଥଚ ଅଣଦେଖା କରିବାର ଚିରାଚରିତ ପ୍ରଥାରେ ବାଟ ଭାଙ୍ଗି ଚାଲିଯାଉ ସିନା ଏମାନଙ୍କୁ ଏଇ ପରି କଠିନ ପରିଶ୍ରମ କରିବାରୁ ନିବୃତ କରିପାରୁନାହୁଁ ।

ନିକଟ ଅତୀତରେ ମୋର ଜଣେ ବନ୍ଧୁ ଏହିପରି ଏକ କୋମଳମତି ଶିଶୁକୁ ବୁଝାଉଥିଲେ ଯେ ସେ ଏ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବୟସରେ ପାଠ ପଢିବା ଦରକାର, କାମ ନାହିଁ । ସାମାନ୍ୟ ହସିଦେଇ ପିଲାଟି କହିଲା ପାଠ ପଢିବା ପାଇଁ ଟଙ୍କା କାହିଁ, ବନ୍ଧୁ ତତ୍‌କ୍ଷଣାତ ବୁଝେଇଦେଲେ ଯେ ସରକାର ମାଗଣାରେ ଶିକ୍ଷାଦାନ କରିବାପାଇଁ ବିଭିନ୍ନ ସ୍କୁଲ ଖୋଲିଛନ୍ତି, ପିଲାଟି ଏଥର ଗମ୍ଭୀର ଭାବେ କହିଲା, ଆଜ୍ଞା ପେଟରେ ଦାନା ପଡିଲେ ତ ପାଠ ମୁଣ୍ଡକୁ ଢୁକିବ ? ସତକଥା, ତୋ ବାପା କଣ କରୁଛି ବୋଲି ପଚାରିବା ପରେ କହିଲା ମୋ ବାପା ଦିନରେ ରିକ୍ସା ଟାଣୁଛି, ରାତିରେ ମଦ ପିଇ ଆମକୁ ମାରଧର କରୁଛି । ଆମେ ଭାଇଭଉଣୀ ମିଶି ପାଞ୍ଚଜଣ, ଖାଇବା ପାଇଁ ରୋଜଗାର ନାହିଁ ତେଣୁ ଏ ସବୁ କରିବାକୁ ପଡୁଛି ।

ବନ୍ଧୁ କୌତୁହଳ ବଶତଃ ପଚାରିଦେଲେ, ସରକାର ମାଗଣାରେ ଚାଉଳ ଦେଉଛନ୍ତି, ରୋଜଗାର ପନ୍ଥା ଦେଖାଇଛନ୍ତି, ହେଲେ ବି ତୁମେ ଗରୀବ ? ପିଲାଟି ହସିଦେଇ କହିଲା, ଆଜ୍ଞା ଟା ଥଣ୍ଡା ହେଇଗଲାଣି ।

ଏହା କେବଳ ଏକ ଘଟଣା ନୁହେଁ । ଏହା ଏକ ନିରାଟ ସତ୍ୟ, ସର୍ବ ଶିକ୍ଷା ଅଭିଯାନ ନାମରେ ବିଭିନ୍ନ ସ୍ତରରେ ସରକାରୀ ପ୍ରଚେଷ୍ଟାକୁ ସାଧାରଣ କେତେ ପରିମାଣରେ ସ୍ୱାଗତ କରିଛନ୍ତି ତାହା ସ୍ପଷ୍ଟ ଅନୁମେୟ । ଏଥିରେ ସରକାରଙ୍କ ଦୋଷ ନାହିଁ, ଦୋଷ ରହିଛି ଆମର ଚିନ୍ତନ ଶୈଳୀରେ, ଆମ କାର୍ଯ୍ୟକ୍ଷମତାରେ, ଆମ ଇଚ୍ଛା ଶକ୍ତିରେ ।

ଆମେ ଚାହିଁଲେ ଶିଶୁ ଶ୍ରମିକ ପ୍ରଥା ବନ୍ଦ ହେଇପାରିବ, ହେଲେ ଆମେ ଚାହିଁବା ନ ଚାହିଁବାରେ କିଛି ନାହିଁ । ଦୋକାନ, ହୋଟେଲ ମାଲିକ ମାନେ ଶିଶୁମାନଙ୍କୁ ରଖିବାକୁ ଖୁସି କାରଣ ଏମାନେ ନିଷ୍ଠାପର ଭାବେ କାମ କରନ୍ତି, ଆଉ ଦୈନିକ ମଜୁରୀ ୧୦ ରୁ ୨୦ ଟଙ୍କାରେ ଖୁସି ହୋଇଯାଆନ୍ତି । ଏମାନଙ୍କୁ ମାରଧର କଲେ ବି ସେମାନେ ବିରୋଧ କରନ୍ତି ନାହିଁ । ତେଣୁ ଯଦି ସମାଜରୁ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବାକୁ ହେବ ତେବେ ଆମକୁ ଆଗକୁ ଆସି ଏହାର ପ୍ରଚଳନକୁ ବିରୋଧ କରିବାକୁ ପଡିବ । ଯେତେଦିନ ପାଏଁ ଆମେ ଏହାର ବିରୋଧ କରିନାହୁଁ ସେତେଦିନ ପାଏଁ ଏହା ନିର୍ବିରୋଧ ଚାଲିଥିବ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ସୁରଥଯାତ୍ରା ଓ ଗଞ୍ଜାମର ଅର୍ଥନୀତି

ଆମ ରାଜ୍ୟର ଲୋକମାନେ ଯେତେବେଳେ ଅନ୍ୟ ରାଜ୍ୟକୁ କାମଧନ୍ଦା ଖୋଜିବାକୁ ବାହାରିଲେ ପ୍ରଥମେ ପ୍ରଥମେ କୋଇଲା ଖଣିମାନଙ୍କରେ ଖଟୁଥିଲେ, କେହି କେହି ଅନ୍ୟ ରାଜ୍ୟକୁ ଯାଇ ଇଟା ପୋଡୁଥିଲେ ତ କେଇ ଲୋକ ଅନ୍ୟ ରାଜ୍ୟରେ ଗୋତି ଶ୍ରମିକ ପରି ଖଟି ଖାଉଥିଲେ । ଅନେକେ ସୁଦୂର ଇରାନ ଆଉ ଇରାକରେ ଯାଇ ମଧ୍ୟ କାମ କରୁଥିଲେ । ଅନ୍ତତଃ ଗଞ୍ଜାମ ଜିଲ୍ଲାର ବେଗୁନିଆପଡା ବ୍ଲକରେ ତ ଶହ ଶହ ଲୋକ ଯାଇଥିଲେ ।

ବିଗତ ଶତାବ୍ଦୀର ଅଶି ଦଶକରେ ଆମ ଲୋକମାନେ ଆଉ ଗୋଟିଏ ସ୍ଥାନକୁ ସହଜରେ ଆପଣେଇ ନେଇଥିଲେ, ଆଉ ତାହା ଥିଲା ଗୁଜୁରାଟ ରାଜ୍ୟର ବୟନ ଶିଳ୍ପର ସହର ସୁରଥ ବା ଆମ ସାଧାରଣ ଲୋକଙ୍କ ଭାଷାରେ ସୁରାଟ । ବିଭିନ୍ନ ସୂତାକଳ ଓ ଲୁଗାକଳରେ ଆବଶ୍ୟକ ହଜାର ହଜାର ମଜଦୁର କେବଳ ଓଡିଶାର ଗଞ୍ଜାମ ଜିଲ୍ଲାରୁ ହିଁ ପାଇଥିଲେ ସେଠାକାର ଶିଳ୍ପପତିମାନେ । ଅତି କମ ମଜଦୁରୀରେ ଦିନରାତି ଖଟିବାପାଇଁ ରାଜିହେଉଥିବା ଶ୍ରମିକ ପାଇବାପରେ ଅଧିକରୁ ଅଧିକ ଲୋକଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ସୁରଥକୁ ନିଆଯାଇଥିଲା ।

ଗାଁରେ ରହି ଭିଟାମାଟିକୁ କାମୁଡିଧରି ବର୍ଷସାରା କ୍ଷେତରେ ଖଟିବାପରେ ବି ପାଞ୍ଚ ହଜାରଟେ ପାଉନଥିବା ଚଷାପିଲାଟେ ସୁରଥ ଯାଇ ମାସକୁ ପାଞ୍ଚ ହଜାର ପାଇଥିଲା, ଏହାଠୁ ଅଧିକ ଆଶା ବା କଣ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କରିପାରିବ ଜଣେ ନିରୀହ ଯୁବକ । ବାସ ଜଣକୁ ଦେଖାଶିଖା ଆଉ ପାଞ୍ଚଜଣ ଗଲେ । ଅବସ୍ଥା ଏମିତି ଯେ ବର୍ତ୍ତମାସ ସୁରଥରେ କାମ କରୁଥିବା ଅଧିକାଂଶ ମଜଦୁର କେବଳ ଓଡିଆ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସୁରଥପାଇଁ ଆମ ଅର୍ଥନୀତି ଯେ ଉନ୍ନତି କରିଛି ଏଥିରେ ଦୋରାୟ ନାହିଁ । ସାଧାରଣ ଗରୀବ ଚଷାଘର ପିଲେ ବି ଆଜିକାଲି ଦାମୀ ଘଣ୍ଟା ଆଉ ଗାଡି ଚଢିବା ସଉକ ପୂରଣ କରୁଛନ୍ତି । କେବେ କେମିତି ଗାଁକୁ ଆସିଲେ ଧୋବ ଫରଫର ଟର୍କିଜ ତୌଲିଆ (ଟୁବାଲ ବୋଲି ଗାଁରେ କହନ୍ତି) ପିନ୍ଧି ଆଖିରେ ଦାମୀ ଚଷମା, ହାତରେ ବଡ ଘଣ୍ଟା, ଆଉ ଦାମୀ ମୋବାଇଲ ଧରି ବୁଲୁଛନ୍ତି । ସେମାନଙ୍କର ରଙ୍ଗଢଙ୍ଗ ଦେଖି ଅନେକ ଅଭିଭାବକ ନିଜର ଏକୋଇର ବଳା ବିଶିକେସନ ମାନଙ୍କୁ ମଧ୍ୟ ଏକ ରକମ ବାଧ୍ୟ କଲେଣି ସୁରଥ ଯିବାପାଇଁ ।

କ୍ରମଶଃ

( ଏହାର ଆଗାମୀ ଭାଗ ଆସନ୍ତା ମାସରେ ପ୍ରକାଶ ପାଇବ )

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଭଜନ ବିଭାଗ



ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଗୋଡ ଯୋଡିକ ଥାଇ ବୋଇଲେ - ୨ଥର
ସତ ମୋ ବଚନ ରାମା ସତ ମୋ ବଚନ
ଜଗନ୍ନାଥଙ୍କ ଶରଧାବାଲି ଚାଲିବାରେ ମନ
କ୍ଷେତ୍ର ଯିବି ଆରେ ମୁଁ କ୍ଷେତ୍ର ଯିବି ।
ଜଗନ୍ନାଥଙ୍କର ଶରଧାବାଲି ନିତି ଚାଲୁଥିବି,
ମୁଁ କ୍ଷେତ୍ର ଯିବି (ଘୋଷା)

ହାତ ଯୋଡିକ ଥାଇ ବୋଇଲେ
ସତ ମୋ ବଚନ ରାମା ସତ ମୋ ବଚନ
ଜଗନ୍ନାଥଙ୍କର ଗରୁଡ ଖମ୍ବ କୁଣ୍ଢାଇବାରେ ମୋ
ମନ (ଘୋଷା)
ଆଖି ଯୋଡିକ ଥାଇ ବୋଇଲେ
ସତ ମୋ ବଚନ ରାମା ସତ ମୋ ବଚନ
ଜଗନ୍ନାଥଙ୍କ ଚକାଆଖି ଦେଖିବାରେ ମୋ ମନ
କ୍ଷେତ୍ରଯିବି ମୁଁ (ଘୋଷା)

କାନ ଯୋଡିକ ଥାଇ ବୋଇଲେ
ସତ ମୋ ବଚନ ରାମା ସତ ମୋ ବଚନ
ଜଗନ୍ନାଥଙ୍କ ଘଣ୍ଟମାଳ ଶୁଣିବାରେ ମୋ ମନ
ମୁଁ କ୍ଷେତ୍ର ଯିବି (ଘୋଷା)
ଜଗନ୍ନାଥଙ୍କର ଘଣ୍ଟମାଳ ନିତି ଶୁଣୁଥିବି,

ମୁଁ କ୍ଷେତ୍ର ଯିବି (ଘୋଷା)

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କାଳିଆ - କାଳିଆ - ଆ - କାଳିଆରେ - କାଳିଆ (୨ଥର)
ଏ ଜନମ ପରେ ଆର ଜନମକୁ କରିବୁ ମୋତେ ତୋ ଜମି ହଳିଆ
ଏତିକି ଅଳି ତୋ ପାଦ ତଳିଆ - କାଳିଆ ରେ କାଳିଆ - (୨ଥର)

ତୋ ଜମିରେ ଖଟାଇ ବଳ - ଯୋଗାଇବି ସରୁ ଚାଉଳ
ସେହି ଚାଉଳରେ ହୋଇବ ନିର୍ମାଲ୍ୟ - (୨ଥର)
ତାକୁ ପାଇ ଭକ୍ତ ହେବେ ବାଇଆ (ଘୋଷା)

ସଙ୍ଗେ ଘେନି ଭଉଣୀ ଭାଇ - ସୁଖେ ଅନ୍ନ ଭୁଞ୍ଜିବୁ ତୁହି
ଦୁଃଖ ବୁଝୁଥିବୁ ଦୁଃଖୀ ଜନଙ୍କର - (୨ଥର)
କରିଥିବୁ ମୋତେ ଗଳା ମାଳିଆ,
କାଳିଆରେ କାଳିଆ (ଘୋଷା)

ତୋର ଏହି ସେବାରେ ମୁହିଁ - ଦିନ ମୋର ଦେବି ବିତାଇ
ଏତିକି ଗୁହାରି ପାଦତଳେ ମୋର - (୨ଥର)
ଭୁଲି ନ ଯିବୁରେ ଜଗନ୍ନାଥିଆ
କାଳିଆରେ କାଳିଆ (ଘୋଷା)

ଏ ଜନମ ପରେ ଆର ଜନମକୁ କରିବୁ ମୋତେ ତୋ ଜମି ହଳିଆ
ଏତିକି ଅଳି ତୋ ପାଦ ତଳିଆ
କାଳିଆ ରେ କାଳିଆ (ଘୋଷା)

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବରେ
ମନ ପୁରୁଣା ହେବ, (୨ ଥର)
ମାରିବ ଶୂନ୍ୟ ଲହଡି ଥୟ ନୋହିବ
ମନ ଥୟ ନୋହିବ, (୨ ଥର)

ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ (ଘୋଷା)

ଉଇ ଚରିଗଲେ ଗଣ୍ଡି ବତାମାନ ଯିବ ଫିଟି
ବୋଇଲେ
ଉଇ ଚରିଗଲେ (୨ ଥର)
ଏଇ ଛାଉଣୀ ଉଡିଣ ଗଲେ କାଛ ପଡିବ
ଆରେ କାଛ ପଡିବ ମନ ।୧।

ରୁଅପାକ ଅଛି ଭରା ଟଳିଲେଣି ବେନି ଓରା
ବୋଇଲା
ରୁଅପାକ ଅଛି ଭରା
ଟଳିଲେଣି ବେନିଓରା- ଓ - ଓ
ଚମକି ପାଇଣ ପାରା ଉଡିଣ ଯିବ
ଆରେ ଉଡିଣ ଯିବ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କାହାକୁ ମୁଁ କରିବଇଁ ସାକ୍ଷୀ ହେ ଚକାଆଖି (ଘୋଷା)

ଡାକିଲେ ନାମ ଆରତେ ନଶୁଣ କିଂପା ତୁରିତେ
କି ବିଚାରି ହୃଦଗତେ ନ ତେର ଶ୍ରବଣ ପଥେ
ଜପି ନାମ କଣ୍ଠ ଗଲା ଶୁଖି ହେ ।୧। ଚକାଆଖି (ଘୋଷା)

ମୋ ଶେଷ ଘଟ ମାତର ତୁମ କୃପା ଅକୂପାର
ରଖିଛ ରଙ୍କ ଉଦର ତୃଷା ନ ରହଇ ମୋ
ହେଉଅଛ ନିଷ୍ଠୁର କାହିଁକି ହେ ।୨। ଚକାଆଖି (ଘୋଷା)

ନେବ ବୋଲି କିଛି ଲାଞ୍ଚ ମନେ କରିଅଛ ପାଞ୍ଚ
ସେ କଥା ମନରୁ ମଞ୍ଚ ବଳିଗଲା ମନ ସ୍ୱଚ୍ଛ
ଗୋପ ପୁରେ, ଆହେ ଗୋପ ପୁରେ
ପୟସର ଚାଖି ଚାଖି ହେ ।୩। ଚକାଆଖି (ଘୋଷା)

ପାଇ ନାନା ଉପବନ ହେବାରେ ହରଷ ମନ
ଅଳସ କି ଅପଘନ ଘାରିଲା ନିଦ୍ରା ନୟନ
ନ ଶୁଣୁଛ ସେ କାରଣୁ କିକି ହେ ।୪। ଚକାଆଖି (ଘୋଷା)

କହଇ ସାନନ୍ଦ ଦ୍ୱିଜ ଆହେ ପ୍ରଭୁ ଚତୁର୍ଭୁଜ
ଗଲାଣି କି ପୂର୍ବ ତେଜ ଦୁଃଖୀ ଦୁଃଖ ଯା ନ ବୁଝ
ହୋଇବାରୁ ପ୍ରଭୁ ହୋଇବାରୁ
ନୀଳାଚଳେ ତୁମେ ସୁଖୀ ହେ ।୫। ଚକାଆଖି (ଘୋଷା)

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଏକା ତୋ ଭକତ ଜୀବନ (୨ଥର)
ଭକତ ନିମନ୍ତେ ତୋର ଶଙ୍ଖ ଚକ୍ରେ ଚିହ୍ନ
ଶଙ୍ଖ ଚକ୍ରେ ଚିହ୍ନ,
ଏକା ତୋ ଭକତ ଜୀବନ -

ଭକତ ତୋ ପିତା ମାତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ
ନାମ କୃପାସିନ୍ଧୁ,
ଏକା ତୋ ଭକତ ଜୀବନ -

ଧେନୁ ପଛେ ପଛେ ବତ୍ସା ଗମେ କ୍ଷୀର ଲୋଭେ
ଭକତ ପଛରେ ତୁହି ଥାଉ ସେହି ଭାବେ
ଥାଉ ସେହି ଭାବେ,
ଏକା ତୋ ଭକତ ଜୀବନ -

ବାପା ମୋ ମୋଗଲ ପୁଅ ମା ମୋ ବ୍ରାହ୍ମଣୀ
ଏ କୁଳେ ଜନ୍ମିଲି ହିନ୍ଦୁ ନ ଛୁଏଁ ମୋ ପାଣି
ନ ଛୁଏଁ ମୋ ପାଣି,

କହେ ସାଲବେଗ ହୀନ ଜାତିରେ ଯବନ
ଶ୍ରୀରଙ୍ଗ ଚରଣ ବିନୁ ନଜାଣଇ ଆନ
ନ ଜାଣଇ ଆନ,

ଏକା ତୋ ଭକତ ଜୀବନ -

ସର୍ବସ୍ୱତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କାଳିଆ କାହ୍ନୁ  କାଳିଆ କାହ୍ନୁ
ଆଉ ବିଳମ୍ବ କର କାହିଁକି (୨ ଥର)

ବରଷକେ ଥରେ ବିଜୟ ରଥରେ
ପତିତ ତାରିବା ପାଇଁକି
ଆଉ ବିଳମ୍ବ କର କାହିଁକି ?

ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି
ଦର୍ଶନ କରିବା ପାଇଁକି
ଅନେକ କାଳର ଦୁଃଖ ଉପେକ୍ଷିବେ
କଳା ଶ୍ରୀମୁଖକୁ ଚାହିଁକି -
ଆଉ ବିଳମ୍ବ କର କାହିଁକି ?

ଆଗେ ଗଜପତି ଉଭା ହୋଇଛନ୍ତି
ଶିରେ ଯୋଡି କର ଦୁଇକି
ସୁନା ଶୋଧନିରେ ମାର୍ଜନା କରନ୍ତି
ପହଣ୍ଡି ବିଜୟେ ଭୂଇଁକି -
ଆଉ ବିଳମ୍ବ କର କାହିଁକି ?

ଅପଲକ ଦୃଷ୍ଟି କରରେ ମାନସ
ଆଉ ସମୟ ପାଇଁକି
ଗଉର ଚରଣେ ପଶିଲି ଶରଣ
ନନ୍ଦିଘୋଷ ରଥ ଛାଇକି -

ଆଉ ବିଳମ୍ବ କର କାହିଁକି ?

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ନୀଳ ଚକ୍ରେ ହେ ଦେଖ ଉଡୁଛି ବାନା
ପତିତ ପାବନ ନାମଟି ଯାର ନାଁ (୨ଥର) ନୀଳଚକ୍ରେ ହେ -

ଆସ ଆସ ବୋଲି ପାତକୀ ମାନଙ୍କୁ
ଡାକୁ ଅଛି ପରା ସଙ୍କେତ ଅନା,
ନେତ ଧ୍ୱଜାବର ଉଡି ଫରଫର
ଉଡାଇ ଦେଉଛି ଭବ ଯାତନା (୨ଥର) -

ପଞ୍ଚକୋଶ ଯାଏଁ ଜନେ ଦେଖାଯାଏ
ଦର୍ଶନେ କଳୁଷ ହୁଅଇ ଚୂନା,
ଚଉଦ ବ୍ରହ୍ମାଣ୍ଡ କରତାଙ୍କ ଲୀଳା
ଶଙ୍ଖ ନାଭି କ୍ଷେତ୍ରେ ବିଚିତ୍ର ସିନା (୨ଥର) -

ସଳଖ ସୁନ୍ଦର ବଡ ଦାଣ୍ଡ ଶୋଭା
ମର୍ତ୍ତ୍ୟ ମଣ୍ଡଳରେ କାହିଁ ଅଛି ନା
ଶରଧା ବାଲିରୁ ସ୍ୱର୍ଗଦ୍ୱାର ଯାଏଁ
ଗହଳ ଚହଳ ନୁହେଁ କଳନା (୨ଥର) -

ପାପଛତା ପୁରେ ବାସ କରିବାକୁ
ଯାହାକୁ ତାହାକୁ ନୁହଇଁ ମନା,
ଆଚାଣ୍ଡାଳ ବିପ୍ର ପଡ଼ିକେ ଭୁଞ୍ଜିବା
ବଡ ଆଚମ୍ବିତ ଲାଗଇ ସିନା (୨ଥର) -

ଗୌରଦ୍ୱିଜ ଭଣି ଶ୍ରୀ କ୍ଷେତ୍ର ରହଣୀ
ପାଇଁ କରୁଥାଇ ସଦା ଭାବନା,
ସତେ ହେବ ସାହା ବଳିଆର ବାହା
ସଂପୂର୍ଣ୍ଣ କରିବି ମନ କାମନା (୨ଥର) -

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଥକା ମନ ଚାଲ ଯିବା    ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ    ବେନି ନେତ୍ର ପଖାଳିବା (ଘୋଷା)

ବାଟରେ ବାଟ ମଙ୍ଗଳା    ଦେଖିବା ଅଠରନଳା
ପାଞ୍ଚମନ ଏକ ମେଳା    ନରେନ୍ଦ୍ରେ ସ୍ନାନ କରିବା ।୧।

ପହଞ୍ଚିବା ବଡ ଦାଣ୍ଡେ    ସେ ରେଣୁ ପାଇବା ତୁଣ୍ଡେ
ଛତା ତଳେ ରହି ଦଣ୍ଡେ    ସାଧୁଙ୍କ ସେବା କରିବା ।୨।

ସିଂହଦ୍ୱାରେ ଭିଡାଭିଡି    ବାଜୁଅଛି ବେତ ବାଡି
ଠେଲିଦେଇ ଯିବା ମାଡି    ଧକା ବାଜିଲେ ସହିବା ।୩।

ବାଇଶି ପାବଛେ ବିକା    କୈବଲ୍ୟ ହେଉଛି ଟଖା
ହାଣ୍ଡିକେ ପଡେ ସିଉକା    ମନରଙ୍କୀ ଛଡାଇବା ।୪।

ଗରୁଡ ପଛରେ ଦେଖ    ଦିଶୁଛି କଳା ଶ୍ରୀମୁଖ
କହଇ ସାରିଆ ଭିକ    ବଳରାମଙ୍କୁ କହିବା ।୫।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ
ଆମ୍ଭେ ଦର୍ଶନ କରିବୁ କାହାକୁ -(ଘୋଷା)

ଖୁଣ୍ଟିଆ ଡାକ ଦେଲେ ପହଣ୍ଡି ବିଜେ କଲେ
ବିଜୟ କର ପ୍ରଭୁ ଚାପକୁ - ୧

କୁଳବଧୂଙ୍କର ରତି ପଣ୍ଡାଏ ଗତା ଗତି
ବିଧାତା ବାମ ହେଲା ଓଡିଶାକୁ -୨

ବଡ ଦେଉଳୁ ବାହାରି ଶଗଡରେ ବିଜେ କରି
ରେଣୁ ଯେ ପଡୁଥିବ ଶ୍ରୀମୁଖକୁ - ୩

କହଇ ସାଲବେଗ ନିର୍ମାଲ୍ୟ କାହୁଁ ହେବ
ଧିକ ଧିକ ଏ ଆମ୍ଭ ଜୀବନକୁ - ୪

କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଆମ ସଂସ୍କୃତି



ସର୍ବସ୍ୱତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ତୁଳସୀ ମହାତ୍ମ୍ୟ

(ତୁଳସୀଙ୍କ ପୂର୍ବ ଇତିହାସ)

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି, ପୂର୍ବ କାଳରେ ଦାକ୍ଷିଣାତ୍ୟ ପ୍ରଦେଶେ ଧର୍ମଧ୍ୱଜ ନାମରେ ଜଣେ ମହାପ୍ରତାପଶାଳୀ ରାଜା ଥିଲେ । ତାହାଙ୍କର ସ୍ତ୍ରୀଙ୍କର ନାମ ଥିଲା ମାଧବୀ । ସେହି ରାଜା ବହୁକାଳ ତପସ୍ୟା କରି ଗୋଟିଏ କନ୍ୟା ପାଇଲେ । ତାହାକୁ ନାମ ଦେଲେ ତୁଳସୀ । ସେହି ବାଳିକାର ପିଲା ଦିନରୁ ଧର୍ମ ପ୍ରତି ଅନୁରାଗ ଥାଏ, ଖେଳା ଧୂଳା ସମୟରେ ନାରାୟଣଙ୍କ ପ୍ରତିମୂର୍ତ୍ତି କରି ଧୂପ ଦୀପ ଦେଇ ପୂଜା କରେ, ନାନା ପ୍ରକାରର ନୈବେଦ୍ୟ ଦିଏ , ଆରତୀ କରେ, ଭକ୍ତିରେ ପ୍ରଣାମ କରେ । ତାହାର ଯେତେବେଳେ ଉତ୍ତମ ବୁଦ୍ଧିହେଲା ଏବଂ ଯୌବନ ଉପସ୍ଥିତ ହେଲା, ସେତେବେଳେ ସେ ନାରାୟଣଙ୍କୁ ପତି ରୂପରେ ପାଇବା ପାଇଁ ଅରଣ୍ୟରେ ବ୍ରହ୍ମାଙ୍କୁ ତପସ୍ୟା କଲା । ବ୍ରହ୍ମା ତପସ୍ୟାରେ ସନ୍ତୁଷ୍ଟ ହୋଇ ତାହାର ସମ୍ମୁଖରେ ଉପସ୍ଥିତ ହେଲେ । ସେ ଦେଖିଲେ ବାଳିକାର ବାହ୍ୟଜ୍ଞାନ ନାହିଁ, ତନ୍ମୟ ହୋଇ ଧ୍ୟାନ ମଗ୍ନ ଅଛି । ସେ ନିଜ କମଣ୍ଡଳୁରୁ ଜଳ ସେଚନ କଲେ, ତାହାର ଧ୍ୟାନ ଭାଙ୍ଗିଲା, ଦେଖେ ସମ୍ମୁଖରେ ବ୍ରହ୍ମା ଦଣ୍ଡାୟମାନ, ତତ୍‌କ୍ଷଣାତ୍ ସାଷ୍ଟାଙ୍ଗ ପ୍ରଣାମ କରି ଠିଆହେଲା ।

ବ୍ରହ୍ମା କହିଲେ - ବତ୍ସ ! ବର ଗ୍ରହଣ କର । ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ ହୋଇଛି । ତୁଳସୀ ନାରାୟଣଙ୍କୁ ପତିରୂପେ ପ୍ରାର୍ଥନା କଲେ । ବ୍ରହ୍ମା କହିଲେ - ଦେଖ ତୁଳସୀ ତୁମେ ପୂର୍ବେ ଗୋଲୋକରେ ଥିଲ, ସେଠାରେ ଗୋପୀ ରୂପରେ କୃଷ୍ଣଙ୍କ ନିକଟରେ ରହିଥାଅ, କିନ୍ତୁ ହଠାତ୍ ଶ୍ରୀମତି ରାଧା ସେଠାରେ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଉପସ୍ଥିତ ହୋଇ ତୁମକୁ ଅଭିଶାପ ଦେଲେ - ତୁମେ ମର୍ତ୍ତ୍ୟରେ ମାନବୀ ରୂପେ ଜନ୍ମ ହୁଅ । କାରଣ ସୁଦାମା ଗୋପ ତୁମ ପ୍ରତି ଅଭିଳାଷୀ ଥିଲା । ସେହି ସୁଦାମା ମର୍ତ୍ତ୍ୟରେ ଦାନବ ହୋଇ ଜନ୍ମ ହେବ । ସେ ବର୍ତ୍ତମାନ ଶଙ୍ଖଚୂଡ ଭାବରେ ପରିଚିତ, ସେ ଦେବତା ମାନଙ୍କୁ ଯୁଦ୍ଧରେ ପରାଜିତ କରିଛି । ବର୍ତ୍ତମାନ ସେ ବିଜୟ ଗର୍ବରେ ଗୋଟିଏ ସ୍ତ୍ରୀ ରତ୍ନଲାଭ କରିବା ପାଇଁ ଭ୍ରମଣ କରୁଛି । ସେ ତୁମ ନିକଟକୁ ଆସିଲେ ତାହାକୁ ପତିରୂପରେ ବରଣ କର, ତଦ୍ୱାରା ତୁମର ମନୋବାଞ୍ଛା ପୂରଣ ହେବ । କାରଣ ପରେ ନାରାୟଣଙ୍କୁ ପତିରୂପେ ଲାଭ କରି ପାରିବ ।

ଏହା କହି ପିତାମହ ବ୍ରହ୍ମା ସେଠାରୁ ଅନ୍ତର୍ହିତ ହେଲେ । ଶଙ୍ଖଚୂଡ ବ୍ରହ୍ମାଙ୍କ ବରରେ ଅଜୟ ହୋଇ ସମଗ୍ର ପୃଥିବୀକୁ କଂପାଇ ରଖିଛି । ଦେବଗଣ ଦୈତ୍ୟ ଭୟରେ ଆତ୍ମଗୋପନ କରି ବନ, ପର୍ବତ ଅରଣ୍ୟରେ ବୁଲୁଛନ୍ତି । ବ୍ରହ୍ମା ଶଙ୍ଖଚୂଡକୁ ଏହି ବର ଦେଇଥିଲେ ଯେ, ତୋ ସାଧ୍ୱୀ ପତ୍ନୀର ଧର୍ମ ନାଶ ହେଲେ, ତୁ କାଳ ଗ୍ରାସରେ ପତିତ ହେବୁ, ନଚେତ୍ ଏପରି କୌଣସି ବୀର ନାହିଁ ଯେ ତୋତେ ହତ୍ୟା କରି ପାରିବ ।

ଦୈତ୍ୟ ଶଙ୍ଖଚୂଡ ବୁଲି ବୁଲି ତପସ୍ୟାରତ ତୁଳସୀଦେବୀଙ୍କ ନିକଟରେ ଉପସ୍ଥିତ ହେଲେ । ସେ ସେହି ଅରଣ୍ୟରେ ସୁନ୍ଦରୀ ଯୁବତୀକୁ ଦେଖି ବିବାହର ପ୍ରସ୍ତାବ ଦେଲେ । ତୁଳସୀ ବ୍ରହ୍ମାଙ୍କ ଆଦେଶ କ୍ରମେ ଶଙ୍ଖଚୂଡର ଗଳାଦେଶରେ ବରମାଲ୍ୟ ପ୍ରଦାନ କଲେ ଏବଂ ଦୁହେଁ ପତି ପତ୍ନୀରୂପେ ରାଜଧାନୀକୁ ଗମନ କଲେ ।

ଶଙ୍ଖଚୂଡର ଉତ୍ପୀଡନରେ ଦେବଗଣ ଅସ୍ଥିର ହୋଇ ତାହାର ପ୍ରତିକାରାର୍ଥେ ବିଷ୍ଣୁଙ୍କର ଶରଣ ଗଲେ, ବିଷ୍ଣୁ ଦେବତା ମାନଙ୍କୁ ଅଭୟ ଦେଇ କହିଲେ - ତୁମ୍ଭେମାନେ ନିର୍ଭୟରେ ରୁହ, ଶୀଘ୍ର ସେହି ଦୁଷ୍ଟ ଅସୁର ଶଙ୍କରଙ୍କ ଶୂଳଘାତେ ବିନଷ୍ଟ ହେବ। ଦେବଗଣ ଚାଲିଗଲେ । ଏଣେ ବିଷ୍ଣୁ ଛଦ୍ମବେଶରେ ଶଙ୍ଖଚୂଡର ବିଜୟମାଲ୍ୟ ଗ୍ରହଣ କଲେ, ତେଣେ ଶଙ୍ଖଚୂଡ ସଙ୍ଗେ ଦେବତାମାନଙ୍କର ଭୀଷଣ ସମର ଆରମ୍ଭ ହେଲା । ଏପରି ତୁମୁଳ ଯୁଦ୍ଧ ହେଲା ଯେ ସତେକି ପୃଥିବୀ ପ୍ରଳୟ ହୋଇଯିବ ଏହି ଆଶଙ୍କା କଲେ । ସେହି ସମୟରେ ବିଷ୍ଣୁ ସେ ଅସୁରର ଛଦ୍ମବେଶ ଧରି ତାହାର ଘରେ ତୁଳସୀ ନିକଟରେ ଉପସ୍ଥିତ ହେଲେ । ତୁଳସୀ ସ୍ୱାମୀକୁ ଯୁଦ୍ଧ କ୍ଷେତ୍ରରୁ ଅକ୍ଷତ ଦେହେ ପ୍ରତ୍ୟାବର୍ତ୍ତ ଦେଖି ଆନନ୍ଦ ହେଲେ, ବିଷ୍ଣୁଙ୍କୁ ସ୍ୱାମୀ ଜ୍ଞାନରେ ଗୃହାଭ୍ୟନ୍ତରକୁ ନେଇ ଯଥାବିଧି ସତ୍କାର କଲେ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ବିଷ୍ଣୁ ଯଥା ସମୟରେ ତୁଳସୀର ଧର୍ମ ନାଶ କଲାରୁ ତାହାର ସନ୍ଦେହ ହେଲା, ସେ ରତି ଶଯ୍ୟାରେ ଶଙ୍ଖଚୂଡ ରୂପୀ ବିଷ୍ଣୁଙ୍କର ପରିଚୟ ଜାଣିବା ପାଇଁ ଇଚ୍ଛା କଲେ । ବିଷ୍ଣୁ ନିଜ ସ୍ୱରୂପରେ ପରିଚୟ ଦେଇ କହିଲେ, ମୁଁ ବିଷ୍ଣୁ । ଦେବତା ମାନଙ୍କ ହିତ ପାଇଁ ମୋତେ ପତି ରୂପରେ ପାଇବାକୁ ପ୍ରାର୍ଥନା କରିଥିଲେ, ସେହି ଅଭିଳାଷ ଏବେ ପୂର୍ଣ୍ଣ କଲି ।

ତୁଳସୀଙ୍କ ସତୀତ୍ୱ ନାଶ ହେବା ହେତୁ ଶ୍ରୀମହାଦେବ ଭୀଷଣ ତ୍ରିଶୂଳାଘାତରେ ଶଙ୍ଖଚୂଡର ବକ୍ଷ ବିଦାରଣ କଲେ, ଅସୁର ସମର କ୍ଷେତ୍ରରେ ଭୀଷଣ ଗର୍ଜନ କରି ପ୍ରାଣତ୍ୟାଗ କଲା । ମହାଦେବ ତ୍ରିଶୂଳ ଦ୍ୱାରା ସେହି ଦାନବକୁ ସମୁଦ୍ରରେ ନେଇ ଫିଙ୍ଗି ଦେଲେ । ସେହି ଶଙ୍ଖଚୂଡର ଅସ୍ଥି ଦେବପୂଜା ନିମିତ୍ତ ଶଙ୍ଖ ରୂପେ ପରିଣତ ହେଲା । ସେହି ଶଙ୍ଖ ଧ୍ୱନୀ ଯେତେ ଦୂରଯିବ ସେତେ ଦୂର ପର୍ଯ୍ୟନ୍ତ ସ୍ଥାନ ପବିତ୍ର ଓ ନିର୍ମଳ ହେବ ।

ଏଣେ ତୁଳସୀ ସ୍ୱାମୀର ମୃତ୍ୟୁ ବୃତ୍ତାନ୍ତ ଶୁଣି ଅତ୍ୟନ୍ତ କ୍ରୋଧରେ ବିଷ୍ଣୁଙ୍କୁ ଅଭିଶାପ ପ୍ରଦାନ କଲେ । ସେ କହିଲେ ତୁମ୍ଭେ ବିନା ଦୋଷରେ ମୋର ପତିର ପ୍ରାଣ ବିନାଶ କରିଅଛ, ସୁତରାଂ ତୁମ୍ଭର ହୃଦୟ ପାଷାଣ ଠାରୁ ଆହୁରି କଠିନ, ଅତଏବ ତୁମେ ପାଷାଣ ହୁଅ । ବିଷ୍ଣୁ ହାସ୍ୟ କରି କହିଲେ - ପ୍ରିୟେ ! ତୁମର ଅଭିଶାପ ମୁଁ ଆନନ୍ଦରେ ଗ୍ରହଣ କଲି । ତୁମେ ମୋର ନିତ୍ୟାଶକ୍ତି ମଧ୍ୟରେ ଅନ୍ୟତମ । ଶଙ୍ଖଚୂଡ ସହିତ ତୁମ୍ଭର ଯେ ପରିଣୟ, ତାହା ବାଜିକର ପରି । ମୁଁ ତୁମର ଅଭିଶାପରେ ପାଷାଣ ହୋଇ ଶାଳଗ୍ରାମ ରୂପେ ତୁମ୍ଭ ସହିତ ନିତ୍ୟ ବାସ କରିବି । ତୁମ୍ଭର ଏହି ଦେହ ଗଣ୍ଡକୀ ନଦୀ ରୂପରେ ପରିଣତ ହେବ, ମୁଁ ସେଥିରେ ଶାଳଗ୍ରାମ ଶିଳା ରୂପେ ଅବସ୍ଥାନ କରିବି । ତୁମ୍ଭର କେଶ ଗୁଡିକ ଅର୍ଚ୍ଚା ବୃକ୍ଷ ରୂପେ ପରିଣତ ହେବ । ସେହି ବୃକ୍ଷର ପତ୍ର ଓ ମଞ୍ଜରୀ ସବୁ କାଳରେ ମୋର ପ୍ରିୟ ହୋଇ ରହିବ ।

ତୁଳସୀମାଳା ମୋ ଭକ୍ତ ମାନଙ୍କର କଣ୍ଠ ଭୂଷଣ ହେବ । ତୁମ୍ଭେ ଶ୍ରୀ ବୃନ୍ଦାବନରେ ଏବଂ ସର୍ବତ୍ର ସେହି ବୃକ୍ଷ ରୂପରେ ପୂଜିତ ହେଉଥିବ । ମୁଁ ନିରନ୍ତର ତୁମ୍ଭକୁ ମସ୍ତକରେ ବହନ କରିବି । ଯିଏ ସଚନ୍ଦନ ତୁଳସୀ ମୋର ମସ୍ତକରେ ପ୍ରଦାନ କରିବ, ତାହାର ସୌଭାଗ୍ୟ ବର୍ଣ୍ଣନାତୀତ ହେବ । ସେହି ଅବଧି ତୁଳସୀର ମହିମା ଜଗତେ ବ୍ୟାପି ରହିଛି । ତୁଳସୀ ସାକ୍ଷାତ୍ ବିଷ୍ଣୁଙ୍କୁ ପ୍ରଦାନ କରିବାରେ ସମର୍ଥ । ଅତଏବ ତୁଳସୀଙ୍କ ମହିମା ଅବଗତ ହୋଇ ତାହାଙ୍କର ଆନୁଗତ୍ୟରେ ବିଷ୍ଣୁ ଆରାଧନା କଲେ ସକଳ କାର୍ଯ୍ୟ ସିଦ୍ଧ ହୁଏ ।

ସୌଜନ୍ୟ - ଶ୍ରୀକୃଷ୍ଣଚୈତନ୍ୟ ମିଶନ ଦ୍ୱାରା ପ୍ରକାଶିତ ଶ୍ରୀ ଏକାଦଶୀ ମାହାତ୍ମ୍ୟ ଓ ଶ୍ରୀ ତୁଳସୀ ପୁସ୍ତିକାରୁ ଉଦ୍ଧୃତ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ପବିତ୍ର ଶାମ୍ବ ଦଶମୀର ଇତିହାସ

ପୌଷ ଶୁକ୍ଳପକ୍ଷର ଦଶମୀ ଦିନକୁ ଶାମ୍ବ ଦଶମୀ ଭାବରେ ପାଳନ କରାଯାଏ । ଏହି ଦିବସଟି ସୂର୍ଯ୍ୟଙ୍କ ପୂଜା ନିମିତ୍ତ ଉଦ୍ଦିଷ୍ଟ ।

ଇତିହାସ

ପୌରାଣିକ କଥାବସ୍ତୁ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଦେଖିବାକୁ ଅତ୍ୟନ୍ତ ସୁନ୍ଦର ଥିଲେ, ଏଣୁ ସେ ଗର୍ବି ହୋଇଯାଇ ବଡ ମାନଙ୍କୁ ସମ୍ମାନ ଦେବା ଭୁଲିଯାଇଥିଲେ, ଥରେ ନାରଦଙ୍କୁ ସେ ଅପମାନିତ କରିବାପରେ ନାରଦ ଶ୍ରୀକୃଷ୍ଣଙ୍କ ନିକଟରେ ଅଭିଯୋଗ କରି କହିଲେ ଯେ ଶାମ୍ବ ଲୁଚିଛପି ଶ୍ରୀକୃଷ୍ଣଙ୍କ ଗୋପୀଙ୍କ ସହ ପ୍ରେମକଳାକୁ ଦେଖୁଛନ୍ତି, ଏଥିରେ କ୍ଷୁବ୍ଧ ଶ୍ରୀକୃଷ୍ଣ ଶାମ୍ବଙ୍କୁ ଅଭିଶାପ ଦେଇ କୁଷ୍ଠରୋଗୀ କରିଦେଲେ । ଶାମ୍ବ ନିଜ ସୁନ୍ଦର ରୂପକୁ ହରାଇ କୁରୂପୀ ହୋଇଗଲେ ।

ଶାମ୍ବଙ୍କ ଅବସ୍ଥା ଦେଖି ନାରଦଙ୍କ ମନ ତରଳିଗଲା ଏବଂ ସେ ଶାମ୍ବଙ୍କୁ ଉପଦେଶ ଦେଲେ ସେ ଯାଇ ମୈତ୍ରେୟ ବନରେ ସୂର୍ଯ୍ୟଙ୍କୁ ପୂଜା କରନ୍ତୁ । ଶାମ୍ବ ମୈତ୍ରେୟ ବନରେ ବାରବର୍ଷ କାଳ ତପସ୍ୟାକରି ସୂର୍ଯ୍ୟଙ୍କୁ ପୂଜା କଲେ, ଏବଂ ଏଥିରେ ସନ୍ତୁଷ୍ଟ ହୋଇ ଶାମ୍ବଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ । ଏହି ଦିବସକୁ ଶାମ୍ବ ଦଶମୀ ଭାବରେ ପାଳନ କରାଯାଏ ।

ମୈତ୍ରେୟ ବନ ଭାରତର ପୂର୍ବରେ ଅବସ୍ଥିତ ଓଡିଶା ରାଜ୍ୟର ଚନ୍ଦ୍ରଭାଗା ସମୁଦ୍ର ଉପକୂଳ ନିକଟସ୍ଥ କୋଣାର୍କ ବୋଲି ଜଣାପଡିବାପରେ ଓଡିଶାର ପ୍ରସିଦ୍ଧ

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହ ଦେବ ତ୍ରୟୋଦଶ ଶତାବ୍ଦୀରେ ସେଠାରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ନିର୍ମାଣ କରାଇଥିଲେ ।

ଏହି ଦିନ ଚନ୍ଦ୍ରଭାଗା କୂଳରେ ବୁଡ ଦେଲେ ସମସ୍ତ ପ୍ରକାର ରୋଗରୁ ମୁକ୍ତି ମିଳେ ବୋଲି ପ୍ରଥା ରହିଛି । ତେଣୁ ଶାମ୍ବ ଦଶମୀ ଦିନ ଚନ୍ଦ୍ରଭାଗାଠାରେ ଏକ ମେଳାର ଆୟୋଜନ ହୁଏ, ସେଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଆସି ଭୋରରୁ ସମୁଦ୍ରରେ ବୁଡ ପକାଇଥାନ୍ତି ।

ଓଡିଆ ନାରୀମାନେ ଏହି ଦିନ ଉପବାସ ପାଳନ କରି ଦିନର ତିନିଟି ପ୍ରହରରେ ସୂର୍ଯ୍ୟଙ୍କୁ ବନ୍ଦାପନା କରନ୍ତି, ବିଭିନ୍ନ ପ୍ରକାରର ପିଠାପଣା ତିଆରି କରନ୍ତି । ଏହି ଦିନ ବିଭିନ୍ନ ପ୍ରକାରର ଶିମ୍ବଜାତୀୟ ଉପାଦାନ (ମେଟର, ଝୁଡୁଙ୍ଗ, ଅଲଡି, ବିନ୍ସ, ଶିମ୍ବ, ଇତ୍ୟାଦି) ପକାଇ ଏକ ସ୍ୱତନ୍ତ୍ର ତରକାରୀ ହୁଏ ଯାହାକୁ ଘଡଘଡା ତରକାରୀ ବୋଲି କୁହାଯାଇଥାଏ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ବିଶେଷ ସୂଚନା

ଆହ୍ୱାନ ପତ୍ରିକା ସମସ୍ତ ଓଡ଼ିଆ ପାଠକ ପାଠିକାଙ୍କ ପାଇଁ ପ୍ରତ୍ୟେକ ମାସରେ ପ୍ରକାଶିତ ହୋଇ ଆସୁଛି । ଏଥିରେ ଆମେ ଲୋକପ୍ରିୟ ଲେଖକ, ଲେଖିକା ମାନଙ୍କ ସମେତ ନୂତନ ଲେଖକ ମାନଙ୍କୁ ଉତ୍ସାହିତ କରିବାର ପ୍ରଚେଷ୍ଟା କରୁଛୁ ।

ଓଡ଼ିଆ ଭାଷାରେ ସାହିତ୍ୟ ପ୍ରତି ଅନୁରାଗ ଦିନକୁ ଦିନ କମ ହେବାରେ ଲାଗିଛି । ପୁସ୍ତକ ବିକ୍ରେତା ମାନେ ମଧ୍ୟ କହନ୍ତି ଓଡ଼ିଆ ପତ୍ରିକାର ବିକ୍ରୀ ବିଗତ ଦଶନ୍ଧିରେ କମ ହୋଇଛି । ଏହା ସହିତ ଓଡ଼ିଆ ଭାଷାରେ ଲେଖା ଲେଖି କରିବାର ଇଚ୍ଛା ମଧ୍ୟ କମ ହେବାରେ ଲାଗିଛି । ଯେଉଁ କେତେଜଣ ଲେଖକ ଲେଖିକା ନିଜର ସାମାନ୍ୟ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି, ସେମାନେ କୌଣସି ପ୍ରକାରେ ପତ୍ରପତ୍ରିକା ଛାପି ନିଜ ଲେଖା ସେଥିରେ ପ୍ରକାଶିତ କରୁଛନ୍ତି ଆଉ ନିଜ ଭିତରେ ହିଁ ତାହାକୁ ବାଣ୍ଟି ପଢନ୍ତି । ଲାଭକ୍ଷତିର ହିସାବ ରଖିବା ପାଇଁ ସାହାସ କେହି କରନ୍ତି ନାହିଁ ।

ଏହିପରି ଏକ ସମୟରେ ଓଡ଼ିଆ ଭାଷାରେ ଲେଖାଲେଖି କରୁଥିବା କିଂବା ସାହାସ କରୁଥିବା ନୂଆ ଲେଖକ ମାନଙ୍କୁ ଆମେ ପ୍ରୋତ୍ସାହିତ କରିବା ବିଧେୟ । କାରଣ ଏପରି ନହେଲେ ଆଗାମୀ ଦିନରେ ଓଡ଼ିଆ ଭାଷାରେ ଲେଖା ଲେଖି କରୁଥିବା ଲୋକଙ୍କ ସଂଖ୍ୟା ଜମା ରହିବ ନାହିଁ ।

ଆହ୍ୱାନର ମୂଳଲକ୍ଷ୍ୟ ହିଁ ହେଉଛି ଓଡ଼ିଆ ଭାଷାର ପ୍ରୋତ୍ସାହନ, ତେଣୁ ଆପଣଙ୍କ ଲେଖା ଆମ ପାଖକୁ ନିଷ୍ଚୟ ଭାବେ ପଠାନ୍ତୁ ।

ଧନ୍ୟବାଦ ।

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।

# ଲେଖା ପଠାଇବେ କେମିତି ?

ଆମ ଏହି ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବା ପାଇଁ ଇଚ୍ଛୁକ ଲେଖକ ଲେଖିକାମାନେ ନିଜ ଦ୍ୱାରା ଲିଖିତ କୃତିକୁ ସଫା ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ବନାନରେ ଏବଂ ହସ୍ତାକ୍ଷରରେ ଲେଖି ପଠାଇଲେ ତାହା ଆମେ ଆଗାମୀ ସଂସ୍କରଣରେ ପ୍ରକାଶ କରିବୁ । ଯଦି ଆପଣ ଚାହାନ୍ତି ତେବେ ଆପଣଙ୍କ ଲେଖାକୁ ଓଡ଼ିଫୋନ ଓଡ଼ିଆ ଟାଇପିଂ ସଫ୍‌ଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ ।

ଆମ ନିକଟକୁ ଲେଖା ପଠାଇବା ପାଇଁ ଆପଣ ଡ଼ାକ ଦ୍ୱାରା ପଠାଇପାରିବେ, କିମ୍ବା ଲେଖାକୁ ସ୍କାନ କରି ଜେପିଇଜି (ଜେପିଜି) ଫର୍ମାଟରେ ଆମ ଇମେଲ ଠିକଣାରେ ପଠାଇ ପାରିବେ । ଯଦି ଫାକ୍ସ କରିବାକୁ ଚାହୁଁଛନ୍ତି ତେବେ ଆମକୁ ଫୋନ କରନ୍ତୁ ।

ଆମର ଠିକଣା -

**ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ବୀମାନଗର, ଆମ୍ବପୁଆ
ବ୍ରହ୍ମପୁର, ୭୬୦୦୧୦
ଓଡ଼ିଶା
ଫୋନ - ୯୮୬୧୯୬୨୧୬୦
୯୦୪୦୯୮୫୪୬୩
ଇ-ମେଲ - aahwaan@gmail.com

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।




For Websites in Odia Trust Us Only

www.odiaguru.com

ଆହ୍ୱାନ ଇ-ପତ୍ରିକା ଏବଂ ୱେବସାଇଟ୍ ରେ
ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

୯୮୬୧୯୬୨୧୬୦ / ୯୦୪୦୯୮୫୪୬୩

ସର୍ବସତ୍ତ୍ୱ ସଂରକ୍ଷିତ, ସଂପାଦକଙ୍କ ବିନା ଅନୁମତିରେ ଏହି ପତ୍ରିକାର କୌଣସି ପୃଷ୍ଠା ବା ଅନୁଚ୍ଛେଦର ନକଲ କରିବା ଦଣ୍ଡନୀୟ ଅପରାଧ ।